


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 320 | ଭାଗ ୩୨ | ସଂଖ୍ୟା ୩୨୦ | Bhubaneswar | Thursday 13 February 2025 | Page 8 Rs. 4.00 | ● ଭୁବନେଶ୍ୱର ଗୁରୁବାର ୧୩ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


ରାଜ୍ୟରେ ପୋଶ୍ ଆଇନ କାର୍ଯ୍ୟକାରିତା ନେଇ ସମୀକ୍ଷା

## ପୋଶ୍ ଆଇନ ଅନ୍ୟାୟ ବିରୋଧୀ, ପୁରୁଷ ବିରୋଧୀ ନୁହେଁ



- ଅଧ୍ୟକ୍ଷତା କଲେ ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷା
- ଭାଗନେଲେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗର ନୋଡାଲ ଅଧିକାରୀ
- କାର୍ଯ୍ୟକ୍ଷେତ୍ରରେ ଆଭ୍ୟନ୍ତରୀଣକମିଟି ଓ ପ୍ରତି ଜିଲ୍ଲାରେ ଆଞ୍ଚଳିକ କମିଟିକୁ ଗୁରୁତ୍ୱ

**ଭୁବନେଶ୍ୱର, ୧୨।୨ (ସଂଚାର ବ୍ୟୁରୋ):** ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷା ବିଜୟା ରାହତକରଙ୍କ ଦୁଇଦିନିଆ ଗସ୍ତର ଦ୍ୱିତୀୟ ଦିନରେ ଆଜି ମହିଳା ଓ ଶିଶୁ ବିକାଶ ଏବଂ ଜାତୀୟ ମହିଳା ଆୟୋଗର ସହଭାଗିତାରେ ରାଜ୍ୟରେ 'କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡ଼ନ ନିରୋଧ ଆଇନ' (ପୋଶ୍)ର କାର୍ଯ୍ୟକାରିତା ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଶ୍ରୀମତୀ ରାହତକର ଅଧ୍ୟକ୍ଷତା କରି କହିଛନ୍ତି ଯେ ଆଜିର ଯୁଗରେ ସମାଜରେ ମହିଳାମାନଙ୍କ ଭୂମିକା ଓ କର୍ତ୍ତବ୍ୟରେ ବହୁ ପରିବର୍ତ୍ତନ ଆସିଛି। ଆଜିର କର୍ମଜୀବୀ ମହିଳା ନିଜ ଘର ଓ କାର୍ଯ୍ୟକୁ ଅତି ନିଖୁଣ ଭାବରେ ପରିଚାଳନା କରିପାରୁଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନଙ୍କୁ ଏକ ସୁରକ୍ଷିତ ଓ ସମ୍ମାନିତ କାର୍ଯ୍ୟକ୍ଷେତ୍ର ପ୍ରଦାନ କରିବା ଆମ ସମସ୍ତଙ୍କ ଗୁରୁ ଦାୟିତ୍ୱ ହେବା ଉଚିତ। ପୋଶ ଆଇନର ସଠିକ କାର୍ଯ୍ୟକାରିତା ଓ ଏହି ଆଇନ ସମ୍ବନ୍ଧରେ ଦୃଢ଼ ଜନସଚେତନତା ସୃଷ୍ଟି କରିପାରିଲେ ହିଁ ଆମେ କାର୍ଯ୍ୟକ୍ଷେତ୍ରରେ ଘଟୁଥିବା ଯୌନ ଉତ୍ପୀଡ଼ନକୁ ଦମନ କରିପାରିବା। ରାଜ୍ୟର ପ୍ରତ୍ୟେକ କାର୍ଯ୍ୟକ୍ଷେତ୍ରରେ ➢ପୃଷ୍ଠା-୬

ଆଜିଠୁ ବଜେଟ୍ ଅଧିବେଶନ

# ବିଧାନସଭା ଏବେ ପେପର୍‌ଲେସ୍ ହାଉସ୍

- ଜାତୀୟ ଇ-ବିଧାନ ଆପ୍ଲିକେସନ୍ ଅଧୀନରେ 'ଡିଜିଟାଲ ହାଉସ' ଉଦ୍‌ଘାଟିତ
- ବାଚସ୍ପତିଙ୍କ ଉପସ୍ଥିତିରେ ଶୁଭାରମ୍ଭ
- ଯୁଗାନ୍ତକାରୀ ପରିବର୍ତ୍ତନ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୨।୨ (ସଂଚାର ବ୍ୟୁରୋ):** ଆସନ୍ତାକାଲି ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବ। ଏଥିସକାଶେ ଆଜି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭେଟିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜଭବନରେ ପହଞ୍ଚି ରାଜ୍ୟପାଳ ଡ. କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଉଭୟଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ସୌଜନ୍ୟମୂଳକ ଆଲୋଚନା ହୋଇଛି। ବର୍ଷର ପ୍ରଥମ ଅଧିବେଶନ ହୋଇଥିବାରୁ ଆସନ୍ତାକାଲି ରାଜ୍ୟପାଳଙ୍କ ସମ୍ବୋଧନରୁ ଗୃହକାର୍ଯ୍ୟ ଆରମ୍ଭ ହେବ। ଏହା ପୂର୍ବରୁ ଗଣତାନ୍ତ୍ରିକ ପରମ୍ପରା ଅନୁସାରେ ଆଜି ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ସାକ୍ଷାତ କରିଛନ୍ତି।

ଅନ୍ୟପକ୍ଷରେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଶାସକ ବିଜେପି ସହ ବିରୋଧୀ ଦଳର ନେତାମାନେ ଅଂଶଗ୍ରହଣ କରିଥିଲେ। ବଜେଟ୍ ଅଧିବେଶନକୁ କିପରି ଶୃଙ୍ଖଳିତ ଭାବେ ପରିଚାଳନା କରାଯିବ ଓ ଏଥିରେ ହେବାକୁ ଥିବା ଆଲୋଚନାଗୁଡ଼ିକ କିପରି ସଫଳ ହେବ, ସେନେଇ ବାଚସ୍ପତି ବିରୋଧୀ ଦଳର ସଦସ୍ୟମାନଙ୍କୁ ସହଯୋଗ ଲୋଡ଼ିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ପାଇଁ ଅନୁମତି ଦେବା ସକାଶେ ବିରୋଧୀ ଦଳର ବିଧାୟକମାନେ ଦାବି କରିଛନ୍ତି।

ସେହିପରି ଏଥରର ବିଧାନସଭା ଅଧିବେଶନ ସମ୍ପୂର୍ଣ୍ଣ ଭାବେ ପେପର୍‌ଲେସ୍ ହେବ। କାରଣ ପୂର୍ବରୁ କୌଣସି ପ୍ରକାର ତଥ୍ୟ ଦେବା କିମ୍ବା ପ୍ରଶ୍ନ ପଚାରିବା ସମୟରେ ବିଧାୟକ ଓ ମନ୍ତ୍ରୀମାନେ ସାଧାରଣତଃ କାଗଜ ବ୍ୟବହାର କରୁଥିଲେ। କିନ୍ତୁ ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ଅଧିବେଶନରେ ଆଉ ଏହା ଦେଖିବାକୁ ମିଳିବ ନାହିଁ। ମନ୍ତ୍ରୀ ଓ ବିଧାୟକମାନେ ଏଣିକି କାଗଜ ପରିବର୍ତ୍ତେ ଟ୍ୟାବ୍ ପଢ଼ି ନିଜର କର୍ତ୍ତବ୍ୟ ସମ୍ପାଦନ କରିବେ। ଏଥିସକାଶେ ଆଜି ବିଧାନସଭାରେ ସମସ୍ତ ଆସନରେ ଟ୍ୟାବ୍ ଲଗାଯାଇଛି। ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବାଚସ୍ପତି ସୁରମା ପାଢ଼ୀଙ୍କ ଉପସ୍ଥିତିରେ 'ଡିଜିଟାଲ ହାଉସ'ର ଶୁଭାରମ୍ଭ କରିଛନ୍ତି। ଇ-ବିଧାନସଭା



ଆପ୍ଲିକେସନ ଅଧୀନରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଫଳସ୍ୱରୂପ ଆଜିଠାରୁ ବିଧାନସଭା ନେଭା ଡିଜିଟାଲ୍ ହାଉସ୍ ଭାବେ ପରିଗଣିତ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଏପରି ଏକ ପଦକ୍ଷେପ ଫଳରେ ବିଧାନସଭା ଡିଜିଟାଲ ଯୁଗ ଆଡ଼କୁ ଆଉ ଏକ ପାଦେ ଆଗେଇଛି। ଏହା ନିଶ୍ଚିତ ଭାବେ ସମସ୍ତ ସଦସ୍ୟଙ୍କ ପାଇଁ ଗୌରବର ବିଷୟ। ଏଣିକି ବିଧାନସଭାର ସମସ୍ତ ସଦସ୍ୟ ସେମାନଙ୍କ ମୋବାଇଲ କିମ୍ବା ଅନ୍ୟ କୌଣସି ଡିଜିଟାଲ ଡିଭାଇସରେ ରିଏଲ ଟାଇମ ତଥ୍ୟ ପାଇପାରିବେ। ଗୃହ କାର୍ଯ୍ୟକ୍ରମର ଯେକୌଣସି ସମୟର ତଥ୍ୟ ସେହି ସମୟରେ ହିଁ ମିଳିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ଏହାକୁ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଏକ ପେପରଲେସ୍ ହାଉସ ଭାବେ ଗୃହର ଗୌରବ ବୃଦ୍ଧି ହେବ ବୋଲି ମତ ଦେଇଛନ୍ତି।

ସେହିପରି ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ଆଜି ଓଡ଼ିଶା ବିଧାନସଭା ପାଇଁ ଏକ ସ୍ମରଣୀୟ ଦିନ। ଏହାଦ୍ୱାରା ସମସ୍ତ କାର୍ଯ୍ୟ ପେପରଲେସ୍ ହେବା ସହ ଖୁବ୍‌ଶୀଘ୍ର ମଧ ସମ୍ଭବ ହୋଇପାରିବ। ସମସ୍ତ କାଗଜପତ୍ରର ଇ-ଲେୟିଙ୍ଗ, ଇଲେକ୍‌ଟ୍ରୋନିକ୍ ପ୍ୟାଡ ବ୍ୟବହାର ଜରିଆରେ ବାଚସ୍ପତି ଓ ସଚିବଙ୍କ ମଧ୍ୟରେ ଯୋଗାଯୋଗ ରକ୍ଷା, ଗୃହକାର୍ଯ୍ୟ ସମୟରେ ନୋଟ୍ ବିନିମୟ ପାଇଁ ମନ୍ତ୍ରୀ ଏବଂ ପ୍ରଶାସନିକ ସଚିବମାନଙ୍କ ମଧ୍ୟରେ ଯୋଗାଯୋଗ, ଗୃହର ଯେକୌଣସି କାର୍ଯ୍ୟସୂଚୀର ସୂଚୀ ଉପରେ ଇ-ଭୋଟିଂ, ସଦସ୍ୟ ବା ସଦସ୍ୟାମାନଙ୍କ ଇ-ଉପସ୍ଥିତି, ଗୃହ କାର୍ଯ୍ୟର ସୂଚୀଗୁଡିକର ଡିଜିଟାଲ୍ ଡିସପ୍ଲେ ସିଷ୍ଟମ୍, ବକ୍ତା ଏବଂ ସଦସ୍ୟ ବା ସଦସ୍ୟାମାନଙ୍କ ଆଲୋଚନା ସମୟ ପରିଚାଳନା ଆଦି ଅନେକ କାର୍ଯ୍ୟ ସମ୍ଭବ ହୋଇପାରିବ ବୋଲି ବାଚସ୍ପତି କହିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀମଣ୍ଡଳର ସଦସ୍ୟ, ବିଧାୟକବୃନ୍ଦ, କେନ୍ଦ୍ର ସଂସଦୀୟ ବ୍ୟାପାର ବିଭାଗର ଶାସନ ସଚିବ ଉମଙ୍ଗ ନରୁଲା, ରାଜ୍ୟ ସଂସଦୀୟ ବ୍ୟପାର ବିଭାଗ, ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଶକ୍ତି ଓ ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ନୂଆଦିଲ୍ଲୀସ୍ଥିତ ନେଭାର ମୁଖ୍ୟ ସଞ୍ଜୀବ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଆସନ୍ତା ୧୭ ତାରିଖରେ ମୋହନ ସରକାର ବିଧାନସଭାରେ ଆଗାମୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବେ। ଆଗାମୀ ଅଧିବେଶନଟି ଦୁଇଟି ପର୍ଯ୍ୟାୟରେ ଚାଲିବାକୁ ଥିବା ବେଳେ ବିରୋଧୀ ଦଳର ସଦସ୍ୟମାନେ ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଇବା ପାଇଁ ସଜବାଜ ହୋଇଛନ୍ତି। ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଅଧିବେଶନ ଓ ମାର୍ଚ୍ଚ ୭ରୁ ଏପ୍ରିଲ ୫ ତାରିଖ ➢ପୃଷ୍ଠା-୬

ପ୍ରହସନ ପାଲଟିଛି ମହିଳା ଓ ଶିଶୁ ଡେସ୍କ

## ନାଁକୁ ସେଲ୍ କାମରେ ଫେଲ୍



ମହିଳା ଓ ଶିଶୁଙ୍କ ଉପରେ ବଢୁଥିବା ହିଂସାକୁ ଆଖି ଆଗରେ ରଖି କମିଶନରେଟ୍ ପୁଲିସ ପକ୍ଷରୁ ତ୍ୱରିତ ନ୍ୟାୟ ଦେବା ଆଶାରେ ସମସ୍ତ ଥାନାରେ ଖୋଲାଯାଇଥିଲା ମହିଳା ଓ ଶିଶୁ ଡେସ୍କ। ଏହିସବୁ ଡେସ୍କ ଦାୟିତ୍ୱରେ ଥିଲେ ଜଣେ ମହିଳା ଅଫିସର୍। ସ୍ୱତନ୍ତ୍ର ଅଧିକାରୀଙ୍କୁ ମଧ ତଦାରଖ ଦାୟିତ୍ୱ ଦିଆଯାଇଥିଲା। ହେଲେ ସେହିସବୁ ଡେସ୍କର ସ୍ଥିତି ଏବେ ନ କହିବା ଭଲ। ଅଧିକାଂଶ ସେଲ୍‌ରେ ତାଲା ପଡ଼ିଥିବା ବେଳେ କେତେକ ଏବେ ଗୋଦାମ ପାଲଟିଯାଇଛି। କେତେକ ଥାନାରେ ଏହି ସେଲ୍ କେଉଁଠି ଅଛି, ତାହା ସହଜରେ ଜଣାପଡୁନାହିଁ। କେତେକ ସ୍ଥାନରେ ମହିଳା ଅଭିଯୋଗକାରୀଙ୍କୁ ପୁରୁଷ ଅଧିକାରୀ ଜେରା କରୁଥିବା ବେଳେ ଆଉ କେଉଁଠି ମହିଳା ଅଧିକାରୀ ମଧ ନାହାନ୍ତି। ଏତଲା ଦେବାକୁ ଆସି ମହିଳା ନୟାନ୍ତ ହେଉଥିବା ବେଳେ କମିଶନରେଟ ପୁଲିସର 'ୱି କେୟାର ୱି ଡେୟାର' ସ୍ଲୋଗାନ ଧର୍ମକୁ ଆଖିଠାର ପାଲଟିଛି। ଯାହାର ଏକ ଜ୍ୱଳନ୍ତ ଓ ନଗ୍ନ ଉଦାହରଣ ଦେଖିବାକୁ ମିଳିଛି ଭୁବନେଶ୍ୱର ଟ୍ରାଫିକ ଥାନା ପରିସରରେ। କୁନି ଝିଅଟି କାରରେ ବସିଥିବା ସମୟରେ ଫାଇନ ପାଇଁ ଅନଲାଇନ ପେମେଣ୍ଟ କାମ କରୁନଥିବା ବେଳେ ଅଫଲାଇନ ପେମେଣ୍ଟ ପାଇଁ ଟ୍ରାଫିକର ଜୁଲୁମ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ମହିଳା ଓ ଶିଶୁଙ୍କ ପ୍ରତି ବଢୁଥିବା ଅନ୍ୟାୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗତ ୨୦୦୫ରେ ମହିଳା ଓ ଶିଶୁ ଡେସ୍କ ଖୋଲିଥିଲେ। ପ୍ରାଥମିକ ସ୍ତରରେ ରାଜ୍ୟରେ ୪୦ଟି ଥାନା ଓ ପରବର୍ତ୍ତୀ ସମୟରେ ୫୩୭ଟି ଥାନାରେ ଏହି ଡେସ୍କ ଖୋଲାଯାଇଥିଲା। ସେହିପରି ଭୁବନେଶ୍ୱର ଯୁପିଡିର ୧୬ଟି ଥାନାରେ ୩ କୋଟି ଟଙ୍କା ବ୍ୟୟରେ ଡେସ୍କ ତିଆରି ହୋଇଥିଲା। ତେବେ 'ସରକାର କା ମାଲ ଦରିଆ ମେଁ ଡାଲ' ନୀତିରେ ଏହି ଡେସ୍କ ପାଇଁ ନିର୍ମିତ ଗୃହ ଏବେ ଜରାଜୀର୍ଣ୍ଣ ହୋଇପଡ଼ିଛି। ଥାନା ବାହାରେ ସୌନ୍ଦର୍ଯ୍ୟକରଣକୁ ବ୍ୟାପକ କରାଯାଉଥିବା ବେଳେ ଭିତର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଅନ୍ୟପଟେ କର୍ମଚାରୀ ଅଭାବ ଯୋଗୁଁ ଏସବୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁନଥିବା କହିଛନ୍ତି କିଛି କର୍ମଚାରୀ। ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ବଦନାମ ହେଉଛି। ବିରୋଧୀଙ୍କୁ ଘେରିବାକୁ ସୁବିଧା ମିଳୁଛି। ତେଣୁ ପୁରୁଣା ଫର୍ମାଟ ଛାଡ଼ି ନୂଆ ଷ୍ଟାଇଲରେ ଲୋକଙ୍କ ସେବା କରିବାରେ ସମୟ ଆସିଛି ବୋଲି କହିଛନ୍ତି ବରିଷ୍ଠ ଅଧିକାରୀ।

ବିଜେଡି ପାଇଁ ନିନ୍ଦିତ ହୋଇଥିଲା ବାରବାଟୀ

## ନିଦା ବିଷ୍ଣୁ ସାଜିଥିଲେ ନବୀନ



ଇସ୍ତଫା ଦାବି କରିନଥିଲେ ବିରୋଧୀ

**ଭୁବନେଶ୍ୱର, ୧୨।୨ (ସଂଚାର ବ୍ୟୁରୋ):** ବାରବାଟୀ ଷ୍ଟାଡିୟମରେ ଫ୍ଲଡଲାଇଟ୍ ବିଭ୍ରାଟକୁ ନେଇ ଏବେ ରାଜ୍ୟରେ ରାଜନୀତି ଜୋର ଧରିଥିବାବେଳେ ବିରୋଧୀ ଦଳ ପକ୍ଷରୁ ହଠାତ୍ କ୍ରୀଡ଼ାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ଘଟଣାଟି କ'ଣ ତାହା ବୁଝିବା ପୂର୍ବରୁ ଯେଭଳି ଏଥିରେ ରାଜନୀତି ପଶିଛି, ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଥିବାବେଳେ ବିଜେଡି ପକ୍ଷରୁ କ୍ରୀଡ଼ାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯିବା ଘଟଣା ଏବେ ଆଲୋଚନାର ବିଷୟବସ୍ତୁ ପାଲଟିଛି।

କାରଣ ଜେନେରେଟରରେ ବୈଷୟିକ ତ୍ରୁଟି ପାଇଁ କିଛି ସମୟ ଖେଳ ବନ୍ଦ ରହିଥିଲା। ସାଧାରଣତଃ ଯନ୍ତ୍ରପାତି ଉପରେ କେହି ଶତପ୍ରତିଶତ ଗ୍ୟାରେଣ୍ଟି ବି ଦେଇପାରିବେ ନାହିଁ। ନୂଆ ଖରିଦ ହେଉଥିବା ଗାଡ଼ି ବି ଦୁର୍ଘଟଣାର ଶିକାର ହୋଇଥିବାର ନଜିର ରହିଛି। ତେବେ ଓସିଏ କର୍ତ୍ତୃପକ୍ଷ ତୁରନ୍ତ ଏହି ତ୍ରୁଟିକୁ ସୁଧାରି ନେଇଥିଲେ। ହେଲେ ଘଟଣାକୁ ନେଇ ଏବେ ରାଜ୍ୟରେ ରାଜନୀତି ଜୋର୍ ଧରିଛି। ଯେଉଁ ବିଜେଡି କ୍ରିକେଟରେ ରାଜନୀତି ପୂରାଇ ମାଇଲେଜ୍ ନେବାକୁ ଉଦ୍ୟମ ଆରମ୍ଭ କରିଛି, ସେହି ଦଳର ନେତାମାନେ ତାଙ୍କ ସରକାର ଅମଳରେ ବାରବାଟୀରେ ଘଟିଥିବା ଘଟଣାକୁ କିନ୍ତୁ ଭୁଲିଯାଇଥିବା ଦେଖିବାକୁ ମିଳିଛି।

ସେତେବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହ ବିଭାଗ ଦାୟିତ୍ୱରେ ଥିଲେ ମଧ ପୁଲିସ୍ ବୋତଲ ମାଡ଼କୁ ଏକପ୍ରକାର ଉସକାଇଥିଲା। ନାଲି ଆଖି ଦେଖାଇ ବୋତଲ ଫୋପଡ଼ାକୁ ରୋକିବା ବଦଳରେ ପୁଲିସ୍ ମୂକ ଦର୍ଶକ ସାଜିବାରୁ ଦର୍ଶକ ଅଧିକ ଉତ୍ସାହିତ ହୋଇ ବୋତଲମାଡ଼ କରିଥିଲେ। ଏଥିପାଇଁ ବାରବାଟୀ ସାରା ଦେଶରେ ନିନ୍ଦିତ ହୋଇଥିଲା। ଦେଶର ଆଗଧାଡ଼ିର କ୍ରିକେଟରମାନେ ଦର୍ଶକଙ୍କ ଆଚରଣ ସମେତ ଓଡ଼ିଶା ପୁଲିସ୍‌କୁ ତିରସ୍କାର କରିଥିଲେ। ହେଲେ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ପାଟି ଫିଟାଇନଥିଲେ କି ବିରୋଧୀଦଳ ମଧ ଏହି ଘଟଣାରେ କାହାର ଇସ୍ତଫା ଦାବି କରିବାକୁ ଉଚିତ୍ ମଣିନଥିଲା।

ଉଲ୍ଲେଖନୀୟ ଯେ ୨୦୧୫ରେ ବାରବାଟୀରେ ଭାରତ ଓ ଦକ୍ଷିଣ ➢ପୃଷ୍ଠା-୬



### କାନ ଡେରିଆ

ତହସିଲଦାର ଚାକିରି ବଢ଼ିଆ
ତେଣୁ ଯେ ଏତେ ସମ୍ପତି
ଦରମା ରେ ତାଙ୍କ ହାତ ବାଜିନାହିଁ
ତଥାପି ସେ କୋଟିପତି
ଦେଖିଲେ ଫାଟୁଛି ଛାତି...
ଭିଜିଲାନ୍ସ ଏବେ ଗୁମର ଖୋଲୁଛି
କେତେ ସେ ସେବାରେ ବ୍ରତୀ।

■ ଦେବାଶିଷ

## ଜୈବିକ ଚାଉଳରୁ ପ୍ରସ୍ତୁତ ହେବ ମହାପ୍ରସାଦ

- 'ଅମୃତ ଅନ୍ନ' ନାମରେ ଏକ ସ୍ୱତନ୍ତ୍ର ପ୍ରକଳ୍ପ ପାଇଁ ପ୍ରସ୍ତାବ
- କୋରାପୁଟରେ ହେଉଛି କଳାଜୀରା ଧାନ ଚାଷ
- କୋଟପାଡ଼ରେ ସଂଗ୍ରହ ପାଇଁ କାର୍ଯ୍ୟ କରୁଛି ମଣ୍ଡି



**ଭୁବନେଶ୍ୱର, ୧୨।୨ (ସଂଚାର ବ୍ୟୁରୋ):** ଶ୍ରୀମହାପ୍ରସାଦ ପ୍ରସ୍ତୁତିରେ ଜୈବିକ ଚାଉଳର ବ୍ୟବହାର ନେଇ ଏକ ପରାମର୍ଶ ବୈଠକ କୃଷି ଭବନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀମନ୍ଦିର ମହାପ୍ରସାଦରେ ଜୈବିକ ଚାଉଳର ବ୍ୟବହାର ଉପରେ ଆଲୋଚନା ହୋଇଛି।

ମହାପ୍ରସାଦକୁ ରସାୟନମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏପରି ପ୍ରୟାସ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ମହାପ୍ରସାଦରେ ଜୈବିକ ଚାଉଳ ଓ ପନିପରିବାର ବ୍ୟବହାର ନିଷ୍ପତ୍ତିକୁ ସୁଆର- ମହାସୁଆର ନିଯୋଗ ତଥା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ ସର୍ବଦା ଜୈବିକ କୃଷିକୁ ସମର୍ଥନ କରିଆସିଛନ୍ତି। ➢ପୃଷ୍ଠା-୬






କଂଗ୍ରେସ ମୁଖିଆଙ୍କୁ ନେଇ ବିଜେଡି ଶିବିର ଉତ୍ସାହିତ
ଭିତିରିଆ ଯୋଗାଯୋଗ ଆରମ୍ଭ

## ଅସନ୍ତୁଷ୍ଟଙ୍କୁ ମିଳିଗଲା ବିକଳ୍ପ ଗାଡ଼ି

**ଭୁବନେଶ୍ୱର, ୧୨।୨ (ସଂଚାର ବ୍ୟୁରୋ):** ଦୀଘ ୮ ମାସ ପରେ ଓଡ଼ିଶା ପ୍ରଦେଶ କଂଗ୍ରେସ (ପିସିସି) ନିଜର ନୂଆ ମୁଖିଆଙ୍କୁ ପାଇ ଯେତିକି ଖୁସି ହେଉଛି, ତା'ଠାରୁ ଅଧିକ ଖୁସି ହେଉଛନ୍ତି ବିଜେଡି ଶିବିରର କିଛି ନେତା। ବିଜେଡିରେ ଅସନ୍ତୁଷ୍ଟ ତାଲିକାରେ ଥିବା ଏହି ନେତାମାନଙ୍କୁ ଏବେ ବିକଳ୍ପ ଗାଡ଼ି ମିଳିଗଲା ବୋଲି ଆଲୋଚନା ଜୋର ଧରିଛି।

ସବୁ ପ୍ରତୀକ୍ଷାର ଅନ୍ତ ଘଟାଇ ଜାତୀୟ କଂଗ୍ରେସ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କୁ ଓଡ଼ିଶା କଂଗ୍ରେସ ମୁଖିଆ ଭାବେ ନିଯୁକ୍ତ କରିଛି। ଭକ୍ତ ନିଯୁକ୍ତ ହେବା ପରେ କଂଗ୍ରେସର ସବୁ ଗୋଷ୍ଠୀ ତାଙ୍କୁ ସ୍ୱାଗତ କରିବା




ସହ ଘର ସଜାଡ଼ିବାରେ ଲାଗିପଡ଼ିଛନ୍ତି। ଅନେକ ଭକ୍ତଙ୍କ ଦିଲ୍ଲୀରୁ ଫେରିବା ବାଟକୁ ଚାହିଁଛନ୍ତି। ଭକ୍ତ ବି ଦିଲ୍ଲୀରେ ସମସ୍ତଙ୍କୁ ନେଇ କାମ କରିବେ ବୋଲି କହିଛନ୍ତି। ବିଧାନସଭା ଅଧିବେଶନର ଅବ୍ୟବହିତ ପୂର୍ବରୁ ନୂଆ ମୁଖିଆ ପାଇ କଂଗ୍ରେସର ଯୁବ, ଛାତ୍ର ଗୋଷ୍ଠୀ ଉତ୍ସାହିତ ଅଛନ୍ତି। ତେବେ ବିଜେଡିର ଗୋଟିଏ ଗୋଷ୍ଠୀ ବି ଉତ୍ସାହିତ। ବାହାରକୁ ପରିପ୍ରକାଶ କରୁନଥିଲେ ମଧ ଏମାନେ ମନେ ମନେ ଖୁସି ହେଉଛନ୍ତି। କାରଣ ଦଳର ଥିବା ଏହି ଅସନ୍ତୁଷ୍ଟମାନେ ବିକଳ୍ପ ଦଳ ତଲାସରେ ଥିଲେ। ଯେହେତୁ ସେମାନଙ୍କ ଇଲାକାରେ ବିଜେପି ତା'ର କାୟା ବିସ୍ତାର କରିଛି, ତେଣୁ ସେହି ଦଳକୁ ଯିବା ➢ପୃଷ୍ଠା-୬

# ବାଲି ଖାଦାନରେ ମାଗୁଥିଲେ ବଟି ମାଡ଼ିବସିଲା ପୁଲିସ

● କୁଖ୍ୟାତ ଅପରାଧୀ ୫ ଅଟକ



**କେନ୍ଦ୍ରାପଡା,୧୨।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୋଲିସକୁ ମିଳିଛି ଏକ ବଡ ସଫଳତା। ବଟି ଆଦାୟ ପାଇଁ ଯୋଜନା କରି ବାଲି ଖାଦାନ ରେ ଥିବା ସମୟରେ ମାଡ଼ି ବସିଲା ପୋଲିସ । ବହୁ ଚର୍ଚ୍ଚିତ ବିଭୁ ସାହୁ ହତ୍ୟାକାଣ୍ଡର ମୂଖ୍ୟ ଅଭିଯୁକ୍ତ କୁହା ଯାଉଥିବା କୁଖ୍ୟାତ ଫେରାର ଅଭିଯୁକ୍ତ ସତ୍ୟପ୍ରିୟ ଜେନାଙ୍କ ସମେତ ତାର ଅନ୍ୟ ୪ଜଣ ସହଯୋଗୀ ମାନଙ୍କୁ ବସିପୁର ବାଲି ଖାଦାନରୁ ବଟି ମାଗିବା ବେଳେ କୌଣସି ଏକ ବିଶେଷ ସୂତ୍ରରୁ ଖବର ପଇ ସଦର ପୋଲିସ ସହିତ ଟାଉନ ପୋଲିସର ମିଳିତ ଚଢାଉ କରିଥିଲା । ସେହି ସମୟରେ ୫ଜଣ କୁଖ୍ୟାତ ଅପରାଧୀ ମାନଙ୍କୁ ଗିରଫ୍ କରାଯାଇଥିବା ସଦର ପୋଲିସ ପକ୍ଷରୁ ଥାନା ଅଧିକାରୀ ବିମଳ ପ୍ରସାଦ ମଲ୍ଲିକ ଏବଂ ଟାଉନ୍ ଥାନା ଅଧିକାରୀ ଦୀଲ୍ଲିପ କୁମାର ସାହୁ ଗଣମାଧ୍ୟମକୁ ସୂଚନା ପ୍ରଦାନ କରି କହିଛନ୍ତି ।

# ସ୍ଥାୟୀ ନିଯୁକ୍ତି ଓ ମାସିକ ପ୍ରୋତ୍ସାହନ ରାଶି ଗାଁ ସାଥୀଙ୍କ ଦାବି

## ନିଆରା ଶୈଳୀରେ ଦେଲେ ଗଣଧାରଣା



**କେନ୍ଦ୍ରାପଡା,୧୨।୨(ସଂଚାର ବ୍ୟୁରୋ):** ସ୍ଥାୟୀ ନିଯୁକ୍ତି ଓ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ ଦାବିରେ ଏକ ନିଆରା ଶୈଳୀରେ ଧାରଣାସ୍ଥଳରେ ଦୀପ ଜଳାଇ ଗାଁସାଥୀ(ମେଟ୍)ସଙ୍ଘର ମିଳିତ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିବା ଦେଖିବାକୁ ମିଳିଥିଲା । ଗାଁ ସାଥୀ(ମେଟ୍)ସଙ୍ଘର ମିଳିତ କ୍ରୀୟାନୁଷ୍ଠାନ କମିଟି ଓଡିଶା ପ୍ରଦେଶର ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ଆହ୍ୱାନକ୍ରମେ କେନ୍ଦ୍ରାପଡା ଜିଲ୍ଲାର ଶହ ଶହ ଗାଁ ସାଥୀ(ମେଟ୍) ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଆରା ଧାରାରେ ଆନ୍ଦୋଳନ କରିଥିଲେ। ସଙ୍ଘର ଜିଲ୍ଲା ସଭାପତି ଅନିଲ କୁମାର ଜେନା ଓ ସମ୍ପାଦକ ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ଗାଁ ସାଥୀ(ମେଟ୍) ମାନେ ଆବଶ୍ୟକ ବୟସ କୋହଳ,ଯୁକ୍ତ୨ ରୁ ଉର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ଗାଁସାଥୀମାନଙ୍କୁ ସ୍ଥାୟୀ ନିଯୁକ୍ତି, ଯୁକ୍ତ୨ରୁ ନିମ୍ନ ଶିକ୍ଷାଗତ ଯୋଗ୍ୟତା ଥିବା ଗାଁସାଥୀମାନଙ୍କୁ ମାସିକ ୧୨ହଜାରରୁ ଉର୍ଦ୍ଧ୍ୱ ପ୍ରୋତ୍ସାହନରାଶି ପ୍ରଦାନ ଦାବିରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତିଙ୍କ ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୧୧ଜଣ ଅଧିକାରୀ ଓ ସାମ୍ବିଧାନିକ ମୁଖ୍ୟମାନଙ୍କୁ ବୁଧବାର ସଙ୍ଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ସମସ୍ତ ଗ୍ରାମପଞ୍ଚାୟତ ଗୁଡିକରୁ ଆସିଥିବା ଏକ ହଜାରରୁ ଉର୍ଦ୍ଧ୍ୱ ଗାଁ ସାଥୀ(ମେଟ୍)ମାନେ ଗଣଧାରଣାରେ ୫ଘଣ୍ଟାରୁ ଉର୍ଦ୍ଧ୍ୱ ସମୟଧରି ରହି ସେମାନଙ୍କ ଦାବି ଜଣାଇଥିଲେ । ସେମାନଙ୍କ ଦାବି ଗୁଡିକ ମଧ୍ୟରେ ବେଆଇନ ଭାବେ ନିଯୁକ୍ତ ମେଟ୍ ମାନଙ୍କୁ ହଟାଇ ଦିଆଯିବା, ବେଆଇନ ଏନ.ଏମ.ଏମ.ଏସ. ରଦ୍ଦ, ଲାଇନ ଡିପାର୍ଟମେଣ୍ଟର ମନରେଗା ପ୍ରକଳ୍ପ କାର୍ଯ୍ୟରେ ଆଇନଗତ ଭାବରେ ନିଯୁକ୍ତ ଗାଁ ସାଥୀମାନଙ୍କୁ ନିଯୁକ୍ତ ଓ ପ୍ରାପ୍ୟ ପ୍ରଦାନ ପ୍ରଭୃତି ଦାବି ଗୁଡିକ ଥିଲା । ଏଥିସହିତ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ପୂର୍ବ ସରକାର ସମୟରେ ବିରୋଧୀ ଦଳର ମୁଖ୍ୟ ସଚେତକ ଥିବା ବେଳେ ବିଧାନସଭାରେ ଓ ବାହାରେ ଗାଁ ସାଥୀଙ୍କ ମାସିକ ପ୍ରୋତ୍ସାହନ ରାଶି ୧୦ହଜାରରୁ ଅଧିକ ପ୍ରଦାନ କରାଯିବାକୁ ଦୃଢ ଦାବି ଉପସ୍ଥାପନ କରିଥିଲେ । ସେହିପରି ଗାଁ ସାଥୀମାନଙ୍କ ପ୍ରସଙ୍ଗ ବିଜେପିର ନିର୍ବାଚନୀ ଇସ୍ତାହାରରେ ରହିଥିବା ବେଳେ ୨୦୧୬ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗାଁ ସାଥୀଙ୍କ ପ୍ରୋତ୍ସାହନ ରାଶି ସମ୍ପର୍କିତ ପତ୍ର ଏବଂ ଏମ.ଓ.ଆର.ଡି. ପକ୍ଷରୁ ଗାଁସାଥୀଙ୍କ ପ୍ରୋତ୍ସାହନ ରାଶି ସମ୍ପର୍କିତ ରାଜ୍ୟ ସରକାରଙ୍କୁ ପତ୍ର ପ୍ରଭୃତିକୁ ଦୃଷ୍ଟିରେ ରଖାଯାଇ ଗାଁସାଥୀ(ମେଟ୍)ମାନଙ୍କ ପ୍ରୋତ୍ସାହନ ରାଶି ବୃଦ୍ଧି କରାଯିବାକୁ ସଙ୍ଘ ପକ୍ଷରୁ ଦାବି କରାଯାଇଛି । ସରକାର ଦେଇଥିବା ତାଙ୍କ ପ୍ରତିଶୃତି ରକ୍ଷା ସଙ୍ଘର ଦାବି ପୁରଣ ନକଲେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ବ୍ୟାପକ କରାଯିବ ବୋଲି ସଙ୍ଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଏଥିସହିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବା ବେଳେ ବ୍ଲକ ସ୍ତରରେ ଗାଁ ସାଥୀ(ମେଟ୍)ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ, ପରିଚୟ ପତ୍ର ପ୍ରଦାନ, ବକେୟା ରାଶି ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ସଙ୍ଘକୁ ପ୍ରତିଶ୍ରୁତି ଦେଇଥିଲେ । ଏଥିସହିତ ବେଆଇନ ଭାବେ ନିଯୁକ୍ତ ମେଟ୍‌ମାନଙ୍କୁ ହଟାଯିବା ସହ 'ମୋ ବଗିଚା' ନାମରେ ହୋଇଥିବା ଘୋଟାଲାର ଖୁବଶୀଘ୍ର ତଦନ୍ତ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ । ଏହି କାର୍ଯ୍ୟକ୍ରମରେ ସଙ୍ଘର କେନ୍ଦ୍ରାପଡା ବ୍ଲକ ସଭାପତି ପ୍ରଶାନ୍ତ କୁମାର ଦାସ ଓ ସମ୍ପାଦକ ବରଦାକାନ୍ତ ପାତ୍ର, ଡେରାବିଶ ସଭାପତି ଉପେନ୍ଦ୍ର ସାହୁ, ଗରଦପୁର ସଭାପତି ପ୍ରମୋଦ କୁମାର ନାୟକ ଓସମ୍ପାଦକ ବବିନା ପରିଡା, ମାର୍ଶାଘାଇ ବ୍ଲକର ପ୍ରତାପ ପରିଡା ଓ ପ୍ରତାପ ପଢିଆରୀ, ରାଜକନିକା ବ୍ଲକର ପରମେଶ୍ୱର ବେହେରା ଓ ଜ୍ୟୋସ୍ନାରାଣୀ ବେହେରା, ମହାକାଳପଡା ବ୍ଲକର ନଳିନୀକାନ୍ତ ଖୁଣ୍ଟିଆ, ଆଳି ବ୍ଲକର ଶରତ ଚନ୍ଦ୍ର ବେହେରା ଓ ଜୀତେନ୍ଦ୍ର ପୃଷ୍ଟି, ରାଜନଗର ବ୍ଲକର ଟୁଲୁ ନାନା, ପ୍ରମୋଦ ରାଉତ, ପ୍ରଦୀପ ରାଉତ, ସୁରେଶ ସାମଲ, ଶାନ୍ତିଲତା ବେହେରା ପ୍ରମୁଖ ସାମିଲ ଥିଲେ । ଗାଁସାଥୀମାନେ ପ୍ରଥମେ ଗରାପୁରସ୍ଥିତ ଗୋପାଳଜୀଉ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ଗଣଧାରଣା ଆରମ୍ଭ ହୋଇଥିଲା ।

# ଅଗ୍ନିକାଣ୍ଡରେ ଜଳିଗଲା ୩ ବଖରା ଘର



**ରାଜକନିକା,୧୨।୨(ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ ବଳରାମପୁର ଗ୍ରାମ ପଞ୍ଚାୟତ ବଳରାମପୁର ଗାଁରେ ଅଗ୍ନିକାଣ୍ଡ ଘଟି ତିନି ବଖରା ଚାଳଘର ପୋଡି ନଷ୍ଟ ହୋଇଛି।ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବାର ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ ଏହି ଗ୍ରାମର ଭରତ ମୁଦୁଲି,ଭରତ ମୁଦୁଲି ପରିବାର ସହ ଶୋଇ ଥିବା ଅବସ୍ଥାରେ ମଙ୍ଗଳବାର ରାତି ୩ଟା ସମୟରେ ବାହାରକୁ ଉଠି ପ୍ରଥମେ ଭରତ ଘର ଜଳୁଥିବାର ଦେଖିଥିଲେ।ସଙ୍ଗେ ସଙ୍ଗେ ପାଟି କରି ସମସ୍ତଙ୍କୁ ଡାକି ଥିଲେ ବି ନିଆଁକୁ ଆୟତ୍ତ କରିବା ସମ୍ଭବ ହୋଇ ନଥିଲା। ଚାହୁଁ ଚାହୁଁ ଆଖି ଆଗରେ ତିନି ବଖରା ଘର ଜଳି ଯାଇଥିଲା। ଫଳରେ ଘରେ ଥିବା ସମସ୍ତ ଆସବାବପତ୍ର ସହିତ ଗଚ୍ଛିତ ଥିବା ଧାନଚାଉଳ ପୋଡି ପାଉଁଶ ହୋଇ ଯାଇଥିଲା। ଖବର ପାଇ ଭୋର ସମୟରେ ରାଜକନିକା ଅଗ୍ନୀଶମବାହିନୀ ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରିଥିଲେ ବି ସେତେବେଳକୁ ସବୁକିଛି ଜଳି ପୋଡି ଯାଇଥିଲା। ପଞ୍ଚାୟତର ସରପଞ୍ଚ,ସ୍ଥାନୀୟ ଆର୍ ଆଇ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ତହସିଲଦାର ପହଞ୍ଚି ପ୍ରତିଶୃତି ଦେଇଛନ୍ତି ବୋଲି ପୀଡିତ ପରିବାର ପକ୍ଷରୁ ସୂଚନା ମିଳିଛି।ତେବେ ଅଗ୍ନିକାଣ୍ଡର କାରଣ ସମ୍ପୂର୍ଣ୍ଣରୂପେ ଅସ୍ପଷ୍ଟ ରହିଥିବାର ଜଣା ପଡିଛି। ପରିବାରର ସମସ୍ତ ସଦସ୍ୟ ଖୋଲା ଆକାଶ ତଳେ ଥିବାରୁ ସେମାନଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଶିଶୁ ବିକାଶ ବିଭାଗ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ




**କେନ୍ଦ୍ରାପଡା, ୧୨।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରପାଳିକା ଟାଉନ୍ ହଲ୍ ପରିସରରେ ବୁଧବାର କେନ୍ଦ୍ରାପଡ଼ା ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରାପଡ଼ା ସିଡିପିଓ ସୁଜାତା ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ମନୋରମା ସ୍ୱାଇଁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ତୁଳସୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡ. ମଥୁରୀ ଚରଣ ନାୟକ, ଜିଲ୍ଲା ପ୍ରକଳ୍ପ ସଂଯୋଜକ (ମିଶନ ମମତା) ମନୋରଞ୍ଜନ ଦାସ, ପ୍ରୋଗ୍ରାମ ଅଫିସର ଭାରତୀ ବେହେରା, ଆଇନଜୀବୀ ଶାଶ୍ୱତ ନିର୍ମଳ ଦାସ ପ୍ରମୁଖ ଯୋଗ ଦେଇ ଶିଶୁ ସୁରକ୍ଷା ଆଇନ, ଯୁବତୀ ଚାଲାଣ, କନ୍ୟା ଭ୍ରୂଣହତ୍ୟା, ବାଲ୍ୟ ବିବାହ ଆଇନ, ପୋକ୍ସୋ ଆଇନ, ମହିଳା ମାନଙ୍କୁ ଦିଆଯାଉଥିବା ବିଭିନ୍ନ ନିର୍ଯାତନା ଆଇନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେହିପରି ବିଭିନ୍ନ ସମୟରେ ମହିଳାମାନଙ୍କୁ ଡାହାଣୀ ସନ୍ଦେହ କରିବା, ଅନ୍ଧବିଶ୍ୱାସ ଓ ଆଇନଗତ ଅପରାଧ ଅଟେ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଏସବୁକୁ ରୋକିବା ଆମ ସମସ୍ତଙ୍କର ପ୍ରାଥମିକ କର୍ତ୍ତବ୍ୟ ଅଟେ। କନ୍ୟାଙ୍କୁ ଲକ୍ଷ୍ମୀଙ୍କର ରୂପ ଦିଆଯାଇଛି, ଯେଉଁ ଘରେ ନାରୀକୁ ସମ୍ମାନ ଦିଆଯାଇଥାଏ, ସେ ଘରେ ଲକ୍ଷ୍ମୀ ବାସ କରନ୍ତି ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଆଇନ ସଚେତନତା କାର୍ଯ୍ୟକ୍ରମରେ ବ୍ଲକ ର ବିଭିନ୍ନ ଅଙ୍ଗନବାଡି ସୁପରଭାଇଜର, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ମାନେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ପୋଷଣ ଅଭିଯାନର ସମନ୍ୱୟ ବୈଠକ




**କେନ୍ଦ୍ରାପଡା,୧୨।୨(ସଂଚାର ବ୍ୟୁରୋ):** ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତା ରେ ଜିଲ୍ଲା ସ୍ତରୀୟ ପୋଷଣ ଅଭିଯାନର ବାର୍ଷିକ କାର୍ଯ୍ୟ ଖସଡା ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଳିତା ଦାସ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଡିଏସଡବ୍ଲୁଓ ମନୋରମା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟ ଖସଡା ର ତଦାରଖ କରିଥିଲେ । କାର୍ଯ୍ୟକ୍ରମ ରେ ଅଙ୍ଗନୱାଡି ଗୃହ ନିର୍ମାଣ, ବିଦ୍ୟୁତ୍ ସଂଯୋଗୀକରଣ, ପାନୀୟ ଜଳ ଯୋଗାଣ, ଶୌଚାଳୟ ନିର୍ମାଣ ସହିତ ଶିଶୁ ଓ ମାତୃର ସ୍ୱାସ୍ଥ୍ୟ ସଂପର୍କରେ ଆଲୋଚନା କରା ଯାଇଥିଲା । ଏଥି ସହିତ ପୂର୍ବ ବର୍ଷର ବିଭିନ୍ନ କାର୍ଯ୍ୟ ଖସଡାର ସମୀକ୍ଷା କରାଯାଇ ନୂତନ ବର୍ଷର ବାର୍ଷିକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ଥିଲା। ଗ୍ରାମ୍ୟ ସ୍ତରୀୟ ସ୍ୱାସ୍ଥ୍ୟ, ପରିମଳ ଓ ପୁଷ୍ଟି ଦିବସରେ ହିତାଧିକାରୀ ମାନଙ୍କୁ ସମସ୍ତ ସୁବିଧା ଯୋଗାଇବା ଏବଂ ୧୦୦ ପ୍ରତିଶତ ଟୀକାକରଣ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ସହଯୋଗ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମ ରେ ଜିଲ୍ଲା ପୋଷଣ ସଂଯୋଜକ ସଂଜୟ ପାତ୍ର, ଅମିତା ସିଂହ, ସୁନିତା ବେହେରା ପ୍ରମୁଖ ସହ ଯୋଗ କରିଥିଲେ ।

# ଜଜାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



**କେନ୍ଦ୍ରାପଡା,୧୨।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜଜାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସବିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ କପାଳେଶ୍ୱର ସରପଞ୍ଚ କଳ୍ପନା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ଦାଶ, ବିଶିଷ୍ଟ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଞ୍ଜୁଲତା ସ୍ୱାଇଁ, ରବିନ୍ଦ୍ର କୁମାର ବାରିକ, ସମ୍ପାଦିକା ସ୍ନେହଲତା ପରିଡା ଯୋଗଦେଇ ବାର୍ଷିକ କ୍ରୀଡାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ଶିକ୍ଷକ ସେକ୍ ରିଜୁଆନ୍ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମମତା କୁମାରୀ ବିଶ୍ୱାଳ, ସଞ୍ଜୁକ୍ତା ପ୍ରଧାନ, ଗୀତାଞ୍ଜଳୀ ପରିଡା, ମାନସୀ ସିଂହ, ଅଭିଜିତ୍ ଆଟୋଇ ପ୍ରମୁଖ ସହଯୋଗ କରିଥିଲେ ।

# ପୌରପ୍ରଶାସନ କାର୍ଯ୍ୟ ପରିଚାଳନାରେ ତୀବ୍ର ଅସନ୍ତୋଷ

● ଧାରଣାରେ ବସିଥିଲେ ୱାର୍ଡ କାଉନସିଲର



**କେନ୍ଦ୍ରାପଡ଼ା,୧୨।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ପୌରପାଳିକା ୧୫୭ ବର୍ଷ ପୂର୍ତ୍ତି ପାଳନ କରିଥିବା ବେଳେ ପୌରପାଳିକା ଆଜି ବିକାଶ କାର୍ଯ୍ୟ ଗୁଡ଼ିକ ମନ୍ଥର ହୋଇପଡ଼ିଛି । ଏହାର ପ୍ରତିବାଦ ରେ ପୌରପାଳିକାର ୱାର୍ଡ କାଉଁସିଲର ସମ୍ପୂର୍ଣ୍ଣ ଭାବେ ବିରୋଧ କରିବା ସହ ସରକାର ଏବଂ ପ୍ରଶାସନ କୁ ଟାର୍ଗେଟ କରିଥିଲେ। କାଉଁସିଲର ମାନଙ୍କ ଅଭିଯୋଗ ଅନୁସାରେ ନୂଆ ବୋର୍ଡ ଆସିଲାପରେ ଆମେ ଦୁଇବର୍ଷ ଯେଉଁଭଳି କାର୍ଯ୍ୟକ୍ରମ କରୁଥିଲୁ ଏବେ ତାହା ସମ୍ପୂର୍ଣ୍ଣ ଭାବେ ବ୍ୟତିକ୍ରମ ଦେଖାଦେଇଛି। କାରଣ ନୂତନ ସରକାର ଆସିଲାପରେ ଆମେ ବର୍ଷେ ହୋଇଯିବ ବହୁ ଅସୁବିଧାର ସମ୍ମୁଖୀନ ହେଉଛୁ। କେନ୍ଦ୍ରାପଡ଼ା ପୌରପାଳିକାରେ ମାତ୍ର ଦୁଇଜଣ ନିର୍ବାହୀ ଯନ୍ତ୍ରୀ ଥିବା ବେଳେ ଦୁଇଜଣ ଏମ୍ ଇ ଅଛନ୍ତି । ତାହା ଭିତରେ ଛ ମାସକୁ ଥରେ ନିର୍ବାହୀ ଅଧିକାରୀ ଙ୍କ ବଦଳି ଆମ ସମସ୍ତଙ୍କର ମୁଣ୍ଡ ବିନ୍ଧାର କାରଣ ପାଲଟିଛି । କାରଣ ସମସ୍ତ ପ୍ରକାର ବିକାଶ ମୂଳକ କାର୍ଯ୍ୟ ସ୍ଥିର ହୋଇପଡ଼ିରହିଛି । ଦୀର୍ଘ ଦିନ ହୋଇଯିବ ଟେଣ୍ଡର ମଧ୍ୟ ହୋଇପାରୁନାହିଁ । ଯଦି କୌଣସି ଟେଣ୍ଡର ହୋଇଛି ତାହା ମଧ୍ୟ ପଡ଼ିରହିଛି । ସହ ସହ ଫାଇଲ ଏବେ ପେଣ୍ଡିଙ୍ଗ ଅବସ୍ଥାରେ ରହିଛି। ଏହାର କାରଣ ପୌରପାଳିକା ରେ ନିର୍ବାହୀ ଯନ୍ତ୍ରୀ ଜଣେ ଅଧେ ଥିବାରୁ କାର୍ଯ୍ୟ କରିବାରେ ଅସୁବିଧା ହେଉଛି। ବାରମ୍ବାର ଜିଲ୍ଲାପାଳ ଙ୍କୁ ଜଣାଇବା ସତେ କୌଣସି ପ୍ରକାର ସୁଫଳ ମିଳିପାରୁନାହିଁ ଏହାର ପ୍ରତିବାଦ ରେ ଆଜି ୧ ରୁ ୨୧ୱାର୍ଡ କାଉଁସିଲର ମାନେ ମୁନ୍ସିପାଲିଟି ସମ୍ମୁଖରେ ଧାରଣାରେ ବସିଥିଲେ। ଏହିଥିରେ ସେକ ଆସଲମ,ଉମେଶ ନାୟକ,ସୁକୁମାରଚୌଧୁରୀ,ନିରାକାର ସ୍ୱାଇଁ ,ପୁଷ୍ପଲତା ବସ୍ତିଆ ,ପୁଷ୍ପଲତା ବେହେରା, କାଳିପ୍ରସାଦ ମିଶ୍ର, ତୁଳସୀ ହେମ୍ରମ, ରଶ୍ମିତା ସିଂହ,ଶୁଭଶ୍ରୀ ନିବେଦିତା ସ୍ୱାଇଁ, ପ୍ରଦୀପ୍ତ କୁମାର ଜେନା, ଜୟନ୍ତୀ ପାଣି, ସ୍ମୃତି ପ୍ରଜ୍ଞା ବେହେରା, ରିହାନା ଖାତୁନ, ଆକବରୀ ଖାତୁନ, ହବିବା ବେଗମ,ପ୍ରମୁଖ କାଉଁସିଲର ମାନେ ସମ୍ପୂର୍ଣ୍ଣ ଭାବେ ଉପସ୍ଥିତ ଥିଲେ ।

# ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ବୈଠକ




**ପଟ୍ଟାମୁଣ୍ଡାଇ,୧୨।୨(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପଂଚାୟତ ସମିତିର ଚତୁର୍ଥ ସାଧାରଣ ଅଧିବେଶନ ଆଜି ଶାନ୍ତି ଶୃଙ୍ଖଳା ସହ ସମିତି ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ପଂଚାୟତ ସମିତି ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ କେନ୍ଦ୍ରାପଡ଼ାର ବିଧାୟକ ଗଣେଶ୍ୱର ବେହେରା, ରାଜନଗରର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ସାଂସଦ ପ୍ରତିନିଧି ସୁନାକର ବେହେରା ଯୋଗ ଦେଇ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ବିଶେଷ ଭାବେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ବାକି ଥିବା ୧୩୭ ଅଙ୍ଗନବାଡି ଗୃହ ନିର୍ମାଣ, ଧାନ ମଣ୍ଡିରୁ ମିଲରମାନେ ଜାଣିଶୁଣି ଚାଷୀମାନଙ୍କ ଧାନକୁ ନଉଠାଇବା, ଅଖା ଫେରସ୍ତ ନକରିବା ଓ କୁଇଣ୍ଟାଲ ପିଛା ୬/୮ କିଲୋଗ୍ରାମ କଟନୀ ଛଟନି କରିବା ନେଇ ବୈଠକରେ ଗଭୀର ଉଦବେଗ ପ୍ରକାଶ ପାଇଥିଲା। ସେହିପରି ସମିତିକୁ ବିଭିନ୍ନ ଯୋଜନାରେ ମିଳୁଥିବା ସରକାରୀ ଅନୁଦାନ ଅର୍ଥ ରାଶିକୁ ସଠିକ ଭାବେ ଜନହିତରେ କାର୍ଯ୍ୟକାରିତା ପାଇଁ ପଂଚାୟତ ସମିତିର ଅଧ୍ୟକ୍ଷଙ୍କ ତତ୍ୱାବଧାନ ଓ ପଂଚାୟତର ନିର୍ବାଚିତ ପ୍ରତିନିଧିମାନଙ୍କ ମାଧ୍ୟମରେ କାର୍ଯ୍ୟକାରୀ କରିବାକୁ ସଭାରେ ଉପସ୍ଥିତ ସମସ୍ତ ସଦସ୍ୟ/ସଦସ୍ୟା ସରକାରଙ୍କ ଠାରେ ଦାବି କରିଥିଲେ । ପଂଚାୟତ ପ୍ରତିନିଧିମାନଙ୍କ ପ୍ରସ୍ତାବର ଗୁରୁତ୍ୱକୁ ଉପଲବ୍ଧି କରି ସମିତିର ବିଭିନ୍ନ ସରକାରୀ ଅନୁଦାନ ବିଶେଷ ଭାବେ ବାତ୍ୟା " ଦାନା " ରେ କ୍ଷୟକ୍ଷତିର ପୁର୍ନବିନାଶ ପାଇଁ ସମିତିକୁ ଆସିଥିବା ସରକାରୀ ଅନୁଦାନରେ ହେବାକୁ ଥିବା କାଯ୍ୟଗୁଡ଼ିକୁ ଦୁଇ ବିଧାୟକଙ୍କ ପରାମର୍ଶରେ ଓ ଅଧ୍ୟକ୍ଷଙ୍କ ସହଯୋଗରେ ବିଭିନ୍ନ ପଂଚାୟତର ଜନପ୍ରତିନିଧିମାନଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କାର୍ଯ୍ୟକାରୀ କରାଯିବା ପାଇଁ ସର୍ବସମ୍ମତି ପ୍ରସ୍ତାବ ଗୃହିତ ହୋଇଥିଲା । ଏହାର ନକଲ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀଙ୍କ ନିକଟକୁ ପ୍ରେରଣ କରିବାକୁ ବି ଡି ଓଙ୍କୁ ଅନୁରୋଧ କରାଯାଇଥିଲା । ପଂଚାୟତ ସମିତି ବୈଠକରେ ନିୟମିତ ଭାବେ ବିଭିନ୍ନ ବିଭାଗ ର ଅଧିକାରୀମାନେ ଅନୁପସ୍ଥିତ ରହୁ ଥିବାରୁ ବିଭିନ୍ନ ବିଭାଗ ନେଇ ଆସୁଥିବା ପଂଚାୟତ ପ୍ରତିନିଧିଙ୍କ ଅଭିଯୋଗ ଓ ଜନସାଧାରଣଙ୍କ ସମସ୍ୟା ସମାଧାନ ହୋଇପାରୁ ନଥିବାରୁ ବୈଠକରେ ଉପସ୍ଥିତ ପଂଚାୟତ ପ୍ରତିନିଧିମାନେ ଗଭୀର ଅସନ୍ତୋଷ ପ୍ରକାଶ କରି ଏ ଦିଗରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିବାକୁ ଦାବୀ କରିଥିଲେ ଶେଷରେ ଉପାଧ୍ୟାକ୍ଷା ଜୟନ୍ତୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

# କଟକ ଜିଲ୍ଲା କୁମ୍ଭକାର ସଂଘର ସାଙ୍ଗଠନିକ ବୈଠକ

**ସାଲେପୁର,୧୨।୨(ସଂଚାର ବ୍ୟୁରୋ):** ସାଲେପୁର ରୋଧପୁରସ୍ଥ ଶାରଳା ମନ୍ଦିର ପରିସରରେ କଟକ ଜିଲ୍ଲା କୁମ୍ଭକାର ସଙ୍ଘର ଜିଲ୍ଲାସ୍ତରୀୟ ସାଙ୍ଗଠନିକ ବୈଠକ ଏବଂ ହସ୍ତଶୀଳ୍ପୀ ସଚେତନତା କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । କଟକ ଜିଲ୍ଲା ସଙ୍ଘ ସଭାପତି ଭାସ୍କର ଚନ୍ଦ୍ର ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାଲେପୁର ବ୍ଲକ ସଙ୍ଘ ର ବରିଷ୍ଠ ସଦସ୍ୟ ବିଚିତ୍ରାନନ୍ଦ ବେହେରା ସଭାପତିତ୍ୱ କରିଥିଲେ । ଓଡିଶା କୁରାଳ ମହାସଂଘ ର ଉପସଭାପତି ବିଷ୍ଣୁ ଚରଣ ବେହେରା, ସମ୍ପାଦକ ଜୟରାମ ସାହୁ, କଟକ ଜିଲ୍ଲା ସଙ୍ଘ ସମ୍ପାଦକ ରବୀନ୍ଦ୍ର କୁମାର ବେହେରା, ଜିଲ୍ଲା ମହିଳା ସଂଗଠନ ସଭାନେତ୍ରୀ ସସ୍ମିତା ବେହେରା,କେନ୍ଦ୍ରାପଡ଼ା ଜିଲ୍ଲା ସଙ୍ଘ ସମ୍ପାଦକ ବିଚିତ୍ରାନନ୍ଦ ବେହେରା,ଜଗତସିଂହପୁର ଜିଲ୍ଲା ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ଯାଜପୁର ଜିଲ୍ଲାର ସଞ୍ଜୟ କୁମାର ବେହେରା, କଟକ ଚୌଦ୍ୱାର ର ବିଜୟ କୁମାର ରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ରାଜ୍ୟ ସରକାରଙ୍କ ହସ୍ତଶୀଳ୍ପ ବିଭାଗ ପକ୍ଷରୁ ଥିବା ଯୋଜନା ଏବଂ ସେହି ଯୋଜନାର ଲାଭ ପାଇବା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । କଟକ ଜିଲ୍ଲା ସଂଗଠନକୁ ସୁଦୃଢ କରି ସରକାରଙ୍କ ନିକଟରେ ବିଭିନ୍ନ ଦାବୀ ରଖିବାକୁ କଟକ ଜିଲ୍ଲା ସଙ୍ଘ ସମ୍ପାଦକ ପ୍ରସ୍ତାବ ଆଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯାଜପୁର ଦଶରଥପୁର ବ୍ଲକର ମହେନ୍ଦ୍ର ସାହୁ, ବଡ଼ଚଣା ବ୍ଲକର ଗଜେନ୍ଦ୍ର ରଣା, ଜଗତସିଂହପୁର ବ୍ଲକର ସୁକାନ୍ତ ମୁଦୁଲି,କୁଜଙ୍ଗ ବ୍ଲକ ଗୁଣନିଧି ବେହେରା, ବିଚିତ୍ରାନନ୍ଦ ବେହେରା , କେନ୍ଦ୍ରାପଡ଼ା ଜିଲ୍ଲା କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା, ପଟ୍ଟାମୁଣ୍ଡାଇ ବ୍ଲକର ଅଭୟ ବେହେରା, କଟକ ଜିଲ୍ଲା ସଂଗଠକ ଅଲେଖ ମୁଦୁଲି ,ଟାଙ୍ଗୀ ଚୈଦ୍ୱାରର ଶ୍ରୀଧର ରଣା, ମାହାଙ୍ଗା ର ବିଶ୍ୱରଂଜନ ରଣା, କୁଞ୍ଜଲତା ବେହେରା, ଦ୍ରୌପଦୀ ବେହେରା, କଳ୍ପତରୁ ବେହେରା, ଧରଣୀଧର ରଣା,ଗୋଲେଖ ମୁଦୁଲି, ଝରି ମୁଦୁଲି,ସବିତା ବେହେରା ,ଚିନ୍ମୟୀ ମୁଦୁଲି, ପକେଇ ମୁଦୁଲି ଙ୍କ ସମେତ ଶତାଧିକ କୁମ୍ଭକାର ପ୍ରତିନିଧି ଯୋଗଦେଇଥିଲେ ।




# ରାଷ୍ଟ୍ରୀୟ ଲୋକ ଅଦାଲତ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା,୧୨।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କୋର୍ଟ ପରିସର ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଏସଡିଜେଏମ୍ ଇରା ପଟ୍ଟନାୟକ, ଜେଏମଏଫସି ସସ୍ମିତା ସାହୁ, ସିଭିଲ ଜଜ କମ ଚେୟାରମ୍ୟାନ ଦେୱାନୀ ସତ୍ୟଦର୍ଶୀ ନନ୍ଦ, ଜେଏମଏଫସି ରାଜନଗର ଶ୍ରୀନିବାସ ମିଶ୍ର ପ୍ରମୁଖ ସମସ୍ତ ବିଚାରପତି ଓ ଜିଲ୍ଲାର ବିଭିନ୍ନ ବ୍ୟାଙ୍କ ଶାଖା ପରିଚାଳକ ଉପସ୍ଥିତ ରହି ଆସନ୍ତା ମାର୍ଚ୍ଚ ୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଆସନ୍ତା ରାଷ୍ଟ୍ରୀୟ ଲୋକ ଅଦାଲତ ରେ ଯେଉଁ କେସ ଗୁଡିକ ଉକ୍ତ କୋର୍ଟରେ ବିଚାରଧୀନ ଅଛି କିପରି ଅତି ସହଜରେ ବହୁମାତ୍ରା ରେ ସମାଧାନ ହୋଇ ପାରିବ ସେ ସଂପର୍କରେ ଯତ୍ନବାନ୍ ହେବାକୁ ଆଲୋଚନା କରିଥିଲେ ।

# ବିଜେପି ନେତାଙ୍କ ନାମରେ ମାମଲା ରୁଜୁ

## ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କଲା ସାମ୍ବାଦିକ ସଂଘ



**କେନ୍ଦ୍ରାପଡ଼ା,୧୨।୨(ସଂଚାର ବ୍ୟୁରୋ):** ଆଳି ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା ଷଡଯନ୍ତ୍ର କରି ନିଜ କର୍ମୀ ମାନଙ୍କ ଦ୍ୱାରା ସାମ୍ବାଦିକ ଲିଟୁଆ ରାଉତଙ୍କୁ ମରଣାତ୍ମକ ଆକ୍ରମଣ କରାଇଥିବା ନେଇ ଆଳି ଥାନାରେ ସଙ୍ଗୀନ ଅଭିଯୋଗ ହୋଇଛି । ପୂର୍ବରୁ ସାମ୍ବାଦିକ ଲିଟୁଆ ରାଉତଙ୍କୁ ମିଥ୍ୟା ମାମଲାରେ ଫସାଇ ଜୀବନରୁ ମାରିଦେବା ପାଇଁ କୃଷ୍ଣଚନ୍ଦ୍ର ଧମକ ଦେଇଥିଲେ ବୋଲି ଜାଣିବାକୁ ମିଳିଛି। ଗତ ୫ ତାରିଖ ଅପରାହ୍ନରେ ଜୀବନରୁ ମାରିଦେବା ପାଇଁ ନିଜ କର୍ମୀଙ୍କୁ ଲଗାଇ ସେ ଆକ୍ରମଣ କରିଛନ୍ତି । କ୍ଷମତାରେ ନଥାଇ ଯଦି ଶ୍ରୀ ପଣ୍ଡା ଦିନ ଦିପହରରେ ଖୁଲମ ଖୁଲା ସାମ୍ବାଦିକଙ୍କୁ ଆକ୍ରମଣ କରାଉଛନ୍ତି ତେବେ କ୍ଷମତାକୁ ଆସିଲେ ଆଳିର ସାଧାରଣ ଜନତା କେତେ ସୁରକ୍ଷିତ ରହିବେ ତାହା ଏବେ ବଡ଼ ପ୍ରଶ୍ନବାଚି ସୃଷ୍ଟି କରିଛି । ଖାଲି ଏତିକି ନୁହେଁ ଶ୍ରୀ ପଣ୍ଡାଙ୍କ ପୂର୍ବ ରେକର୍ଡ ରେ ବିଭିନ୍ନ ଅପରାଧିକ ମାମଲା ଥିବା ଜଣାପଡିଛି । ପୂର୍ବରୁ ଗୁଳିକାଣ୍ଡ ଘଟଣାରେ ସେତେବେଳେ ପ୍ରଶାସନକୁ ହାତବାରିସ କରି ଘଟାଇଥିଲେ ନାରକିୟ କାଣ୍ଡ । ଆଜି ବି ନ୍ୟାୟ ଅପେକ୍ଷାରେ ରହିଛନ୍ତି ନମତରା ବାସୀ । ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀ ପଣ୍ଡାଙ୍କ ନାମରେ ଆଳିର ସାମ୍ବାଦିକ ଆକ୍ରମଣ ଘଟଣାରେ ସମ୍ପୃକ୍ତି ନେଇ ଆଳି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟରତ ଥିବା ସାମ୍ବାଦିକ ଲିଟୁଆ ରାଉତଙ୍କୁ ଗତ ମଙ୍ଗଳବାର ଅପରାହ୍ନ ପ୍ରାୟ ୫ଟାରେ ଏକ ସରକାରୀ କାର୍ଯ୍ୟକ୍ରମର ଖବର ସଂଗ୍ରହ କରି ନିଜ ଗ୍ରାମ ଗୋବିନ୍ଦପୁରକୁ ଫେରୁଥିଲେ । ଆଳି - ଭୁଇଁପୁର ରାସ୍ତାରେ ଥିବା ମଦ ଦୋକାନର ଅନତି ଦୂରରେ ହଠାତ୍ ମୂଳସାହି ଗ୍ରାମର ବିନୁ ଓରଫ ବିନେଶ ସାମଲ, ସୀତେଶ ସେନାପତି ଓ ଶିବମ ସେନାପତି ପ୍ରମୁଖ ଠେଙ୍ଗା, ବାଡି ଓ ଲୁହା ରଡରେ ତାଙ୍କୁ ଆକ୍ରମଣ କରିଥିଲେ । ସାମ୍ବାଦିକ ଜଣକ ନିଜ ବାଇକରୁ ତଳେ ପଡ଼ି ଚିତ୍କାର କରିଥିଲେ । ଅଭିଯୁକ୍ତ ମାନେ ସେ ବେକରେ ପିନ୍ଧିଥିବା ଏକ ସୁନା ଚେନ ଛଡାଇ ନେଇଯିବା ସହ ୨ଟି ମୋବାଇଲକୁ ନେଇ ସେଠାରେ ବାଡେଇ ଭାଙ୍ଗିଥିଲେ । ବାଇକକୁ ମଧ୍ୟ ଭଙ୍ଗାରୁଜା କରିଥିଲେ । ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ତାଙ୍କୁ ମରଣାତ୍ମକ ଆକ୍ରମଣ କରି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ ଏହି ଆକ୍ରମଣ କାରୀମାନେ । ଜୀବନ ବଞ୍ଚାଇବାକୁ ବିଲ ଭିତରକୁ ଦୌଡ଼ି ପଳାଇ ଯାଇ କିଛି ବନ୍ଧୁଙ୍କ ସହାୟତାରେ ପ୍ରଥମେ ଗୋବିନ୍ଦପୁର ଡାକ୍ତରଖାନରେ ଚିକିତ୍ସିତ ହୋଇଥିଲେ । ଏ ସମ୍ପର୍କରେ ଆଳି ଥାନାରେ ଅଭିଯୋଗ ହେବା ଆଜକୁ ୭ ଦିନ ବିତି ଯାଇଥିଲେ ମଧ୍ୟ ଆଳି ପୋଲିସ୍ କେବଳ ଏକ ମାମଲା ରୁଜୁ କରି ହାତ ବାନ୍ଧି ବସି ରହିଛି । ଏନେଇ ସାମ୍ବାଦିକ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଯଦି ଆସାମୀ ମାନଙ୍କୁ ତୁରନ୍ତ ଗିରଫ ନ କରାଯାଏ ତେବେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରିବାକୁ ଷ୍ଟେଟ ୟୁନିଅନ ଅଫ ଜର୍ଣାଲିଷ୍ଟ୍ ( ଏସୟୁଜେ) ସାମ୍ବାଦିକ ସଂଘ ଚେତାବନୀ ଦେବା ସହିତ କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଦାବୀ କରିଛି । ସାମ୍ବାଦିକ ଶ୍ରୀ ରାଉତ ଅଭିଯୋଗ ଆଣିଛନ୍ତି କି ଆଳି ଥାନାରେ ବିଜେପି ପ୍ରାର୍ଥୀ ଶ୍ରୀ ପଣ୍ଡା ପୂର୍ବରୁ ତାଙ୍କ ନାମରେ ଏକ ମିଥ୍ୟ ମାମଲା କରି ଭୟଭୀତ କରାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଶ୍ରୀ ରାଉତଙ୍କୁ ଅନେକ ମିଥ୍ୟା କେଶର ଫସାଇବା ସହିତ ଜୀବନରୁ ମାରିଦେବାକୁ ଷଡ଼ଯନ୍ତ୍ର ରଚା ଯାଇଥିବା ନେଇ ସାମ୍ବାଦିକ ଶ୍ରୀ ରାଉତ କହିଥିବା ବେଳେ ନିଜ ଜୀବନ ପ୍ରତି ବିପଦ ଥିବାରୁ ତାଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ନିବେଦନ କରିଛନ୍ତି ।

● ସୁପ୍ରିମ୍‌କୋର୍ଟଙ୍କ କଡ଼ା ଟିପ୍ପଣୀ

## ଲୋକଙ୍କୁ କୋଢ଼ିଆ କରୁଛି ମାଗଣା ରାସନ ଓ ଟଙ୍କା



**ନୂଆଦିଲ୍ଲୀ, ୧୨।୨:** ମାଗଣା ରାସନ ଓ ଟଙ୍କା ପାଇ ସାଧାରଣ ଲୋକ କୋଢ଼ିଆ ହୋଇଗଲେଣି। ଆଉ କେହି ପରିଶ୍ରମ କରି ଅର୍ଥ ଉପାର୍ଜନ କରିବାକୁ ଚାହୁଁନାହାନ୍ତି। କାରଣ ଘରେ ବସି ବସି ଖାଇବା ପାଇଁ ଚାଉଳ ମିଳିଯାଉଛି। ଆଉ ଚଳିବା ପାଇଁ ଟଙ୍କା ବି ମିଳୁଛି। ତେଣୁ ଲୋକ ନିକମା ହୋଇଗଲେଣି। ଏପରି ଏକ କଡ଼ା ଟିପ୍ପଣୀ ଦେଇଛନ୍ତି ସୁପ୍ରିମକୋର୍ଟ। ସହରାଞ୍ଚଳରେ ବାସହୀନ ଲୋକଙ୍କ ପାଇଁ ଆଶ୍ରୟ ଅଧିକାର ସହିତ ଜଡ଼ିତ ଏକ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏପରି ଟିପ୍ପଣୀ ଦେଇଥିବା କଥା ସାମ୍ନାକୁ ଆସିଛି। ଯଦି ଦେଖିବା କେନ୍ଦ୍ର ସରକାର ହୁଅନ୍ତୁ କିମ୍ବା କୌଣସି ରାଜ୍ୟ ସରକାର ଅବା କୌଣସି ଅନ୍ୟ ଦଳ, ସମସ୍ତେ ନିର୍ବାଚନ ପୂର୍ବରୁ ସାଧାରଣ ଲୋକଙ୍କୁ ଅନେକ ଲୋଭ ଦେଖାଇଥାନ୍ତି। ଫ୍ରି' ରାସନ ସହ ଟଙ୍କା ମଧ୍ୟ ଦେବା ପାଇଁ ଘୋଷଣା କରନ୍ତି। ଏପରିକି କିଛି ଦଳ କ୍ଷମତାକୁ ଆସିବା ପରେ ନିଜ ପ୍ରତିଶ୍ରୁତି ପାଳନ କରନ୍ତି ଏବଂ ଲୋକଙ୍କୁ କିଛି ସ୍କିମ ମାଧ୍ୟମରେ ଟଙ୍କା ଦେବା ସହ ମାଗଣା ଚାଉଳ ମଧ୍ୟ ପ୍ରତି ମାସରେ ପ୍ରଦାନ କରୁଛନ୍ତି। ହେଲେ ସରକାରଙ୍କ ଏହି ମାଗଣା ଚାଉଳ ଓ ଟଙ୍କା ପାଇଁ ଅଧିକାଂଶ ଲୋକ କୋଢ଼ିଆ ହୋଇଗଲେଣି। ଆଉ କୌଣସି କାମ କାର୍ଯ୍ୟ ନ କରି ଘରେ ବସି ରହୁଛନ୍ତି। କାରଣ ଘରେ ବସି ବସି ସେମାନଙ୍କ ପରିବାର ଚଳିଯାଉଛି। ତେଣୁ ପେଟ ପୋଷିବା ପାଇଁ କୌଣସି ଚିନ୍ତା ରହୁନାହିଁ। ଯେଉଁ କାରଣ ପାଇଁ ସେମାନେ କାମ କରୁନାହାନ୍ତି। ବରଂ ଦିନକୁ ଦିନ ଅକର୍ମଣ୍ୟ ହୋଇ ପଡୁଛନ୍ତି। ଏକ ଆବେଦନର ଶୁଣାଣି କରି ଏପରି ମନ୍ତବ୍ୟ ଦେଇଛନ୍ତି ସୁପ୍ରିମକୋର୍ଟ। ପୂର୍ବରୁ ମଧ୍ୟ ଗତ ବର୍ଷ ନିର୍ବାଚନ ପ୍ରଚାର ସମୟରେ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ମାଗଣା ସୁବିଧା ପ୍ରଦାନ କରିବାର ଅଭ୍ୟାସକୁ ଚ୍ୟାଲେଞ୍ଜ କରି ଏକ ଆବେଦନର ଜବାବ ଦେବାକୁ କୋର୍ଟ କେନ୍ଦ୍ର ଏବଂ ନିର୍ବାଚନ କମିଶନଙ୍କୁ ଆବେଦନର ଉତ୍ତର ଦେବାକୁ କହିଥିଲେ।

## ଘରୋଇ ହସ୍ପିଟାଲ ସିଲ୍, କାଗଜପତ୍ର ନ ଥିବାରୁ କାର୍ଯ୍ୟାନୁଷ୍ଠାନ

**କଟକ, ୧୨।୨ (ସଂଚାର ବ୍ୟୁରୋ):** କଟକ ମଙ୍ଗଳାବାଗ ରିଙ୍ଗ ରୋଡରେ ଥିବା ଏକ ପ୍ରତିଷ୍ଠିତ ଘରୋଇ ହସ୍ପିଟାଲ୍‌କୁ ସିଲ୍ କରିଛି ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଟିମ୍। ହସ୍ପିଟାଲ୍ ପାଇଁ ଅନୁମତି ଓ ସ୍ୱାସ୍ଥ୍ୟ ବିଭାଗର ଆବଶ୍ୟକୀୟ କାଗଜପତ୍ର ନଥିବାରୁ ସିଲ୍ କଲା ଜିଲ୍ଲା ପ୍ରଶାସନ। ହସ୍ପିଟାଲ୍‌ରେ ଯଦିଓ କେହି ରୋଗୀ ନ ଥିଲେ ହେଲେ ହସ୍ପିଟାଲ୍‌ର ଆବଶ୍ୟକୀୟ ସାମଗ୍ରୀକୁ କାଢ଼ି ବିଦ୍ୟୁତ୍ ସଂଯୋଗ ବନ୍ଦ କରାଯିବା ସହ ହସ୍ପିଟାଲ୍‌କୁ ସିଲ୍ କରାଯାଇଛି। ଗତ ୨୦୧୫ରୁ ହସ୍ପିଟାଲ୍ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ପ୍ରମାଣପତ୍ର ମଧ୍ୟ ନ ଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ହସ୍ପିଟାଲ୍ ଦୀର୍ଘ ୪୫ ବର୍ଷ ଧରି ଚାଲିଥିବା ବେଳେ ୨୦୧୫ରୁ ହସ୍ପିଟାଲ୍‌ର ଆବଶ୍ୟକୀୟ କାଗଜପତ୍ର ନାହିଁ। ଯେଉଁଥିପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାରମ୍ବାର ନୋଟିସ ଜାରି କରାଯାଇଥିଲେ ସୁଦ୍ଧା ହସ୍ପିଟାଲ୍ କର୍ତ୍ତୃପକ୍ଷ କୌଣସି କାଗଜପତ୍ର କରି ନଥିଲେ। ଯାହା ଫଳରେ ସ୍ୱାସ୍ଥ୍ୟ ବିଭାଗ ଜିଲ୍ଲାପାଳଙ୍କ ଅନୁମତି ଆଣି ସିଲ୍ କରାଯାଇଥିବା କହିଛନ୍ତି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ। ସେପଟେ ହସ୍ପିଟାଲ୍ ପୁରୁଣା ହୋଇଥିବାରୁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ମିଳୁନଥିଲା। ଯାହା ଫଳରେ ଆବଶ୍ୟକୀୟ କାଗଜପତ୍ର କରି ହେଉନଥିବା ହସ୍ପିଟାଲର ଡାକ୍ତର କହିଛନ୍ତି।

● ନବ ଦାସ ହତ୍ୟା ମାମଲା

## ଷ୍ଟାଟସ ରିପୋର୍ଟ ମାଗିଲେ ହାଇକୋର୍ଟ

**କଟକ, ୧୨।୨ (ସଂଚାର ବ୍ୟୁରୋ):** ରାଜ୍ୟର ବହୁ ଚର୍ଚ୍ଚିତ ନବ ଦାସ ହତ୍ୟା ମାମଲାର ଷ୍ଟାଟସ ରିପୋର୍ଟ ମାଗିଛନ୍ତି ହାଇକୋର୍ଟ। ତଦନ୍ତର ସ୍ଥିତି ସମ୍ପର୍କରେ ତଥ୍ୟ ଦେବାକୁ ରାଜ୍ୟ ସରକାରଙ୍କୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୯ ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ କହିଛନ୍ତି ଅଦାଲତ। ମାମଲାର ସିବିଆଇ ତଦନ୍ତ ଦାବିରେ ହାଇକୋର୍ଟରେ ପିପି ମହାନ୍ତି ଯାଚିକା ଦାୟର କରିଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ସାମାଜିକ କର୍ମୀ ପିନାକପାଣି ମହାନ୍ତିଙ୍କ ଆବେଦନର ଉପରେ ଆସନ୍ତା ୧୯ ତାରିଖ ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଦେବାକୁ କୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ତରଫରୁ ଦାୟର ଆବେଦନରେ ଦର୍ଶାଯାଇଛି ଯେ ଓଡ଼ିଶାରେ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ଦିନ ଦ୍ୱି ପ୍ରହରରେ ହତ୍ୟା କରାଗଲା। ନବ ଦାସଙ୍କୁ କ'ଣ ପାଇଁ ଓ କେଉଁ ପରିସ୍ଥିତିରେ ହତ୍ୟା କରାଯାଇଥିଲା ତାହାର ଉତ୍ତର କ୍ରାଇମବ୍ରାଞ୍ଚ ତଦନ୍ତରୁ ମିଳି ନାହିଁ। ନବ ଦାସଙ୍କ ହତ୍ୟା ଘଟଣାର ସିବିଆଇ ଦ୍ୱାରା ତଦନ୍ତ କରାଗଲେ ସତ ପଦାକୁ ଆସିବ। ତେଣୁ ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଉ । ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ନବ ଦାସଙ୍କ ମୃତ୍ୟୁକୁ ପୂରିଛି ଦୁଇ ବର୍ଷ। ଏହି ଅବସରରେ ଝାରସୁଗୁଡ଼ାର ପୂର୍ବତନ ବିଧାୟକ ତଥା ନବ ଦାସଙ୍କ ଝିଅ ଦୀପାଳି ଦାସ ସିବିଆଇ ତଦନ୍ତ ଦାବି ଦୋହରାଇଥିଲେ । ଖୁବଶୀଘ୍ର ସିବିଆଇ ତଦନ୍ତ ପାଇଁ ଆଇନମନ୍ତ୍ରୀଙ୍କ ନିକଟରେ ଦାବି କରିବୁ ବୋଲି ଚଳିତ ବର୍ଷ ଜାନୁଆରୀ ୨୯ରେ କହିଥିଲେ ଦୀପାଳି ଦାସ।

ଆଇଆଇଟି ଭୁବନେଶ୍ୱରର ସପ୍ତଦଶ ପ୍ରତିଷ୍ଠା ଦିବସ

# ବିଶ୍ୱସ୍ତରୀୟ ଉତ୍କର୍ଷତା ଦିଗରେ ଉଦ୍ୟମ ପାଇଁ ରାଜ୍ୟପାଳଙ୍କ ପରାମର୍ଶ

**ଭୁବନେଶ୍ୱର, ୧୨।୨ (ସଂଚାର ବ୍ୟୁରୋ):** ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ଏହାର ସପ୍ତଦଶ ପ୍ରତିଷ୍ଠା ଦିବସ ପାଳନ କରିଥିବା ବେଳେ ଏଥିରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମାବେଶକୁ ସମ୍ବୋଧିତ କରି ରାଜ୍ୟପାଳ ଯେ ୨୦୦୮ରେ ପ୍ରତିଷ୍ଠା ହେବା ପରଠାରୁ ପ୍ରତିଷ୍ଠାନର ଉଲ୍ଲେଖନୀୟ ଅଗ୍ରଗତିକୁ ପ୍ରଶଂସା କରିବା ସହ ଏହାକୁ ବିଶ୍ୱସ୍ତରୀୟ ଉତ୍କର୍ଷତା ପାଇଁ ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟପାଳ କହିଥିଲେ ଯେ ଆଇଆଇଟି ଭୁବନେଶ୍ୱରର ବହୁବିଧ ପାଠ୍ୟକ୍ରମ ଏବଂ ଶିଳ୍ପ-ଶିକ୍ଷା ସହଯୋଗ ଉପରେ ଧ୍ୟାନ ଏହାକୁ ପୃଥକ କରିଛି। ସେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉଦ୍ୟୋଗୀତା ଏବଂ ନବସୃଜନର ଭାବନାକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ବିଶ୍ୱସ୍ତରୀୟ ଷ୍ଟାର୍ଟ-ଅପ୍ ଇକୋସିଷ୍ଟମରେ ଭାରତର ବର୍ଦ୍ଧିତ ନେତୃତ୍ୱକୁ ପ୍ରତିଫଳିତ କରେ। ଛାତ୍ରଛାତ୍ରୀମାନଙ୍କୁ ଦୃଢ଼ ବିଶ୍ୱାସ, ସାହସ ଏବଂ କରୁଣା ସହିତ ନେତୃତ୍ୱ ନେବାକୁ ଆହ୍ୱାନ କରି, ମାନ୍ୟବର ରାଜ୍ୟପାଳ ସେମାନଙ୍କୁ ମହତ୍ୱାକାଂକ୍ଷୀ ପ୍ରକଳ୍ପଗୁଡ଼ିକୁ ଅନୁସରଣ କରିବାକୁ ଏବଂ 'ବିକଶିତ ଭାରତ' ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ' ଦୃଷ୍ଟିକୋଣରେ ଯୋଗଦାନ ଦେବାକୁ ଉତ୍ସାହିତ କରିଥିଲେ। ସେ ଗୁରୁତ୍ୱାକାଂକ୍ଷୀ ବିଶ୍ୱରେ ନେତୃତ୍ୱ ଭୂମିକା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରିବା ପାଇଁ ପ୍ରତିଷ୍ଠାନ ଜ୍ଞାନ ସୃଷ୍ଟି ଏବଂ ଜୀବନବ୍ୟାପୀ ଶିକ୍ଷାର ସଂସ୍କୃତି ନିର୍ମାଣ ଜାରି ରଖିବା ଉଚିତ ବୋଲି ଗୁରୁତ୍ୱାକାଂକ୍ଷୀ କହିଥିଲେ। ରାଜ୍ୟପାଳ ତାଙ୍କ ଭାଷଣ ଏକ ପ୍ରେରଣାଦାୟକ ବାର୍ତ୍ତା ସହିତ ଶେଷ କରିଥିଲେ: 'ଆସନ୍ତୁ ଆମେ ଏପରି ଜ୍ଞାନ ସୃଷ୍ଟି କରିବା ଯାହା ବିଶ୍ୱକୁ ସୂଚନା ଦେବ ଏବଂ ପରିବର୍ତ୍ତନ କରିବ ଏବଂ ଛାତ୍ରଛାତ୍ରୀମାନଙ୍କୁ ବୈଷୟିକ ଭାବରେ ଭିତ୍ତିଭୂମି ବିଶିଷ୍ଟ ନେତା ଭାବରେ ପ୍ରସ୍ତୁତ କରିବ ଯେଉଁମାନେ ବିଶ୍ୱକୁ ପରିବର୍ତ୍ତନ କରିବେ। 'ସେ ଛାତ୍ର ଏବଂ ଅଧ୍ୟାପକଙ୍କୁ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ହାସଲ କରିବାକୁ ପ୍ରେରଣା ଦେଇଥିଲେ, ନିଶ୍ଚିତ କରିଥିଲେ ଯେ ଆଇଆଇଟି ଭୁବନେଶ୍ୱର ବିଶ୍ୱସ୍ତରୀୟ ପ୍ରସିଦ୍ଧ ଉତ୍କର୍ଷ ପ୍ରତିଷ୍ଠାନରେ ବିକଶିତ ହେବ।

ଏହି ଅବସରରେ ରାଜ୍ୟପାଳ ପ୍ରତିଷ୍ଠାନର ବିଭିନ୍ନ ପ୍ରମୁଖ ଗବେଷଣା ଏବଂ ବିକାଶ ସୁବିଧା ପରିଦର୍ଶନ କରିଥିଲେ। ଆଇଆଇଟି ଭୁବନେଶ୍ୱର ଗବେଷଣା ଏବଂ ଉଦ୍ୟୋଗୀତା ପାର୍କ, ସିଲିକନ୍ କାର୍ବାଇଡ୍ ଗବେଷଣା ଏବଂ ନବସୃଜନ କେନ୍ଦ୍ର, ମାଇକ୍ରୋଫାବ୍ରିକେସନ୍ ଏବଂ କ୍ୟାରେକ୍ଟରାଇଜେସନ୍ ଲ୍ୟାବ, ଭର୍ଚୁଆଲ୍ ଏବଂ ଅଗମେଣ୍ଟେଡ୍ ରିଆଲିଟି ସେଣ୍ଟର ଅଫ୍ ଏକ୍ସିଲେନ୍ସ ଓ ସିଷ୍ଟମ୍ ଅନ୍ ଚିପ୍ ପରୀକ୍ଷାଗାର ଇତ୍ୟାଦି ପରିଦର୍ଶନ କରିଥିଲେ।

ପ୍ରାରମ୍ଭରେ ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ସ୍ୱାଗତ ଭାଷଣ ଦେବା ସହ ପ୍ରତିଷ୍ଠାନର ଆଗାମୀ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ଯାତ୍ରା ସମ୍ପର୍କରେ ବ୍ୟାଖ୍ୟା କରିବା ସହ ଶିକ୍ଷାଦାନ-ଶିକ୍ଷା, ଗବେଷଣା, ଶିଳ୍ପ-ଶିକ୍ଷା ସହଯୋଗ, ଉଦ୍ୟୋଗ ବିକାଶ, ଉତ୍କୃଷ୍ଟ ସ୍କୁଲ ଶିକ୍ଷକ ସୃଷ୍ଟି ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱ କ୍ଷେତ୍ରରେ ଏହାର ନୂତନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ରାଜେଶ ରୋଶନ ଦାଶ, ଡିନ୍ (ଛାତ୍ର ବ୍ୟାପାର) ଧନ୍ୟବାଦ ପ୍ରସ୍ତାବ କରିଥିଲେ। ପ୍ରଫେସର ମିହିର ପଣ୍ଡିତ, ଡିନ୍ (ଅଧ୍ୟାପକ) ଏବଂ ପ୍ରତିଷ୍ଠାନର ରେଜିଷ୍ଟ୍ରାର ବାମାଦେବ ଆଚାର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଏହାର ବାର୍ଷିକ ସାଂସ୍କୃତିକ ଏବଂ ଟେକ୍ନୋପ୍ରେନ୍ୟୁରସିପ୍ ଫେଷ୍ଟର ପ୍ରଥମ ସଂସ୍କରଣ 'ପ୍ରବାହ'ର ଶୁଭାରମ୍ଭ କରାଯାଇଥିଲା। ପ୍ରତିଷ୍ଠା ଦିବସ ପାଳନ ପୂର୍ବରୁ ଦୁଇଟି ୮ ସିଟ୍ ବିଶିଷ୍ଟ ବୈଦ୍ୟୁତିକ ଯାନର ସେବା ମଧ୍ୟ ଉଦ୍‌ଘାଟିତ ହୋଇଥିଲା, ଯାହାକୁ କାନାରା ବ୍ୟାଙ୍କ ଦ୍ୱାରା ସେମାନଙ୍କର ସିଏସଆର ପଦକ୍ଷେପର ଅଂଶ ଭାବରେ ଆଇଆଇଟି ଭୁବନେଶ୍ୱରର ସିଏସଆର ସେଲ୍ ସହଯୋଗରେ ପ୍ରତିଷ୍ଠାନକୁ ଦାନ କରାଯାଇଥିଲା। ଏଥିରେ କାନାରା ବ୍ୟାଙ୍କର ସର୍କଲ୍ ହେଡ୍ ଓ ଜେନେରାଲ ମ୍ୟାନେଜର ପ୍ରଫେସର ଶ୍ରୀପଦ କରମଲକର ଓ ଜଗଦୀଶ ଚନ୍ଦର, ସିଏସଆର ସେଲର ପ୍ରଫେସର-ଇନ୍-ଚାର୍ଜ ଡକ୍ଟର ନରେଶ ଚନ୍ଦ୍ର ସାହୁ, ଆଇଆଇଟି ଭୁବନେଶ୍ୱରର ଅଧ୍ୟାପକ, କର୍ମଚାରୀ ଏବଂ କାନାରା ବ୍ୟାଙ୍କର ଅଧିକାରୀଙ୍କ ଉପସ୍ଥିତିରେ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।




ସମ୍ବଲପୁରରେ '୩୨ତମ ଖଣ୍ଡକୋଟା ଧନୁଯାତ୍ରା ଉତ୍ସବ

# ଭାଇଚାରା ଓ ସୁଶାସନ ପ୍ରତିଷ୍ଠା କରୁଛି 'ଧନୁଯାତ୍ରା'

**କୁଚିଣ୍ଡା/ସମ୍ବଲପୁର, ୧୨।୨ (ସଂଚାର ବ୍ୟୁରୋ):** ଧନୁଯାତ୍ରା ଉତ୍ସବ ସମାଜରେ ଭାଇଚାରା ଓ ସୁଶାସନ ପ୍ରତିଷ୍ଠା ଦିଗରେ ଅନ୍ୟତମ ମାଧ୍ୟମ ହୋଇଛି ବୋଲି ଆଜି ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଖଣ୍ଡକୋଟାଠାରେ ଆୟୋଜିତ ୩୨ତମ ବିରାଟ ଧନୁଯାତ୍ରା ମହୋତ୍ସବରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ବ୍ୟକ୍ତ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ମାଘ ପୂର୍ଣ୍ଣିମା ତଥା ଅଗ୍ନି ଉତ୍ସବ ଅବସରରେ କୁଚିଣ୍ଡା ସବଡିଭିଜନର ଐତିହାସିକ ଖଣ୍ଡକୋଟା ଧନୁଯାତ୍ରାରେ ଯୋଗଦେବା ସୌଭାଗ୍ୟର ବିଷୟ। ଅସତ୍ୟ ଉପରେ ସତ୍ୟ, ଅଧର୍ମ ଉପରେ



ଧନୁଯାତ୍ରା ଲୋକଙ୍କ ଧାର୍ମିକ ଭାବନାକୁ ଉଜ୍ଜୀବିତ କରିଛି

ଧର୍ମର ବିଜୟ ତଥା ସମାଜରେ ନ୍ୟାୟପୂର୍ଣ୍ଣ ଶାସନ ପ୍ରତିଷ୍ଠା କରିବା ଧନୁଯାତ୍ରାର ଅନନ୍ୟ ପରମ୍ପରା। ଏହି ଧନୁଯାତ୍ରା ମହୋତ୍ସବରେ ବହୁସଂଖ୍ୟାରେ ଲୋକେ ସମବେତ ହେବା ସେମାନଙ୍କର ଧାର୍ମିକ ଭାବନାକୁ ପ୍ରତିଫଳିତ କରୁଛି। ଧନୁଯାତ୍ରା ଉତ୍ସବକୁ ନେଇ ଲୋକଙ୍କ ମଧ୍ୟରେ ଅଫୁରନ୍ତ ଖୁସି ଓ ଆନନ୍ଦ ରହିଛି। ଏଠାରେ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯିବା ସହ ପ୍ରତିଭାବାନ ଚାଷୀମାନଙ୍କୁ ପ୍ରୋତ୍ସାହିତ କରାଯାଉଛି। ରାଜ୍ୟ ସରକାର ସୁଭଦ୍ରା ଯୋଜନା ଓ ବର୍ଦ୍ଧିତ ଏମଏସପି ମୂଲ୍ୟରେ ଧାନ ସଂଗ୍ରହ ଲୋକମାନଙ୍କୁ ବହୁତ ଖୁସି ଦେଇଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଐତିହାସିକ ଖଣ୍ଡକୋଟାର ଧନୁଯାତ୍ରା ଲୋକାଦୃତ ହେଉଥିବା ବେଳେ ଏହାକୁ ଆଗାମୀ ଦିନରେ ଆହୁରି ଭବ୍ୟ କରିବାକୁ ହେବ। କୁଚିଣ୍ଡା ଉପଖଣ୍ଡକୁ ସବୁ କ୍ଷେତ୍ରରେ ଅଗ୍ରଣୀ କରିବା ପାଇଁ ସାମୂହିକ ଦାୟିତ୍ୱ ନେବାକୁ ପଡ଼ିବ। ଧନୁଯାତ୍ରା ମାଧ୍ୟମରେ ଦୀର୍ଘ ୩୨ ବର୍ଷ ଧରି ସ୍ଥାନୀୟ କଳା, ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର କରୁଥିବାରୁ ଆୟୋଜକ ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇବା ସହ ଧନୁଯାତ୍ରାର ବାର୍ତ୍ତା ସମାଜରେ ସୁଖ, ଶାନ୍ତି, ଭାଇଚାରା ଏବଂ ସୁଶାସନ ପ୍ରତିଷ୍ଠା କରିବା ନେଇ କେନ୍ଦ୍ରମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

## ଆକ୍ସନ ମୋଡ଼ରେ ନୂଆ ପିସିସି ମୁଖିଆ, ମାନସଙ୍କ ଉପରୁ ହଟିଲା ନିଲମ୍ବନ



**ଭୁବନେଶ୍ୱର, ୧୨।୨ (ସଂଚାର ବ୍ୟୁରୋ):** ମାନସଙ୍କ ଉପରୁ ହଟିଲା ନିଲମ୍ବନ। ପିସିସି ସଭାପତି ହେବା ପରେ ଭକ୍ତ ଦାସ ଆକ୍ସନ ମୁଡ଼ରେ। ଦାୟିତ୍ୱ ନେବାର କିଛି ଘଣ୍ଟା ପରେ ଜାରି କଲେ ନିର୍ଦ୍ଦେଶ ନାମା । କଟକ ଜିଲ୍ଲା କଂଗ୍ରେସ ପୂର୍ବତନ ସଭାପତି ମାନସ ଚୌଧୁରୀଙ୍କ ନିଲମ୍ବନ ହଟାଇଲେ ଭକ୍ତ । ମାନସଙ୍କ ଉପରୁ ନିଲମ୍ବନ ହଟାଇଲେ ପିସିସି ସଭାପତି ଭକ୍ତ ଦାସ । ସେପଟେ ମାନସ ଚୌଧୁରୀ ମଧ୍ୟ ଦିଲ୍ଲୀରେ ଭକ୍ତଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି । ଅଭିନନ୍ଦନ ଜଣାଇବା ପରେ ମାନସ ଆଗକୁ କଂଗ୍ରେସ ଅଧିକ ସୁଦୃଢ଼ ହେବ ବୋଲି ଟ୍ୱିଟ କରିଛନ୍ତି । ୨୦୨୪ ସାଧାରଣ ନିର୍ବାଚନରେ ଦଳ ବିରୋଧୀ କାର୍ଯ୍ୟ ପାଇଁ କଂଗ୍ରେସରୁ 6 ବର୍ଷ ପାଇଁ ନିଲମ୍ବିତ ହୋଇଥିଲେ ମାନସ ଚୌଧୁରୀ । କଟକ ଜିଲ୍ଲା ସଭାପତି ମାନସ ଚୌଧୁରୀ ନିର୍ବାଚନ ଫଳାଫଳକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରି ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ପ୍ରଭାରୀ ଡ଼ ଅଜୟ କୁମାରଙ୍କ ବିରୋଧରେ ପ୍ରଶ୍ନ ଉଠାଇଥିଲେ। ଉଭୟ ଶରତ ଏବଂ ଅଜୟ ଦଳୀୟ ପାଣ୍ଠି ହଡପ କରିଛନ୍ତି ବୋଲି ଅଭିଯୋଗ ଆଣିଥିଲେ ମାନସ । ଏକ ନାଟକୀୟ ଢଙ୍ଗରେ କଂଗ୍ରେସ ଭବନରେ ପଶି ସାମ୍ବାଦିକ ସମ୍ମିଳନୀରେ ଶରତ ପଟ୍ଟନାୟକ ଏବଂ ଅଜୟ କୁମାରଙ୍କ ଉପରେ ବର୍ଷିଥିଲେ ମାନସ । ମାନସ ଚୌଧୁରୀ ପ୍ରଦେଶ କଂଗ୍ରେସର ଜଣେ ଦୃଢ଼ ସଂଗଠକ ଭାବେ ବିଭିନ୍ନ ସମୟରେ ନିଜକୁ ଉପସ୍ଥାପନ କରୁଥିଲେ । ନିରଞ୍ଜନ ପଟ୍ଟନାୟକଙ୍କ ସମୟରେ ମାନସଙ୍କ ପତିଆରା ଖୁବ ଅନୁଭବ ହେଉଥିଲା। ଶରତ ପଟ୍ଟନାୟକଙ୍କ ସଭାପତି ସମୟରେ ମାନସ ପ୍ରଭାବ ଶୂନ୍ୟ ହୋଇପଡିଥିଲେ। ବିଶେଷକରି ଏଆଇସିସି ସମ୍ପାଦକ ଡ଼ ଅଜୟ କୁମାର ଓଡ଼ିଶା ପ୍ରଭାରୀ ଦାୟିତ୍ୱ ନେବା ପରେ ମାନସଙ୍କ ଗୁରୁତ୍ୱ ହ୍ରାସ ପାଇଥିଲା ।

# ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭା ବିକାଶ ଲକ୍ଷ୍ୟ: ମନ୍ତ୍ରୀ

**ଭୁବନେଶ୍ୱର, ୧୨।୨ (ସଂଚାର ବ୍ୟୁରୋ):** ରାଜ୍ୟର ସମସ୍ତ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରିବା ପାଇଁ କ୍ୟାବିନେଟରେ ନିଷ୍ପତ୍ତି ହୋଇଛି। ଏହି ପରିପ୍ରେକ୍ଷୀରେ ବ୍ଲକଗୁଡ଼ିକରେ ହେବାକୁ ଥିବା ଷ୍ଟାଡିୟମ ନିମନ୍ତେ ଉପଯୁକ୍ତ ସ୍ଥାନ ନିରୂପଣ ପାଇଁ ଆଜି କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

ବୈଠକ ପ୍ରାରମ୍ଭରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ବ୍ଲକ ସ୍ତରରେ ହେବାକୁ ଥିବା ଷ୍ଟାଡିୟମର ରୂପରେଖ, ବୈଶିଷ୍ଟ୍ୟ ଓ ବିଶେଷତା ସମ୍ବନ୍ଧରେ ସମ୍ୟକ ବିବରଣୀ ପ୍ରଦାନ କରିଛନ୍ତି। ସମସ୍ତ ଜିଲ୍ଲାର ଜିଲ୍ଲାପାଳ ନିଜ ଜିଲ୍ଲା ଅଧୀନରେ ଆସୁଥିବା ବ୍ଲକଗୁଡ଼ିକରେ ଷ୍ଟାଡିୟମ ନିର୍ମାଣ ପାଇଁ ସ୍ଥିରୀକୃତ ହୋଇଥିବା ଉପଯୁକ୍ତ ସ୍ଥାନ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଛନ୍ତି। ଏଥିସହ ଯେଉଁ ବ୍ଲକଗୁଡ଼ିକରେ ଏଯାବତ ସ୍ଥାନ ନିରୂପଣ ହୋଇପାରିନାହିଁ, ସେହି ବ୍ଲକଗୁଡ଼ିକରେ ଉପଯୁକ୍ତ ସ୍ଥାନ ଚିହ୍ନଟ କରି ଆସନ୍ତା ୨୦ ତାରିଖ ସୁଦ୍ଧା ଜିଲ୍ଲା ପ୍ରଶାସନ କ୍ରୀଡ଼ା ଓ ଯୁବସେବା ବିଭାଗକୁ ଅବଗତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହ ସମସ୍ତ ଜନସାଧାରଣ ଓ କ୍ରୀଡ଼ାବିତଙ୍କ ସୁବିଧା ନିମନ୍ତେ ଷ୍ଟାଡ଼ିୟମଗୁଡ଼ିକୁ ଯଥାସମ୍ଭବ ବ୍ଲକ୍ ମୁଖ୍ୟାଳୟ ନିକଟରେ ଥିବା ସ୍ଥାନରେ ନିର୍ମାଣ ପାଇଁ ପରାମର୍ଶ ଦିଆଯାଇଛି।

ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ ସରକାର ବିକଶିତ ଓଡ଼ିଶା-୨୦୩୬ର ଲକ୍ଷ୍ୟ ରଖିଛନ୍ତି। ବିକଶିତ ଓଡ଼ିଶା ଗଠନ ପାଇଁ ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ କରିବା ଆମର ପ୍ରାଥମିକତା। ତୃଣମୂଳ ସ୍ତରରେ ସୁଦୃଢ଼ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ କରିବା ସହ ଓଡ଼ିଶାର ପ୍ରତିଟି ବ୍ଲକ, ପ୍ରତି ଗାଁରେ ଯେପରି କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ, ସେ ଲକ୍ଷ୍ୟନେଇ ବ୍ଲକସ୍ତରୀୟ ଷ୍ଟାଡିୟମର ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଆଗାମୀ ଦିନରେ ଷ୍ଟାଡିୟମର ନିର୍ମାଣ କରିବା ସହ ଏହାର ସୁପରିଚାଳନା ଓ କ୍ରୀଡ଼ାବିତମାନଙ୍କୁ ଯେପରି ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରାଯାଇପାରିବ, ସେ ଦିଗରେ ଗୁରୁତ୍ୱାରୋପ କରାଯିବ। ଏଥିସହ ତୃଣମୂଳ ସ୍ତରର କ୍ରୀଡ଼ାବିତମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଯେପରି ଓଡ଼ିଶା ପାଇଁ ସୁନାମ ଅର୍ଜନ କରିପାରିବେ, ତାହା ଲକ୍ଷ୍ୟ ରଖାଯାଇଛି ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ବୈଠକରେ ମତ ଦେଇଛନ୍ତି।





ଗୁରୁବାରଠାରୁ ବିଧାନସଭା ବଜେଟ ଅଧିବେଶନ ଆରମ୍ଭ ହେବାକୁ ଥିବା ବେଳେ ଏଥିସକାଶେ ପୁଲିସ୍ ଡିଜି ଯୋଗେଶ ବାହାଦୁର ଖୁରାନିଆ ସୁରକ୍ଷା ବ୍ୟବସ୍ଥାର ତଦାରଖ କରୁଛନ୍ତି।

## ଆଜିଠୁ ସପ୍ତମ ବର୍ଣ୍ଣାଳୀ ମହୋତ୍ସବ



**ଭୁବନେଶ୍ୱର, ୧୨।୨ (ସଂଚାର ବ୍ୟୁରୋ):** 'ରୁଦ୍ରାକ୍ଷ ଫାଉଣ୍ଡେସନ', ଭୁବନେଶ୍ୱର ପକ୍ଷରୁ ଆସନ୍ତାକାଲିଠାରୁ ଦୁଇଦିନିଆ ସପ୍ତମ ବର୍ଣ୍ଣାଳୀ ସଙ୍ଗୀତ ଓ ନୃତ୍ୟ ମହୋତ୍ସବ ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆରମ୍ଭ ହେବ। ଏହା ପ୍ରତ୍ୟହ ସନ୍ଧ୍ୟା ସାଢ଼େ ୬.୩୦ରୁ ଆରମ୍ଭ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। 'ରୁଦ୍ରାକ୍ଷ ଫାଉଣ୍ଡେସନ' ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ଅନୁଷ୍ଠାନର ନୃତ୍ୟ ଶିଳ୍ପୀଙ୍କ ସହ ଅନ୍ୟ ନିମନ୍ତ୍ରିତ ବିଭିନ୍ନ ଅନୁଷ୍ଠାନର କଳାକାର ଯୋଗଦେବେ ବୋଲି ଜଣାପଡ଼ିଛି।

● କଳାହାଣ୍ଡିରେ ଖରିଫ୍ ଧାନକିଣା ଶେଷ

# ୨୨୩ ମଣ୍ଡିରେ କିଣା ହୋଇଛି ୬୦.୯୬ ଲକ୍ଷ କ୍ୱିଣ୍ଟାଲ୍



**ଭବାନୀପାଟଣା, ୧୧।୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାରେ ଗତବର୍ଷ ନଭେମ୍ବର ୨୯ ତାରିଖଠାରୁ ଆରମ୍ଭ ହୋଇଥିବା ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଗତ ସୋମବାର ଶେଷ ହୋଇଛି। ଚଳିତ ଖରିଫ୍‌ରେ ଜିଲାରେ ୬୪ ଲକ୍ଷ ୬ ହଜାର ୧୯୧ କ୍ୱିଣ୍ଟାଲ ଧାନ କିଣିବା ସକାଶେ ଟାର୍ଗେଟ ରହିଥିବା ବେଳେ ଏହାଠାରୁ ସାମାନ୍ୟ କମ୍ ଅର୍ଥାତ୍ ୬୦ ଲକ୍ଷ ୯୬ ହଜାର ୮୦୭.୮୩ କ୍ୱିଣ୍ଟାଲ ଧାନ ସଂଗୃହୀତ ହୋଇଛି। ଏଥିରେ ୨୨୩ଟି ମଣ୍ଡି ଜରିଆରେ ୧ ଲକ୍ଷ ୯ ହଜାର ୧୪୨ ଜଣ ଚାଷୀ ୬୦ ଲକ୍ଷ ୯୬ ହଜାର ୮୦୭.୮୩ କ୍ୱିଣ୍ଟାଲ ଧାନ ବିକ୍ରି କରିଥିବା ଜଣାପଡ଼ିଛି। ଗତବର୍ଷ ଜିଲାରେ ଖରିଫ୍ ଧାନ ସଂଗ୍ରହ ୫୧ ଲକ୍ଷ ୨୬ ହଜାର ରହିଥିଲା, ଯାହାକି ପୂର୍ବବର୍ଷ ତୁଳନାରେ ୯ ଲକ୍ଷ ୭୦ ହଜାର ୮୦୭ କ୍ୱିଣ୍ଟାଲ ଅଧିକ। ଶେଷ ଦିନରେ ସୋମବାର ଲାଞ୍ଜିଗଡ଼ ମଣ୍ଡିରେ ୪ ଜଣ ଚାଷୀ ୧୬୮.୬୮ କ୍ୱିଣ୍ଟାଲ ଧାନ ବିକ୍ରି କରିଥିବା ବେଳେ ଏଥର ଜିଲାରେ ୨୨୩ଟି ମଣ୍ଡିରେ ୮୪ ଜଣ ମିଲର୍‌ଙ୍କୁ ନିଯୁକ୍ତ ଦିଆଯାଇଥିଲା।

ତେବେ ଏଥର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ରହିଥିଲା ବୋନ୍‌ସ ଟଙ୍କା। ଗତ ସାଧାରଣ ନିର୍ବାଚନରେ ରାଜ୍ୟରେ ବିଜେପି ସରକାର ଆସିଲେ ଧାନ କୁଇଣ୍ଟାଲ ପିଛା ୮ଶହ ଟଙ୍କା ବୋନସ୍ ଦେବା ପାଇଁ ଘୋଷଣା କରାଯାଇଥିଲା। ଭାଜପା ସରକାରୀ ଆସିବା ପରେ ଏହା କାର୍ଯ୍ୟକାରୀ ହୋଇଛି। ଚଳିତ ଖରିଫ୍‌ରେ କଳାହାଣ୍ଡି ଜିଲାର ୧ ଲକ୍ଷ ୯ ହଜାର ୧୪୨ ଜଣ ଚାଷୀ ୪୮୭ କୋଟି ୭୪ ଲକ୍ଷ ୪୫ ହଜାର ୬ ଶହ ଟଙ୍କା ଅଧିକ ବୋନସ୍ ଟଙ୍କା ପାଇଛନ୍ତି। ଏହାକୁ ନେଇ ଜିଲାର ଚାଷୀମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ସେହିପରି ଧାନ କ୍ୱିଣ୍ଟାଲ୍ ପିଛା ସରକାର ୩୧ ଶହ ଟଙ୍କା ଦେବା ପରେ ଗତ ବର୍ଷଠାରୁ ଏଥର ଅଧିକ ଧାନ ସଂଗୃହୀତ ହୋଇଛି। ଏଥିରୁ ଜିଲାରେ ଚାଷୀମାନେ ଧାନ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁଥିବା ପ୍ରମାଣିତ ହୋଇଛି। ଏ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁ କହିଛନ୍ତି ଯେ ଜିଲାରେ ଚଳିତ ଖରିଫ୍ ଧାନ ସଂଗ୍ରହ ଗତ ବର୍ଷଠାରୁ ଅଧିକ ହୋଇଥିବାବେଳେ ଚାଷୀମାନେ ମଧ୍ୟ ବୋନସ୍ ଟଙ୍କା ପାଇ ବେଶ ଉତ୍ସାହିତ ଅଛନ୍ତି।

# ରୋଜଗାର ନ କରି ଭରଣପୋଷଣ ଦାବି କରିପାରିବେନି ଶିକ୍ଷିତ ପତ୍ନୀ: ହାଇକୋର୍ଟ

**ଭୁବନେଶ୍ୱର, ୧୨।୨ (ସଂଚାର ବ୍ୟୁରୋ):** ନିକଟରେ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ଉପଯୁକ୍ତ ଲାଭଦାୟକ ଚାକିରିରେ ଅଭିଜ୍ଞତା ଥିବା ଜଣେ ସୁଶିକ୍ଷିତ ପତ୍ନୀ କେବଳ ତାଙ୍କ ସ୍ୱାମୀଙ୍କଠାରୁ ଭରଣପୋଷଣ ଦାବି କରିବା ପାଇଁ ବେରୋଜଗାର ରହିପାରିବେ ନାହିଁ। ଏକ ମାମଲାର ଶୁଣାଣି କରି ହାଇକୋର୍ଟ ଏକ ଛାଡ଼ପତ୍ର ମାମଲାରେ ପରିବାର କୋର୍ଟ ଦ୍ୱାରା ନିର୍ଦ୍ଦେଶିତ ଭରଣପୋଷଣ ପରିମାଣକୁ ପ୍ରତି ମାସ ୮ ହଜାରରୁ ୫ ହଜାର ଟଙ୍କାକୁ ହ୍ରାସ କରିଛନ୍ତି। ଏ ସଂକ୍ରାନ୍ତରେ ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ରାୟ ଶୁଣାଇ କହିଛନ୍ତି ଯେ ଆଇନ କେବେବି ସେହି ସ୍ତ୍ରୀମାନଙ୍କୁ ପ୍ରଶଂସା କରେ ନାହିଁ, ଯେଉଁମାନେ ଉପଯୁକ୍ତ ଓ ଉଚ୍ଚଯୋଗ୍ୟତା ସତ୍ତ୍ୱେ କାମ ନ କରି କିମ୍ବା କାମ କରିବାକୁ ଚେଷ୍ଟା ନକରି କେବଳ ସ୍ୱାମୀଙ୍କଠାରୁ ଭରଣପୋଷଣ ପାଇବା ପାଇଁ ବେରୋଜଗାର ରୁହନ୍ତି। 'ସିଆରପିସି'ର ଧାରା ୧୨୫ ପ୍ରଣୟନ କରିବାରେ ଉଦ୍ଦେଶ୍ୟ ଏବଂ ସେହି ସ୍ତ୍ରୀମାନଙ୍କୁ ସହାୟତା ପ୍ରଦାନ କରିବା, ଯେଉଁମାନେ ନିଜକୁ ପ୍ରତିପାଳନ କରିବାକୁ ଅକ୍ଷମ ଓ ସେମାନଙ୍କ ଭରଣପୋଷଣ ପାଇଁ ପର୍ଯ୍ୟାପ୍ତ ଆୟ ନାହିଁ। ତଥ୍ୟଗୁଡ଼ିକ ଦର୍ଶାଉଛି ଯେ ପତ୍ନୀ ଜଣେ ସୁଶିକ୍ଷିତ ମହିଳା ହେବା ବ୍ୟତୀତ ପୂର୍ବରୁ କିଛି ଗଣମାଧ୍ୟମ ସଂସ୍ଥାରେ କାମ କରୁଥିଲେ ଓ ତାଙ୍କର ପ୍ରତିପୋଷଣ ପାଇଁ କାମ କରିବା ଏବଂ ରୋଜଗାର କରିବାର ନିଶ୍ଚିତ ସମ୍ଭାବନା ମଧ୍ୟ ଅଛି ବୋଲି ବିଚାରପତି କହିଛନ୍ତି। ରିପୋର୍ଟ ଅନୁଯାୟୀ, ଉପରୋକ୍ତ ମାମଲାର ପତ୍ନୀ, ଯିଏ ସାମ୍ବାଦିକତା ଏବଂ ଗଣଯୋଗାଯୋଗରେ ସ୍ନାତକୋତ୍ତର ଡିପ୍ଲୋମା ସହିତ ବିଜ୍ଞାନ ସ୍ନାତକ ହାସଲ କରିଛନ୍ତି। ସ୍ୱାମୀଙ୍କ ଦ୍ୱାରା ତାଙ୍କୁ ଭରଣପୋଷଣ ପ୍ରଦାନ ପାଇଁ ପରିବାର କୋର୍ଟରେ ଏକ ଆବେଦନ ଦାଖଲ କରିଥିଲେ।

ଏହି ମାମଲାର ଶୁଣାଣି କରି ରାଉରକେଲାର ପରିବାର କୋର୍ଟ ସ୍ୱାମୀଙ୍କୁ ଭରଣପୋଷଣ ବଦଳରେ ତାଙ୍କ ସ୍ତ୍ରୀଙ୍କୁ ପ୍ରତି ମାସ ୮ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତଥାପି ସ୍ୱାମୀ ଏହି ମାମଲାରେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସ୍ୱାମୀଙ୍କ ଆୟକୁ ବିଚାରକୁ ନେଇ ତାଙ୍କ ନିର୍ଭରଶୀଳ ମା'ଙ୍କ ଆବଶ୍ୟକତା ସହ ଏହାକୁ ସନ୍ତୁଳିତ କରିବା, ତାଙ୍କ ପତ୍ନୀଙ୍କୁ ପ୍ରତିପାଳନ କରିବାର ଦାୟିତ୍ୱ ଯିଏ ବର୍ତ୍ତମାନ ବେକାର ଅଛନ୍ତି ଓ ତାଙ୍କ କାମ କରି ଜୀବିକା ନିର୍ବାହ କରିବାର ନିଶ୍ଚିତ ସମ୍ଭାବନା ଅଛି। ଜଷ୍ଟିସ ଶତପଥୀ କହିଛନ୍ତି ଯେ ଅଦାଲତ ବିଚାର କରୁଛି ଯେ ଯଦି ପ୍ରତି ମାସ ୩ ହଜାର ଟଙ୍କା ଭରଣପୋଷଣ ହ୍ରାସ କରାଯାଏ, ତେବେ ନ୍ୟାୟର ସ୍ୱାର୍ଥ ସର୍ବୋତ୍ତମ ହେବ। ପରବର୍ତ୍ତୀ ସମୟରେ, ସ୍ୱାମୀଙ୍କୁ ପ୍ରତି ମାସରେ ୫ ହଜାର ଟଙ୍କା ଭରଣପୋଷଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଭକ୍ତଙ୍କ ହାତରେ ନେତୃତ୍ୱ

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ପିସିସିର ନୂଆ ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ଗତ ନିର୍ବାଚନରେ ଦଳର ଶୋଚନୀୟ ପ୍ରଦର୍ଶନ ପରେ ପିସିସି ସଭାପତି ପଦରୁ ଶରତ ପଟ୍ଟନାୟକ ଇସ୍ତଫା ଦେଇଥିଲେ। କଂଗ୍ରେସ ହାଇକମାଣ୍ଡ ଏହାକୁ ଗ୍ରହଣ କରିନେବା ସହିତ ବିକଳ୍ପ ବ୍ୟବସ୍ଥା ହେବା ପର୍ଯ୍ୟନ୍ତ ଦଳର ପରିଚାଳନା ନିମନ୍ତେ ଏକ ଷ୍ଟିୟରିଂ କମିଟି ଗଠନ କରିଥିଲେ। ଏଥିରେ ଦଳର ପ୍ରାୟ ସବୁ ବରିଷ୍ଠ ନେତା ସଦସ୍ୟ ଥିଲେ। ଦଳର ଛାମୁଆ ସଙ୍ଗଠନ ଏବଂ ଜିଲ୍ଲାଠାରୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ ସବୁ ସ୍ତରରେ ସଙ୍ଗଠନକୁ ଭାଙ୍ଗି ଦିଆଯାଇଥିଲା। ଗତ ୬ ମାସ ହେବ ରାଜ୍ୟ କଂଗ୍ରେସ ନେତୃତ୍ୱହୀନ ହୋଇ ପଡ଼ି ରହିଥିଲା। ଦଳ ପକ୍ଷରୁ କୌଣସି କାର୍ଯ୍ୟକ୍ରମ ଗ୍ରହଣ କରାଯାଉନଥିଲା। ଏହି ପରିପ୍ରେକ୍ଷୀରେ ପିସିସିର ଜଣେ ନୂଆ ସଭାପତି ଚୟନ ଏବଂ ସଙ୍ଗଠନର ପୁନର୍ଗଠନ ନିହାତି ଜରୁରୀ ଥିଲା। ଏଥିଲାଗି ଅନେକ ଆଶାୟୀ ଥିଲେ ଏବଂ ସମ୍ଭାବ୍ୟ ତାଲିକାରେ ପ୍ରାୟ ୨୦ଜଣଙ୍କ ନାମ ଥିଲା। ଶେଷରେ ଭକ୍ତଙ୍କ ମୁଣ୍ଡରେ ହାତୀ ସୁନାକଳସ ଢାଳିଛି। ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ସବୁ ବିଷୟ ଚିନ୍ତା କରିବା ପରେ ପରେ ଭକ୍ତଙ୍କୁ ପିସିସି ନେତୃତ୍ୱ ପ୍ରଦାନ କରିଛନ୍ତି। ସେ କେବଳ ଦଳର ଜଣେ ବରିଷ୍ଠ ନେତା ନୁହଁନ୍ତି, ଦଳର ସବୁ ଗୋଷ୍ଠୀ ସହ ତାଙ୍କର ଉତ୍ତମ ସମ୍ପର୍କ ଏବଂ ସମନ୍ୱୟ ରହିଛି। ତେଣୁ ବର୍ତ୍ତମାନ ପରିସ୍ଥିତିରେ ଭକ୍ତଙ୍କୁ ପିସିସି ସଭାପତି କରାଯିବାର ଯଥାର୍ଥତା ରହିଛି। ପୂର୍ବରୁ ସେ ପିସିସିର କାର୍ଯ୍ୟକାରୀ ସଭାପତି ଥିଲେ। ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତା ଭାବେ ତାଙ୍କର ସୁଖ୍ୟାତି ରହିଛି। ଅତୀତରେ ଯେତେବେ ବି ପିସିସି ସଭାପତି ପରିବର୍ତ୍ତନ ଚର୍ଚ୍ଚା ହୋଇଛି, ସେସବୁବେଳେ ତାଙ୍କ ନାମ ଚର୍ଚ୍ଚାକୁ ଆସିଛି। ସତୁରୀ ଦଶକରେ ଜରୁରୀ ପରିସ୍ଥିତି ବେଳେ ସେ ଛାତ୍ର ଜୀବନରୁ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ଅଶୀ ଦଶକରେ ସକ୍ରିୟ ରାଜନୀତିରେ ସାମିଲ ହୋଇଥିଲେ। ୧୯୮୫ରେ ପ୍ରଥମ ଥର ପାଇଁ ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବିଧାନସଭାରେ ସେ ପଶ୍ଚିମ ଓଡ଼ିଆର ଜଣେ ଟାଣୁଆ ଯୁବନେତାଭାବେ ନିଜକୁ ପ୍ରମାଣିତ କରିପାରିଥିଲେ। ସେ ଥିଲେ ଚନ୍ଦ୍ରଶେଖରଙ୍କ ଅନୁଗାମୀ ଏବଂ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ କରୁଥିଲେ। ଭି ପି ସିଂହଙ୍କ ନେତୃତ୍ୱରେ ଜନତା ଦଳ ଗଠନ ପରେ ସେ ଏଥିରେ ସାମିଲ ହୋଇ କଳାହାଣ୍ଡିରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ ଏବଂ କେନ୍ଦ୍ରରେ ଜଣେ କନିଷ୍ଠ ମନ୍ତ୍ରୀ ମଧ୍ୟ ହୋଇଥିଲେ। ଜନତା ଦଳର ବିଭାଜନ ପରେ ସେ ଚନ୍ଦ୍ରଶେଖରଙ୍କ ନେତୃତ୍ୱାଧିନ ସମାଜବାଦୀ ଜନତା ପାର୍ଟୀ (ଏସଜେପି)ରେ ସାମିଲ ହୋଇ କେନ୍ଦ୍ରରେ ରେଳ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। କିନ୍ତୁ ଏହି ସରକାର ଅଧିକ ଦିନ ତିଷ୍ଠିପାରିନଥିଲା। ସମାଜବାଦୀ ଜନତା ପାର୍ଟୀ ମଧ୍ୟ ଧିରେ ଧିର ପ୍ରଭାବଶୂନ୍ୟ ହୋଇଗଲା। ଶେଷରେ ଭକ୍ତ ନିଜ ରାଜନୈତିକ ସୁରକ୍ଷା ଏବଂ ଭବିଷ୍ୟତ ପାଇଁ କଂଗ୍ରେସରେ ସାମିଲ ହୋଇଥିଲେ। ଆଜିକୁ ତିନି ଦଶନ୍ଧି ଧରି ସେ କଂଗ୍ରେସ ଦଳରେ ରହି ଆସିଛନ୍ତି। ୨୦୦୯ରେ ଓଡ଼ିଶାରୁ କଂଗ୍ରେସର ୬ଜଣ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ସେମାନଙ୍କ ମଧ୍ୟରେ ଭକ୍ତ ଚରଣ ଦାସ ଥିଲେ ଅନ୍ୟତମ। ଆଶା କରାଯାଉଥିଲା ମନମୋହନ ସିଂହଙ୍କ ନେତୃତ୍ୱାଧିନ ସରକାରରେ ସେ ମନ୍ତ୍ରୀ ପଦ ପାଇବେ। କିନ୍ତୁ ତାହା ହେଲା ନାହିଁ। ଯଦିଓ ଏଥିପାଇଁ ସେ ଯୋଗ୍ୟ ଥିଲେ, କିନ୍ତୁ ଓଡ଼ିଶା ପ୍ରତି କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱର ଅବହେଳା ଏବଂ ହେୟଜ୍ଞାନ ଯୋଗୁ ଭକ୍ତ କେନ୍ଦ୍ରରେ ମନ୍ତ୍ରୀ ପଦ ପାଇଲେ ନାହିଁ। ତାଙ୍କୁ ଏଆଇସିସିର ଅନ୍ୟତମ ସମ୍ପାଦକ କରାଯାଇଥିଲା। ଦଳୀୟ ସଙ୍ଗଠନକୁ ସଜାଡ଼ିବାରେ ସେ ଅନେକ ପ୍ରୟାସ କରିଛନ୍ତି। ଓଡ଼ିଶାରେ ତାଙ୍କର ପ୍ରଭାବ କେବଳ କଳାହାଣ୍ଡି ଜିଲ୍ଲାରେ ସୀମିତ। କିନ୍ତୁ ତାଙ୍କର ଭାବମୂର୍ତ୍ତୀ, ଅଭିଜ୍ଞତା ଏବଂ ଦଳୀୟ ନେତୃତ୍ୱ ପ୍ରତି ଆନୁଗତ୍ୟ ପାଇଁ ତାଙ୍କୁ ପିସିସି ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି। କଳାହାଣ୍ଡିରେ ବେଦାନ୍ତ ବିରୋଧୀ ଜନ ଆନ୍ଦୋଳନର ସେ ନେତୃତ୍ୱ ନେଇଥିଲେ। ନିୟମଗିରି ବଞ୍ଚାଅ ଆନ୍ଦୋଳନର ସେ ନେତୃତ୍ୱ ନେଇଥିଲେ। ଏଥିପାଇଁ ତାଙ୍କୁ ରାଜନୈତିକ ସ୍ତରରେ ବେଶ ସମାଲୋଚିତ ଏବଂ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ବେଦାନ୍ତର ନିୟମଗିରି ଦଖଲ ଉଦ୍ୟମକୁ ବିରୋଧ କରି ସେ ଚର୍ଚ୍ଚିତ ହୋଇଥିଲେ। ରାହୁଲ ଗାନ୍ଧିଙ୍କୁ ଆଣି କଳାହାଣ୍ଡିରେ ବଡ଼ ସମାବେଶ କରିଥିଲେ ଏବଂ ନିୟମଗିରି ସୁରକ୍ଷାରେ ସଫଳ ହୋଇଥିଲେ ମଧ୍ୟ। ଗତ ନିର୍ବାଚନରେ ସ ବିଧାନସଭା ଲାଗି ପ୍ରାର୍ଥୀ ହୋଇଥିଲେ। କିନ୍ତୁ ଅଳ୍ପକେ ପରାଜିତ ହୋଇଥିଲେ। ଏବେ ପିସିସି ସଭାପତି ଭାବେ ସେ ବଡ଼ ଚାଲେଞ୍ଜର ସମ୍ମୁଖୀନ ହୋଇଛନ୍ତି। କାରଣ ଓଡ଼ିଶାରେ କଂଗ୍ରେସର ସ୍ଥିତି ଅତି ଦୁର୍ବଳ। ୨୦୧୯ପରଠାରୁ କଂଗ୍ରେସ ବିଧାନସଭାରେ ତୃତୀୟ ସ୍ଥାନରେ ରହିଛି। ଦଳର ଗୋଷ୍ଠୀ ବିବାଦ ଅତି ତୀବ୍ର। ଦଳୀୟ ନେତାମାନେ ଗୋଡ଼ ଟଣାଟଣିରେ ବ୍ୟସ୍ତ। ଗତ ୨୫ ବର୍ଷ ଭିତରେ ଯିଏ ବି ପିସିସି ସଭାପତି ହୋଇଛନ୍ତି, ତାଙ୍କୁ ଅନ୍ୟ ନେତାମାନେ କେବେ ସମର୍ଥନ ବା ସାହାଯ୍ୟ ସହଯୋଗ କରି ନାହାଁନ୍ତି। ୨୫ ବର୍ଷ ହେବ ରାଜ୍ୟରେ କଂଗ୍ରେସ ବାରମ୍ବାର ବିଭିନ୍ନ ନିର୍ବାଚନରେ ପରାଜିତ ହୋଇଛି। ଯିଏ ବି ପିସିସି ସଭାପତି ହୋଇଛନ୍ତି, ତାଙ୍କୁ ନିଜ ଆସନ ବଂଚାଇବାକୁ ସଂଘର୍ଷ କରିବାକୁ ପଡ଼ିଛି। ଦିଲ୍ଲୀରେ ପ୍ରତିପକ୍ଷ ଡେରା ପକାଇଛନ୍ତି ଏବଂ ପିସିସି ସଭାପତି ପରିବର୍ତ୍ତନ ଲାଗି ଲବି ଆରମ୍ଭ କରିଛନ୍ତି। ଏବେ ଭକ୍ତଙ୍କୁ ଦଳର ଅନ୍ୟ ନେତାମାନେ ସାହାଯ୍ୟ ସମର୍ଥନ କରୁଛନ୍ତି କି ନା ଦେଖିବା କଥା। ବିଗତ ଦୁଇ ଦଶନ୍ଧି ଭିତରେ କଂଗ୍ରେସରୁ ବହୁ ନେତା ଏବଂ କର୍ମୀ ଦଳରୁ ଇସ୍ତଫା ଦେଇ ଅନ୍ୟ ଦଳରେ ସାମିଲ ହୋଇଛନ୍ତି। ଏବେ ଭକ୍ତଙ୍କ କାମ ହେଲା ଦଳ ଛାଡ଼ିଥିବା ପୁରୁଣା ନେତାଙ୍କୁ କିପରି କଂଗ୍ରେସକୁ ଫେରାଇଆଣିବେ। ବିଧାନସଭା ଭିତରେ ଓ ବାହାରେ କଂଗ୍ରେସ ସମ୍ପୂର୍ଣ୍ଣ ନିଷ୍କ୍ରିୟ ରହିଛି। ବିଭିନ୍ନ ପ୍ରସଙ୍ଗ ନେଇ କଂଗ୍ରେସ ଏକ ଦାୟିତ୍ୱ ସମ୍ପନ୍ନ ବିରୋଧୀ ଦଳ ଭାବେ ନିଜ ଦାୟିତ୍ୱ ନିର୍ବାହ କରିନାହିଁ। ଜନତାଙ୍କଠାରୁ ଏହା ଦୁରେଇ ଯାଇଛି। ଏବେ ଭକ୍ତଙ୍କ ପ୍ରଥମ ଦାୟିତ୍ୱ ହେଲା ପିସିସିର ପୁନର୍ଗଠନ କରିବା ଏବଂ ଦଳର ଛାମୁଆ ସଙ୍ଗଠନର ପୁନର୍ଗଠନ କରି ଏହାକୁ ସକ୍ରିୟ କରାଇବା। ଯେ କୋ÷ଣସି ରାଜନୈତିକ ଦଳର ସଫଳତା ପଛରେ ଏହାର ଛାମୁଆ ସଙ୍ଗଠନର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟରେ କଂଗ୍ରେସ ଦଳର ସବୁଠାରୁ ବଡ଼ ସମସ୍ୟା ହେଲା କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱ ଓଡ଼ିଶାକୁ କେବେ ଗୁରୁତ୍ୱ ଦିଏ ନାହିଁ। ଭକ୍ତ ଙ୍କ ପ୍ରଥମ କର୍ତ୍ତବ୍ୟ ହେଲା କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱକୁ ଓଡ଼ିଶା ପ୍ରତି ଆକର୍ଷିତ କରିବା। ଓଡ଼ିଶାରେ କଂଗ୍ରେସ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସ ଫେରାଇ ଆଣିବାକୁଉଦ୍ୟମ କରିବା ଉଚିତ। ଆଗକୁ ପଞ୍ଚାୟତ ଏବଂ ପରେ ପରେ ପୋ÷ର ନିର୍ବାଚନ ହେବ। ଏହି ନିର୍ବାଚନ ଭକ୍ତଙ୍କ ପାଇଁ ପ୍ରଥମ ପରୀକ୍ଷଣ ହେବ। ୨୦୨୯ ନିର୍ବାଚନ ବେଳକୁ ହୁଏତ ଭକ୍ତ ପିସିସି ସଭାପତି ଦାୟିତ୍ୱରେ ନଥିବେ। କିନ୍ତୁ ଭବିଷ୍ୟତରେ ସଫଳତା ପାଇଁ ଏବେଠାରୁ ଦଳକୁ ସାଙ୍ଗଠନିକ ସ୍ତରରୁ ସୁଦୃଢ଼ କରିବାକୁ ହେବ। ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସ ଫେରାଇଆଣିବାକୁ ହେଲେ କଂଗ୍ରେସ କର୍ମୀଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ। ଏବେ ଭକ୍ତଙ୍କ ଦାୟିତ୍ୱ ହେଲା ସେ ଦଳୀୟ କର୍ମୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା। ଏଥିରେ ବିଫଳ ହେଲେ ସେ ବି ଭବିଷ୍ୟତରେ ଅଳିଆ ଗଦାକୁ ଚାଲିଯିବେ। କେବଳ ପିସିସି ସଭାପତି ଚାହିଁଲେ ଦଳର ଭାଗ୍ୟ ବଦଳିଯିବ ନାହିଁ। ଏଥିପାଇଁ ଦଳର ପ୍ରତ୍ୟେକ କର୍ମୀଙ୍କୁ ସକ୍ରିୟ ହେବାକୁ ପଡ଼ିବ। କେନ୍ଦ୍ରୀୟ ନେତୃତ୍ୱକୁ ସକ୍ରିୟ ହେବାକୁ ପଡ଼ିବ। ଶରତଙ୍କ ଭଳି ଭକ୍ତ ପଶ୍ଚିମ ଓଡ଼ିଶାର ପ୍ରତିନିଧିତ୍ୱ କରନ୍ତି। ତାଙ୍କୁ ଉପକୂଳ ନେତାମାନେ କେତେଦୂର ସାହାଯ୍ୟ ସମର୍ଥନ ଏବଂ ସହଯୋଗ କରୁଛନ୍ତି ତାହା ଦେଖିବାର କଥା।

# କାହିଁକି କୁମ୍ଭମେଳା ?



**ଶ୍ରୀକାନ୍ତ କୁମାର ସାହୁ**

କୁମ୍ଭମେଳାରେ ଏଯାବତ୍ ୪୫ କୋଟିରୁ ଉର୍ଦ୍ଧ୍ୱ ଲୋକ ବୁଡ଼ ପକାଇ ସାରିଲେଣି। କୁମ୍ଭମେଳା ବାସ୍ତବରେ କଥାରେ ନାହିଁ "ଦେଉଳ ଗଢ଼ିଲେ ନାମ, ବାଟରେ ହଗିଲେ ନାମ...' ଅର୍ଥାତ୍ ସମସ୍ତେ ଯେ ଧର୍ମ କରିବାକୁ ଯାଉଛନ୍ତି ତାହା ନୁହଁ। ଏଇ ଯେମିତି କୁମ୍ଭମେଳାରେ ଏକ ପାଞ୍ଚ ଜଣିଆ ଚୋର ନାଗପୁରରୁ ଚୋରୀ କରି ପ୍ରୟାଗରାଜରେ କୁମ୍ଭସ୍ନାନ, ଗଙ୍ଗା ଆରତୀ ଆଉ ମହଙ୍ଗା ହୋଟେଲରେ ଖାଦ୍ୟ ଖାଇ ଚୋରି ଟଙ୍କା ଉଡାଇଛନ୍ତି ଆଉ ନାଗପୁର ପୋଲିସ ସେମାନଙ୍କୁ ଗିରଫ ମଧ୍ୟ କରିଛି। ସେହିପରି କୁମ୍ଭମେଳାରେ ଅନେକ ଚୋରି ଓ ଅସାମାଜିକ ଘଟଣା ମଧ୍ୟ ଘଟୁଛି। କୁମ୍ଭମେଳା ପ୍ରୟାଗରାଜରେ ଅନୁଷ୍ଠିତ ହେଉଛି। ଆସ୍ଥା ଓ ବିଶ୍ୱାସର ଏକ ବଡ଼ ମେଳା। ଆମେ ଯାହା ଜାଣିଛୁ କୁମ୍ଭ ହେଉଛି ଗୋଟିଏ ପାତ୍ର ବା ଜଳ ପ୍ରବାହର ପ୍ରତୀକ। ମୋ ବଂଶଜ ଓ ପୂର୍ବ ପିଢ଼ି କୁମ୍ଭକାର ସମ୍ପ୍ରଦାୟର ହୋଇଥିବାରୁ ଆମ ମାନଙ୍କ ପାଇଁ କୁମ୍ଭ ଶବ୍ଦଟି ଅତି ଚିର ପରିଚିତ ଓ କୁମ୍ଭ ସହିତ ଆମର ଏକ ପ୍ରକାର ରକ୍ତଗତ ସମ୍ପର୍କ ଅଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ପ୍ରୟାଗରାଜରେ ଯେଉଁ କୁମ୍ଭମେଳା ହେଉଛି ସେଠି ବୁଡ଼ ପକାଇଲେ ଶ୍ରଦ୍ଧାଳୁ ମାନଙ୍କର ମୋକ୍ଷ ପ୍ରାପ୍ତି ବୋଲି ମୁଁ ଲେଖା ମାଧ୍ୟମରେ ଜାଣିବାକୁ ପାଉଛି। ମୋ ଆଲୋଚନାରେ କୁମ୍ଭ ଅମୃତ କୁମ୍ଭ ବି ହୋଇପାରେ ଏବଂ ଏହା ବିଷ କୁମ୍ଭ ବି ହୋଇପାରେ। ମହାକୁମ୍ଭମେଳାରେ ଅନେକ ଲୋକ ଆଶୀର୍ବାଦ ପାଉଛନ୍ତି। ଜୀବନକୁ ଗଢ଼ିବାକୁ ନୂଆ ପ୍ରତିଜ୍ଞା ବା ଶପଥ ନେଉଛନ୍ତି। ତେବେ ଏ ସବୁ ଭିତରେ କୁମ୍ଭମେଳାରେ ଦଳା ଚକଟା ହେଉ ବା ଅଗ୍ନିକାଣ୍ଡ ଘଟଣା, ଏପରିକି କୁମ୍ଭମେଳାକୁ ଯାଉଥିବାବେଳେ ଓ ଫେରୁଥିବାବେଳେ ଦୁର୍ଘଟଣାରେ ମଧ୍ୟ କିଛି ଶ୍ରଦ୍ଧାଳୁଙ୍କ ଜୀବନହାନୀର ଖବର ଆମେ ଜାଣିବାକୁ ପାଉଛୁ। ବର୍ତ୍ତମାନ ମହାକୁମ୍ଭକୁ ନେଇ ସମଗ୍ର ଭାରତର ନଗର ପୁରପଲ୍ଲୀ ଏବଂ ହିନ୍ଦୁ ଧର୍ମାବଲମ୍ବୀଙ୍କ ଭିତରେ ଏକ ପ୍ରକାର ଅଭୂତପୂର୍ବ ଆଧ୍ୟାତ୍ମିକ ଶିହରଣ ସୃଷ୍ଟି କରିଛି। ଏହାକୁ ପୃଥିବୀର ସର୍ବବୃହତ୍ତ ଜନସମାଗମ ଭାବରେ ମଧ୍ୟ କୁହାଯାଉଛି। ଚଉରାଳିଶ ଦିନ ବ୍ୟାପୀ ଏହି ମହାକୁମ୍ଭ ୧୪୪ ବର୍ଷ ପରେ ପଡୁଥିବାରୁ ୪୦ କୋଟି ପାଖାପାଖି ଶ୍ରଦ୍ଧାଳୁଙ୍କ ଆତ ଯାତ ହେଉଛି। ଏଠି ସମସ୍ତେ ଯେ ଶ୍ରଦ୍ଧାଳୁ ବା ସାଧୁସନ୍ଥ ତାହା ନୁହଁ। କିଛି ଅନିସନ୍ଧିତ୍ସୁ ରହିଛନ୍ତି, କିଛି ଆଗ୍ରହୀ ଉତ୍ସାହୀ, ସାମ୍ବାଦିକ, ସେଲିବ୍ରେଟି, ଧର୍ନ୍ତାଢ଼୍ୟ ବ୍ୟକ୍ତି, ଚଳଚ୍ଚିତ୍ର ନିର୍ମାତା, ରୋମାଞ୍ଚ ଅଭିଳାଷୀ ଏପିରିକି ସୁଯୋଗ ସନ୍ଧାନେ ଅପରାଧୀମାନେ ମଧ୍ୟ ଏହି ବାତାବରଣ ଭିତରେ ନିଜକୁ ସାମିଲ କରିଛନ୍ତି।

ଆମେ ଯାହା ଜାଣିବାକୁ ପାଇଲୁ ଏହି ବିଶାଳ ମେଳାରେ ୨ଲକ୍ଷ କୋଟି ଟଙ୍କାର ବେପାର ବଣିଜ ହେବ। ସେହିପରି ଅନେକ ବିବାଦୀୟ, ସେଲିବ୍ରେଟି ଓ ତଥାକଥିତ ଆଧାତ୍ମିକ ପ୍ରଚାରକମାନେ ମଧ୍ୟ ଏହାର ସୁଯୋଗ ନେଉଛନ୍ତି। ଉତ୍ତରପ୍ରଦେଶର ଅନ୍ୟତମ ବଡ଼ ସହର ପ୍ରୟାଗରାଜର ଜନସଂଖ୍ୟା ଯାହା ସେଥିରେ ଏତେ ଗହଳିର ଲୋକମାନଙ୍କର ଆତଯାତକୁ ନିୟନ୍ତ୍ରଣ କରିବା ମଧ୍ୟ କଷ୍ଟକର ନିଶ୍ଚୟ। ତେବେ କୁମ୍ଭମେଳାକୁ ଯାଇଥିବା କିଛି ଶ୍ରଦ୍ଧାଳୁଙ୍କ ସହିତ ଆମେ କଥାବାର୍ତ୍ତା ହେବାର ସୁଯୋଗ ପାଇଛୁ। ତଥାକଥିତ ଭିଭିଆଇପି ସଂସ୍କୃତି ପାଇଁ ଶ୍ରଦ୍ଧାଳୁମାନେ ଏକ ପ୍ରକାର ଅଣନିଶ୍ୱାସୀ ହୋଇପଡୁଛନ୍ତି। କାରଣ ସେଲିବ୍ରେଟି, ଭିଭିଆଇପି ଓ ଟଙ୍କାବାଲା ଲୋକଙ୍କ ପାଇଁ ନିରାପଦ ଓ ସୁଖଦ ଗଙ୍ଗା ସ୍ନାନ ସମ୍ଭବ ହେଉଥିବାବେଳେ ସାଧାରଣ ଲୋକଟି ପାଖାପାଖି ୧୫ କିଲୋମିଟର



ପର୍ଯ୍ୟନ୍ତ ପାଦରେ ଚାଲିବାକୁ ବାଧ ହେଉଛି। ସେହିପରି ଯେଉଁପରି ପ୍ରଚାର ହେଉଛି ବାସ୍ତବିକ ସେପରି ଭିତ୍ତିଭୂମି ମଧ୍ୟ ସେଠାରେ ତିଆରି ହୋଇପାରି ନାହିଁ। ଶ୍ରଦ୍ଧାଳୁଙ୍କ ପାଇଁ କେବଳ ରହଣୀ ନୁହେଁ, ବ୍ୟାପକ ସୁବିଧା ସୁଯୋଗ ସହ ଜାଣିବା ନିମିତ୍ତ ମଧ୍ୟ ସେପରି ସୂଚନା ନାହିଁ।

ଆମ ସମାଜର ଆଧାତ୍ମିକ ଦିଗ ଅତ୍ୟନ୍ତ ସ୍ପର୍ଶକାତର। ଆମେ ସାଧାରଣ ଜୀବନରେ ଦେଖିଛେ ବିଶ୍ୱାସ ଏପରି ଏକ ଶବ୍ଦ ସେହି ବିଶ୍ୱାସ ହିଁ ବାସ୍ତବରେ ଭଗବାନ। ପଥରଟି ରଖିଦେଲେ ଏହାମଧ ଠାକୁର ପାଲଟିଯାଏ, ତୁଳସୀ ଧଣ୍ଡା ବା ବେଲପତ୍ର ହିଁ ମଧ ଆଶୀର୍ବାଦର ଓ କୃପା ସୁରକ୍ଷାର କବଚ ପାଲଟିଯାଏ। ତେବେ ଗୋଟିଏ ଛୋଟିଆ ପ୍ରଶ୍ନ ମୋ ମନକୁ ଆନ୍ଦୋଳିତ ହେଉଛି। ସତରେ କୁମ୍ଭମେଳାରେ ବୁଡ଼ ଦେଉଥିବା ଲୋକମାନେ ବାସ୍ତବରେ ମୋକ୍ଷ ପାଇଯାଆନ୍ତି? କୁମ୍ଭମେଳା ହେଉଛି ପବିତ୍ର ନଦୀ ସଙ୍ଗମ ସ୍ଥଳରେ ସ୍ନାନ। ତେବେ ଆମ ମାନଙ୍କ ଆଖାପାଖରେ ଅନେକ ନଦୀ ସଙ୍ଗମ ସ୍ଥଳ ରହିଥିଲେ ବି ଏହାର ସୁଯୋଗ କ'ଣ ପାଇଁ ଲୋକମାନେ ନେଉନାହାଁନ୍ତି। ଜଣେ ଯେତେ ପାପ ଓ ଦୋଷ ବା ଅପରାଧ କରନା କାହିଁକି କୁମ୍ଭରେ ବୁଡ଼ ଦେଇ ସେ ଲୋକଟି ପରବର୍ତ୍ତୀ ସମୟରେ ଯେ ଜଣେ ସାଧୁ ପାଲଟିଯିବ ଏପରି ଗ୍ୟାରେଣ୍ଟି କିଏ ଦେଇ ପାରିବ? ମୁଁ ଯେତିକି ଜାଣିଛି କୁମ୍ଭମେଳା ପାଇଁ ଯାତାୟାତ, ରହଣୀ ଏ ସବୁ ଯେତିକି ସମୟ ସାପେକ୍ଷ ସେତିକି ଖର୍ଚ୍ଚ ସାପେକ୍ଷ ମଧ୍ୟ। ତେବେ ଏତେ କଷ୍ଟକରି କୁମ୍ଭକୁ ଯିବା ଅପେକ୍ଷା ନିଜ ଜୀବନକୁ ସେବା କାର୍ଯ୍ୟରେ ଅତିବାହିତ କ'ଣ ଜଣେ କୁମ୍ଭପରି ମୋକ୍ଷ ପାଇପାରିବ ନାହିଁ? ଭାରତ ବର୍ଷରେ ଏହା ପୂର୍ବରୁ ଅନେକ କୁମ୍ଭମେଳା ଅନୁଷ୍ଠିତ ହୋଇସାରିଲାଣି। ବର୍ତ୍ତମାନର କୁମ୍ଭମେଳାକୁ ମିଶାଇଲେ ଏବଂ ପୂର୍ବ କୁମ୍ଭମେଳାର ଶ୍ରଦ୍ଧାଳୁଙ୍କ ସଂଖ୍ୟାକୁ ଦେଖିଲେ ଯାହା ଗଣିତ ହିସାବ ଆସିବ ଏହା ୨ଶହ କୋଟିରୁ ଉର୍ଦ୍ଧ୍ୱ ହେବ। କୁମ୍ଭମେଳାର ଶ୍ରଦ୍ଧାଳୁ ମାନଙ୍କର ଯଦି ଜୀବନ ମୁକ୍ତି ହୋଇଯାଉଛି ଏବଂ ସେମାନେ ଯଦି ମୋକ୍ଷ ପାଇଯାଉଛନ୍ତି ତାହାହେଲେ ଭାରତ ବର୍ଷର ଜନସଂଖ୍ୟା ବହୁତ କମ ହୋଇସାରିଥାନ୍ତା। ମୁଁ ଏହି କୁମ୍ଭମେଳାକୁ ସମାଲୋଚନା କରୁନାହିଁ କିମ୍ବା ଶ୍ରଦ୍ଧାଳୁ ମାନଙ୍କ ପ୍ରତି ମୋର କୌଣସି ସମାଲୋଚନା କି ସେମାନଙ୍କର ଧର୍ମୀୟ ଭାବନା ପ୍ରତି କୁଠାରଘାତ କରୁନାହିଁ। ନିଇତି ପରିଶ୍ରମ କରି ଗଣ୍ଡାଏ ଦାନା କନା ଯୋଗାଡ଼ କରିବାକୁ ଅସମର୍ଥ ହୋଇଯାଉଥିବା ଲୋକଟି ପାଇଁ କୁମ୍ଭମେଳାର ଅର୍ଥ ବା କ'ଣ? ଦଳା ଚକଟାରେ ଜୀବନ ଯାଉଥିବା ଶ୍ରଦ୍ଧାଳୁଟି ପ୍ରତି ଯଦି ଧର୍ମଗୁରୁ ମନ୍ତବ୍ୟ ଦିଅନ୍ତି ଯେ ତାର ମୋକ୍ଷ ହୋଇଗଲା ତାହାହେଲେ ଯେ କେହି ବି ପ୍ରଶ୍ନ କରିବ ସେ ଧର୍ମଗୁରୁ ମୋକ୍ଷ ହେବା ସ୍ଥାନରେ ନିଜେ କାହିଁକି ତାର ସୁଯୋଗ ନେଉନାହାଁନ୍ତି। ତେଣୁ କୁମ୍ଭମେଳା କର୍ମ ଜୀବନର କୁମ୍ଭ ହେବ। କେବଳ ବିଶ୍ୱାସ କରି ପ୍ରୟାଗରାଜରେ ଅମୃତ ଛିଞ୍ଚି ହୋଇଯିବାର ଶ୍ରଦ୍ଧା ପାଇଁ ଏକତ୍ର ନହୋଇ କର୍ମ ଓ ଜୀବନବାଦୀ ହେବା ହିଁ ଅସଲ କୁମ୍ଭମେଳାର ଅନ୍ତର୍ନିହିତ ତାତ୍ପର୍ଯ୍ୟ।


**ବିଡ଼ାନାସୀ, ନୂଆସାହି, କଟକ, ମୋବାଇଲ୍: ୭୦୦୮୩୨୫୭୩୧**


# ଇକୋମାର୍କ କ'ଣ ? କାହିଁକି ଜରୁରୀ ?



**ଡକ୍ଟର ତପନ କୁମାର ପାଲ**

ରାତି ପାହିଲେ ଆମେ ବଜାରକୁ ଯାଉଛୁ। ଖାଇବା ଜିନିଷ ଠାରୁ ପନିପରିବା, ଠାକୁର ପୂଜା ସାମଗ୍ରୀ ଠାରୁ କପଡ଼ା ପତ୍ର, ପାଣି ବଟଲ ହେଉ ବା ହେଲମେଟ ଯେ କୌଣସି ଜିନିଷ ଆମେ କିଣୁ ଆମକୁ କେବଳ ଏହାର ବାହ୍ୟ ଚାକଚକ୍ୟ କ୍ଷେତ୍ରଟି ଆକର୍ଷିତ କରିଥାଏ। କିନ୍ତୁ ଏହା ଅସଲ କି ନିକଲି? ଏଥିରେ ବିଶୁଦ୍ଧତା ଓ ନିରାପତ୍ତା ଜିନିଷ ସବୁ ଠିକ ରହିଛି କି ନାହିଁ ଆମେ ସେ ସମ୍ପର୍କରେ ପ୍ରାୟତଃ ଜାଣିବାକୁ ସେପରି ଇଛା କରିନଥାଉ। ଆମ ନିତିଦିନିଆ ଜୀବନରେ ଅନେକ ଲୋକ ଏହି କାରଣରୁ ଠକି ହୋଇଥିବା ଘଟଣା ଆମେ ଶୁଣିବାକୁ ପାଇଥାଉ। ଆମ୍ଭମାନଙ୍କର ସାମାନ୍ୟ ସଚେତନତା ଅଭାବରୁ ଆମେ ଠକି ହେବା ସାର ହୋଇଥାଏ। ଆମେ କିଣୁଥିବା ଉତ୍ପାଦର ଗୁଣମାନ ନେଇ ନିଶ୍ଚିତ ହେବାକୁ ସେଥିରେ ଅଇଏସଆଇ ମାର୍କ ବା ଚିହ୍ନ ଅଛି ନା ନାହିଁ ପରଖୁ। ଠିକ ସେମିତି ଆଜିକାଲି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କିଣିବା ବେଳେ ଉତ୍ପାଦଟି କେତେ ଷ୍ଟାର ମାନ୍ୟତା ପାଇଛି ତାହା ଦେଖିବାକୁ ଭୁଲୁ ନାହୁଁ। ବର୍ତ୍ତମାନ ଉତ୍ପାଦ ଖରିଦ କରିବା ବେଳେ ଖାଉଟି ମାନଙ୍କୁ ଦେଖିବାକୁ ପଡ଼ିବ କି ତାହା ପରିବେଶ ଅନୁକୂଳ କି ନୁହେଁ। ଆଉ ଏହା ସୂଚାଇ ଦେବ ଇକୋଲେବଲ ବା ଇକୋମାର୍କ। ପ୍ରସ୍ତୁତିରୁ ଅଚଳ ବା ନଷ୍ଟ ହେବା ପର୍ଯ୍ୟନ୍ତ ପରିବେଶ ଉପରେ ଅତି କମ କୁପ୍ରଭାବ ପକାଉଥିବା ଯେ କୌଣସି ସାମଗ୍ରୀ ବା ଉତ୍ପାଦ ଚିହ୍ନଟ କରିବା ଲାଗି ଇକୋମାର୍କ ମଞ୍ଜୁର କରାଯାଇଥାଏ।

ଅନ୍ୟାନ୍ୟ ଦେଶର ସରକାରଙ୍କ ଭଳି ପରିବେଶର କ୍ଷତି କରୁ ନଥିବା ସାମଗ୍ରୀଗୁଡ଼ିକୁ ପ୍ରୋତ୍ସାହିତ କରିବା ଲାଗି ଭାରତ ସରକାର ମଧ୍ୟ ଖାଦ୍ୟ, ପ୍ରସାଧନ, ସାବୁନ, ଡିଟରଜେଣ୍ଟ ଓ ରଙ୍ଗ ଆଦି ଉତ୍ପାଦରେ ଇକୋମାର୍କ ଲେବୁଲ ଲଗାଇବା ପାଇଁ ବ୍ୟବସ୍ଥା କରୁଛନ୍ତି। ଏଥିପାଇଁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ବିସ୍ତାରିତ ନିୟମାବଳୀ (ଇକୋ ମାର୍କ ରୁଲସ୍ ୨୦୨୫) ପ୍ରକାଶ କରିଛି। ଉତ୍ପାଦ ଉପରେ ଇକୋମାର୍କ ସଙ୍କେତ ରହିଲେ ଖାଉଟି କିଣୁଥିବା ଉତ୍ପାଦ ସମ୍ବନ୍ଧରେ ସବିଶେଷ ସୂଚନା ପାଇ ପାରିବେ। ସରକାରୀ ଭାବେ ଇକୋ ମାର୍କ ରୁଲସ ଭଙ୍ଗକାରୀଙ୍କ ବିରୁଦ୍ଧରେ ବ୍ୟାପକ ଓ କଠୋର କଡ଼ା ଆଇନର ବ୍ୟବସ୍ଥା ମଧ୍ୟ ରହିଛି। ଏଠାରେ ସୂଚାଇ ଦିଆଯାଇପାରେ ଯେ ୨୦୨୧ରେ ସୁପ୍ରିମକୋର୍ଟଙ୍କ ଏକ ଚାରିଜଣିଆ ଡିଭିଜନ ବେଞ୍ଚ ଏ ପ୍ରସଙ୍ଗରେ ଇକୋ ମାର୍କର ସାଧୁତା, ସ୍ୱଷ୍ଟତା ସମ୍ପର୍କରେ ଖାଉଟି ମାନଙ୍କୁ ବ୍ୟାପକ ଭାବେ ତଥ୍ୟ ଭିତ୍ତିକ ସୂଚନା ଦେବା ସମ୍ପର୍କରେ ବ୍ୟାପକ ନିର୍ଦ୍ଦେଶାବଳୀ ଜାହିର କରିଥିଲେ।

ପରିବେଶ ଉପରେ ଅପେକ୍ଷାକୃତ କମ ପ୍ରତିକୂଳ ପ୍ରଭାବ ପକାଉଥିବା ଉତ୍ପାଦର ଚାହିଦା ବୃଦ୍ଧି କରିବା ହେଉଛି ଏହି ବ୍ୟବସ୍ଥା ଉଦ୍ଦେଶ୍ୟ। ଏହି ବ୍ୟବସ୍ଥା ସ୍ୱଳ୍ପ ଶକ୍ତି ଉପଯୋଗ, ସମ୍ବଳର ସୁବିନିଯୋଗ, ସଂରକ୍ଷଣ, ଉତ୍ପାଦର ପୁନଃ ବ୍ୟବହାର ଓ ପୁନଃ ପ୍ରକ୍ରିୟାକରଣ ଇତ୍ୟାଦି ପ୍ରୋତ୍ସାହିତ କରେ। ଏହାଛଡ଼ା କୌଣସି ଉତ୍ପାଦ ପରିବେଶ ପାଇଁ କ୍ଷତିକାରକ ବୋଲି ହେଉଥିବା ଅପପ୍ରଚାର ବା ବିଭ୍ରାନ୍ତିକର ଦାବି ପ୍ରତିହତ କରିବାରେ ମଧ୍ୟ ଏହି ବ୍ୟବସ୍ଥା ସହାୟକ ହେବ। ଇକୋମାର୍କ ପାଇବା ଲାଗି ଯୋଗ୍ୟ ବିବେଚିତ ହେବାକୁ ଯେକୌଣସି ଉତ୍ପାଦ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡସ୍ରୁ ଲାଇସେନ୍ସ ବା ସୁନିଶ୍ଚିତତା ପ୍ରମାଣପତ୍ର କରିଥିବା ବାଞ୍ଛନୀୟ। ଇକୋମାର୍କ ମଞ୍ଜୁରି ହାସଲ କରିବା ପାଇଁ ନିୟମାବଳୀ ପ୍ରସ୍ତୁତ କରାଯାଇଛି। ବର୍ଜ୍ୟ ସାମଗ୍ରୀ ଯଥାସମ୍ଭବ କମ ବା ହଟାଇବା ସହିତ ଏହି ଉତ୍ପାଦ ବାଷ୍ପ ଉତ୍ତାପ ଓ ଆଲୋକ ଇତ୍ୟାଦି ନିର୍ଗମନ




ନକରି ପ୍ରଦୂଷଣ ହ୍ରାସ କରୁଥିବ। ଏହି ଉତ୍ପାଦ ପୁନଃ ବ୍ୟବହାର ଉପଯୋଗୀ ହୋଇପାରୁଥିବ ଅଥବା ପୁନଃବ୍ୟବହାର ଉପଯୋଗୀ ସାମଗ୍ରୀରୁ ନିର୍ମିତ ହୋଇଥିବ। ସେହିପରି ଏ ଉତ୍ପାଦ ଅଣ-ଅକ୍ଷୟଶକ୍ତି ସମ୍ବଳ ଓ ପ୍ରାକୃତିକ ସମ୍ବଳ ସମେତ ଅଣ-ଅକ୍ଷୟ ସମ୍ବଳ ଉପରେ ନିର୍ଭରଶୀଳତା ହ୍ରାସ କରୁଥିବା ଏହା ମଧ୍ୟ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା ସାମଗ୍ରୀ ବ୍ୟବହାର ହ୍ରାସ କରାଉଥିବ। ଏହା ବ୍ୟତିରେକ, ଉତ୍ପାଦନ ପ୍ରକ୍ରିୟା, ପ୍ରାକୃତିକ ସମ୍ବଳ ବ୍ୟବହାର, ପରିବେଶୀୟ ପ୍ରଭାବ, ବର୍ଜ୍ୟ ନିର୍ଗମନ, ଉତ୍ପାଦ ବିନଷ୍ଟ ଓ ପ୍ୟାକେଜିଙ୍ଗ ଆଦି କଥା ବି ବିଚାରକୁ ନିଆଯିବ। ସେଣ୍ଟ୍ରାଲ ପଲ୍ୟୁସନ କଣ୍ଟ୍ରୋଲ ବୋଡର୍ ଜରିଆରେ କମ୍ପାନୀମାନେ ଇକୋମାର୍କ ପାଇଁ ଆବେଦନ କରିପାରିବେ। ଦରଖାସ୍ତ ପାଇବା ପରେ ବୋଡର୍ ନିଜେ ବା କାହାଦ୍ୱାରା ଉତ୍ପାଦ ଯାଞ୍ଚ କରାଇବ। ସବୁ ଠିକଠାକ ଥିଲେ ଇକୋମାର୍କ ମିଳିବ ଏବଂ ତାହା ତିନି ବର୍ଷ ପାଇଁ ବୈଧ ରହିବ।

ଇକୋମାର୍କ ମଞ୍ଜୁରି ପାଇଁ ରଙ୍ଗ, ପ୍ରସାଧାନ, ସାମଗ୍ରୀ, ବ୍ୟାଟେରି, ଖାଇବା ତେଲ, ଚା, କଫି, ଡିଟରଜେଣ୍ଟ ଓ କାଗଜ ସମେତ ୧୭ଟି ବର୍ଗର ଉତ୍ପାଦ ନିମନ୍ତେ ଯୋଗ୍ୟତା ନିରୂପଣ କରାଯାଇଛି। ସେଗୁଡ଼ିକ ହେଉଛି ଦେହଲଗା ପାଉଡର, ଦାନ୍ତଘଷା ପାଉଡର ଓ ପେଷ୍ଟ, ସ୍କିନ କ୍ରିମ, କେଶତୈଳ, ସାମ୍ପୁ, ଗାଧୁଆ ସାବୁନ, ହେୟାର କ୍ରିମ, ନେଲ ପଲିସ, ଆଫଟରସେଭ ଲୋସନ, ସେଭିଙ୍ଗ କ୍ରିମ, କସମେଟିକ ପେନସିଲ, ଲିପଷ୍ଟିକ ଭଳି ପ୍ରସାଧନ ସାମଗ୍ରୀ। ସେହିପରି, ଟେଲିଭିଜନ, ଫ୍ରିଜ, ଫୁଡ ମିକ୍ସର, ଗିଜର, ଇଲେକ୍ଟ୍ରିକାଲ/ଷ୍ଟିମ ଆଇରନ, ଟୋଷ୍ଟର, କୁଲର ଓ ବୟନ ଉତ୍ପାଦ ବା ବସ୍ତ୍ର ଆଦି ଉତ୍ପାଦ ପାଇଁ ବି ଇକୋମାର୍କ ମଞ୍ଜୁର କରାଯାଉଛି। ମୂଳକଥା ହେଉଛି ଇକୋମାର୍କ ବ୍ୟବସ୍ଥା ଦ୍ୱାରା ଉତ୍ପାଦ ସାମଗ୍ରୀଟି କେତେ ମାତ୍ରାରେ ସୁରକ୍ଷିତ ଏବଂ ଏହାର କ୍ୱାଲିଟି ବା ଗୁଣବତ୍ତା ସମ୍ପର୍କରେ ବିଶେଷ ଭାବେ ସୂଚୀତ ହୋଇଥାଏ। ବଜାରରେ ଅନେକ ସାମଗ୍ରୀ ବିନା ଇକୋମାର୍କ ଦ୍ୱାରା ବିକ୍ରି ଅର୍ଥ ଏହା ପ୍ରଥମତଃ ଅପମିଶ୍ରଣର ସମ୍ଭାବନା ଏବଂ ଦ୍ୱିତୀୟତଃ ବଜାର ଜାଲିଆତି ସହ ଏମାନେ ଆୟକର ବିଭାଗ ଓ ସରକାରୀ ବ୍ୟବସ୍ଥା ଠାରୁ ଦୂରେଇ ଏକ ପ୍ରକାର ଗୋପନୀୟ କାରବାର କରିଥାନ୍ତି। ତେଣୁ ଇକୋମାର୍କ ବ୍ୟବସ୍ଥା ଦ୍ୱାରା ଖାଉଟି ସୁରକ୍ଷିତ ରହିବା ସହିତ ସରକାରଙ୍କ ଦୃଷ୍ଟି ଏହି ବ୍ୟବସ୍ଥା ଉପରେ ରହିଥାଏ। ଯାହାଦ୍ୱାରା ଯେ କେହି ବଜାରରେ ମିଳୁଥିବା ଯେ କୌଣସି ସାମଗ୍ରୀ ଉପରେ ସମ୍ଭବତଃ ନିରାପତ୍ତା ଓ ଗୁଣବତ୍ତା ପାଇଥାନ୍ତି।


ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ
ଦେଉଳ ସାହି, ତୁଳସୀପୁର, କଟକ


# ବିଶ୍ୱ ରେଡ଼ିଓ ଦିବସ



**ଶ୍ୟାମ ସୁନ୍ଦର ସାମଲ**

ଟେଲିଭିଜନ, ମୋବାଇଲ, ଇଣ୍ଟରନେଟ, ଟ୍ୟାବଲେଟ ଆଦି ଅତ୍ୟାଧୁନିକ ଉପକରଣଗୁଡ଼ିକର ଲୋକପ୍ରିୟତା ଯେତେ ବୃଦ୍ଧି ପାଇଲେ ବି ନିଜ ଚାହିଦା ବଜାୟ ରଖିଛି ରେଡ଼ିଓ। ଆଜି ବି ଲୋକେ ଏହାର ବ୍ୟବହାର ଜାରି ରଖିଛନ୍ତି। ଏକଦା ମନୋରଞ୍ଜନର ମୁଖ୍ୟ ମାଧ୍ୟମ ବୋଲଉଥିବା ରେଡ଼ିଓ ଏବେ ନୂଆ ରୂପ ଓ ନୂଆ ରଙ୍ଗରେ ଶ୍ରୋତାଙ୍କ ମନ କିଣିବାରେ ସଫଳ ହୋଇଛି। ଖବର ପ୍ରସାରଣର ଅନ୍ୟତମ ପ୍ରମୁଖ ମାଧ୍ୟମ ଭାବେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ଅନ୍ୟ ବୈଦ୍ୟୁତିକ ଗଣମାଧ୍ୟମ ତୁଳନାରେ ସବୁ ପରିସ୍ଥିତିରେ ଓ ସବୁ ସ୍ଥାନରେ ପହଞ୍ଚି ଅଗଣିତ ଶ୍ରୋତାଙ୍କ ବିଶ୍ୱାସଭାଜନ ହୋଇପାରିଛି। ଚାଷୀ, ମୂଲିଆ, ମଜୁରିଆ ଶ୍ରେଣୀର ଲୋକଙ୍କ ପାଇଁ ରେଡ଼ିଓ ମନୋରଞ୍ଜନର ଏକ ମୁଖ୍ୟ ମାଧ୍ୟମ। ସେତିକି ନୁହେଁ, ଅଧିକାଂଶ ସମ୍ଭ୍ରାନ୍ତଙ୍କ ପାଇଁ ମଧ୍ୟ ଏହା ଖବର ପ୍ରେରଣର ଏକ ମାଧ୍ୟମ। ରେଡ଼ିଓ ଯେମିତି ସେମାନଙ୍କ ପରମ୍ପରା ସହିତ ଯୋଡ଼ି ହୋଇ ରହିଛି। ବିନା ବିଜୁଳିରେ ଚାଲୁଥିବାରୁ ବିପର୍ଯ୍ୟୟ ସମୟରେ ଏହାର ଆବଶ୍ୟକତା ବଢ଼ିଯାଏ। ଏବେ ଦୁର୍ଗମ ଅଞ୍ଚଳରେ କମ୍ୟୁନିଟି ରେଡ଼ିଓର ଆଦର ବଢ଼ୁଛି। ଇଣ୍ଟରନେଟ, ଟିଭି, ମୋବାଇଲ ଅଚଳ ହୋଇପଡ଼ିଥିବାବେଳେ ରେଡ଼ିଓ ଯୋଗଯୋଗ ବଜାୟ ରଖିଥାଏ। ସ୍ପାନିଶ ରେଡ଼ିଓ ଏକାଡ଼େମୀର ପ୍ରସ୍ତାବ ଏବଂ ଜାତିସଂଘର ଅନୁମୋଦନ କ୍ରମେ ୨୦୧୨ରୁ ପ୍ରତିବର୍ଷ ଫେବୃଆରୀ ୧୩ ତାରିଖ ବିଶ୍ୱ ରେଡ଼ିଓ ଦିବସ ପାଳନ କରାଯାଉଛି। ଏହାର ପ୍ରଚାର ପ୍ରସାର ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଜର୍ମାନୀର ହେନରିଚ୍ ହର୍ଜ, ଋଷିଆର ଆଲେକ୍ଜାଣ୍ଡର ପୋପୋଭ, ଫ୍ରାନ୍ସର ଏଡ୍ୱାଡର୍, ଆମେରିକାର ନିକୋଲା ଡିସ୍ଲା, ଇଟାଲିର ଗ୍ୟୁଗ୍ନିଏଲମୋ ମାର୍କୋନି, ବ୍ରିଟେନର ଅଲିଭର୍ ଲଜ, ଭାରତର ଚନ୍ଦ୍ର ବସୁ। ରେଡ଼ିଓର ପ୍ରଚାର ପ୍ରସାରରେ ଏମାନେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଏମାନଙ୍କ ଅବଦାନକୁ ମନେ ପକାଇବା ପାଇଁ ଏହି ଦିବସର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ।





**ବିଡ଼ାନାସୀ ବନ୍ଧଛକ, କଟକ,**
**ମୋବାଇଲ୍: ୯୭୭୮୬୩୫୯୨୬**


# ପକ୍ଷୀମାନେ 'ଭି' ଆକାରରେ ଉଡ଼ନ୍ତି କାହିଁକି



**ଅପର୍ଣ୍ଣା ନାୟକ**

ପିଲାମାନଙ୍କୁ ନେଇ ଆପଣ କେବେ ପକ୍ଷୀ ବିହାର ଯାଇଛନ୍ତି? ବା ଆପଣଙ୍କ ଗାଁ ଗଣ୍ଡାରେ ପକ୍ଷୀମାନେ ଉଡି ଯାଉଥିବାର ଦୃଶ୍ୟ ବି ଆପଣ ଦେଖିଥିବେ। ଆପଣ ଗୋଟିଏ କଥା ଲକ୍ଷ୍ୟ ରଖିଥିବେ ଯେ ଏହି ପକ୍ଷୀମାନେ ଇଂରାଜୀ ଅକ୍ଷର "ଭି' ଆକାରରେ ଉଡୁଥାନ୍ତି। ଅନେକଙ୍କ ପାଇଁ ଏହା ରହସ୍ୟମୟ ଓ ଉତ୍ସୁକତା ସୃଷ୍ଟି କରିଥାଏ। ପକ୍ଷୀମାନେ ଭି ଆକାରରେ ଉଡିବା ପଛରେ ଭିନ୍ନ ଭିନ୍ନ କାରଣ ଥିବା କୁହାଯାଏ। ଏହା ଉପରେ ବିଭିନ୍ନ ସମୟରେ ବୈଜ୍ଞାନିକମାନେ ନାନା ଗବେଷଣା ବି କରିଛନ୍ତି। ଆଉ ଜଣାପଡ଼ିଛି ଯେ, ଏହି ଶେପରେ ରହି ଉଡିଲେ ପକ୍ଷୀମାନେ ସହଜରେ ଉଡିପାରନ୍ତି। ଏଭଳି ଉଡିବା ସମୟରେ ସବୁଠୁ ଆଗରେ ଥିବା ପକ୍ଷୀ ଅନ୍ୟ ପକ୍ଷୀଙ୍କୁ ଗାଇଡ଼ କରେ। ଲଣ୍ଡନ କଲେଜ ଅଫ ଭେଟେନାରୀର ପ୍ରଫେସର ଜେମ୍ସ ଉଶରଉଡ କହନ୍ତି ପକ୍ଷୀମାନେ ଏଭଳି ଉଡିବା ଦ୍ୱାରା ପବନର ପ୍ରତିରୋଧ ଶକ୍ତି କମ ହୁଏ। ପରସ୍ପର ଦ୍ୱାରା ଉତ୍ପନ୍ନ ପବନ ବି କମେ। ଫଳରେ ଚଢ଼େଇଙ୍କ ଉଡିବା ସହଜ ହୁଏ। ଏହାବାଦ ଏଭଳି ଉଡିଲେ ପକ୍ଷୀଙ୍କୁ ସାମ୍ନା ଭାଗ ଭଲରେ ଦେଖାଯାଏ।

ଅର୍ଥାତ ପକ୍ଷୀ ଗୁଡ଼ିକ ପଛକୁ ପଛ ରହିବା ଦ୍ୱାରା ସାମ୍ନାରେ ଥିବା ପକ୍ଷୀ ଯାହା ଦେଖିପାରନ୍ତି ପଛ ଚଢ଼େଇ ବି ତାହା ଦେଖିପାରନ୍ତି। ଫଳରେ ସେମାନଙ୍କୁ ସହଜରେ ଶିକାରୀ ଓ ବିପଦରୁ ରକ୍ଷା ପାଇବାରେ ସାହାଯ୍ୟ ମିଳିଥାଏ। ତା ସହ ଏଭଳି ଉଡିବା ଯୋଗୁ ପରସ୍ପର ସହ ଯୋଗାଯୋଗ କରିବା ବି ସହଜ ହୁଏ। ଆଉ ଗ୍ରୁପର ମୁଖ୍ୟଙ୍କୁ ଅନୁସରଣ କରିବା ସହଜ ହୁଏ। କିଛି ବୈଜ୍ଞାନିକ ଏହା ବି କୁହନ୍ତି ଯେ ଗ୍ରୁପ୍ ହୋଇ ଉଡୁଥିବା ଚଢ଼େଇଙ୍କ ଭିତରେ ଆଗରେ ଥିବା ଚଢ଼େଇ ଅନ୍ୟ ପକ୍ଷୀଙ୍କୁ ଲିଡ କରେ। ଯେବେ ସେ ଥକିଯାଏ ଅନ୍ୟ ଚଢ଼େଇମାନେ ବେଶି ଭି ଆକାରରେ ଉଡନ୍ତି ଯେଉଁମାନେ ଲମ୍ବା ଯାତ୍ରା କରିଥାନ୍ତି। ଖାସ କରି ପ୍ରବାସୀ ଚଢ଼େଇମାନେ ଭି ଆକାରରେ ଉଡି ହଜାର ହଜାର କିମି ବାଟ ଅତିକ୍ରମ କରିଥାନ୍ତି।


**ମେନ ସାଗର ପାନ ରୋଡ଼, ନଂ-୩,**
**ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ, ପିନ-୧୧୦୦୪୬**

## ଆଖି ବୁଜିଲେ ଅଯୋଧ୍ୟା ରାମ ମନ୍ଦିରର ମୁଖ୍ୟ ପୂଜକ



**ଲକ୍ଷ୍ନୌ, ୧୨।୨:** ଆଉ ନାହାନ୍ତି ଅଯୋଧ୍ୟା ରାମ ମନ୍ଦିରର ମୁଖ୍ୟ ପୂଜକ। ୮୫ ବର୍ଷ ବୟସରେ ପୂଜକ ସତେନ୍ଦ୍ର ଦାସଙ୍କ ପରଲୋକ। ବ୍ରେନ ଷ୍ଟ୍ରୋକ ପରେ ଫେବୃଆରୀ ୩ ତାରିଖରୁ ଲକ୍ଷ୍ନୌ ପିଜିଆଇ ହସ୍ପିଟାଲରେ ସତେନ୍ଦ୍ରଙ୍କ ଚିକିତ୍ସା ଚାଲିଥିଲା। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବା ପରେ ତାଙ୍କୁ ନ୍ୟୁରୋଲୋଜି ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଆଉ ଶେଷରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ସତେନ୍ଦ୍ର ଦାସ। ତାଙ୍କ ବିୟୋଗରେ ଉତ୍ତରପ୍ରଦେଶ ସରକାର ଶୋକ ବ୍ୟକ୍ତ କରିଛନ୍ତି। ତେବେ ଦୀର୍ଘ ୩୩ ବର୍ଷ ଧରି ରାମ ମନ୍ଦିରର ସେବା କରି ଆସୁଛନ୍ତି ସତେନ୍ଦ୍ର। ୧୯୪୫ରେ ସନ୍ତକବୀରନଗର ଜିଲ୍ଲାରେ ସତ୍ୟେନ୍ଦ୍ର ଦାସଙ୍କ ଜନ୍ମ ହୋଇଥିବା ବେଳେ ବାପା ଅଭିରାମ ଦାସଙ୍କଠୁ ପ୍ରଭାବିତ ହୋଇ ପ୍ରଭୁ ରାମଙ୍କ ଭକ୍ତ ହୋଇଥିଲେ ସେ। ପରେ ପ୍ରଭୁଙ୍କ ସେବା ପାଇଁ ଘରଦ୍ୱାରା ଛାଡି ଆଶ୍ରମରେ ସନ୍ନ୍ୟାସ ଜୀବନ ଗ୍ରହଣ କରିଥିଲେ। ୧୯୯୨ ମସିହାରେ ରାମମନ୍ଦିର ପୂଜକ ଭାବେ ଦାୟିତ୍ୱ ନେଲେ। ପ୍ରାୟ ୩ ଦଶନ୍ଧି ଧରି ରାମମନ୍ଦିର ପୂଜକ ଥିଲେ ସତେନ୍ଦ୍ର। ସେ ଅଯୋଧ୍ୟା ରାମମନ୍ଦିର ଆନ୍ଦୋଳନରେ ପ୍ରମୁଖ ଭୂମିକା ତୁଲାଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମନ୍ଦିର ପୂଜକ ଭାବେ ତାଙ୍କୁ ଯେତେବେଳେ ରଖାଗଲା ସେତେବେଳେ ସେ ମାସକ ମାତ୍ର ୧୦୦ ଟଙ୍କା ଦରମା ନେଉଥିଲେ। ପରେ ୨୦୧୮ରେ ୧୨ ହଜାର ଟଙ୍କା ଏବଂ ୨୦୧୯ରେ ୧୩ ହଜାର ଟଙ୍କା ଦରମା ଦିଆଗଲା।

## ରାଜ୍ୟସଭା ଯିବେ କମଲ ହାସନ



**ନୂଆଦିଲ୍ଲୀ, ୧୨।୨:** ତାମିଲ ଚଳଚ୍ଚିତ୍ର ସୁପରଷ୍ଟାର ତଥା ନେତା କମଲ ହାସନ ଯାଇପାରନ୍ତି ରାଜ୍ୟସଭା। ଷ୍ଟାଲିନଙ୍କ ଦଳ ଡିଏମକେ କମଲ ହାସନଙ୍କୁ ରାଜ୍ୟସଭା ଆସନ ଦେଇପାରନ୍ତି। ବୁଧବାର ଦିନ ତାମିଲନାଡୁର ମନ୍ତ୍ରୀ ପିକେ ଶେଖର ବାବୁ କମଲ ହାସନଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ, ସେବେଠାରୁ ଚର୍ଚ୍ଚା ଜୋର। ପ୍ରକୃତରେ କମଲ ହାସନ ମକ୍କଲ ନିଧି ମୟମ (ଏମ୍‌ଏନ୍‌ଏମ୍) ନାମରେ ନିଜର ଦଳ ଗଠନ କରିଥିଲେ। ୨୦୨୪ ଲୋକସଭା ନିର୍ବାଚନରେ ସେ ଭାରତ ମେଣ୍ଟରେ ଯୋଗଦେବାକୁ ନିଷ୍ପତ୍ତି ନେଇଥିଲେ। ସେ ତାମିଲନାଡୁରେ ଡିଏମକେ ନେତୃତ୍ୱାଧୀନ ମେଣ୍ଟ ପାଇଁ ଜୋରଦାର ପ୍ରଚାର ମଧ୍ୟ କରିଥିଲେ। ଏହି ଭାରତୀୟ ଗଠବନ୍ଧନ ରାଜ୍ୟର ୩୯ଟି ଲୋକସଭା ଆସନ ଜିତିଥିଲା। ଡିଏମକେର ସୂଚନା ଅନୁସାରେ, ଡିଏମକେ ମୁଖ୍ୟ ଏମକେ ଷ୍ଟାଲିନ ଲୋକସଭା ନିର୍ବାଚନରେ ସମର୍ଥନ ବଦଳରେ କମଲ ହାସନଙ୍କୁ ରାଜ୍ୟସଭା ଆସନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଜୁନ୍ ୨୦୨୫ରେ ଛଅଟି ରାଜ୍ୟସଭା ଆସନ ଖାଲି ହେବାକୁ ଯାଉଛି। କୁହାଯାଉଛି ଯେ,ଶେଖର ବାବୁ ଏହି ସମ୍ପର୍କରେ କମଲ ହାସନଙ୍କୁ ଭେଟିଥିଲେ। ଏହି ସମୟରେ ସେ ଷ୍ଟାଲିନଙ୍କ ବାର୍ତ୍ତା କମଲଙ୍କୁ ଶୁଣାଇଥିଲେ ଯେ ତାଙ୍କୁ ରାଜ୍ୟସଭାକୁ ପଠାଯିବ। ଏମ୍‌ଏନ୍‌ଏମ୍ ମୁଖପାତ୍ର ଏବଂ ପ୍ରସିଦ୍ଧ ତାମିଲ ଚଳଚ୍ଚିତ୍ର ପ୍ରଯୋଜକ ମୁରଲୀ ଆପ୍ପା ନିଶ୍ଚିତ କରିଛନ୍ତି ଯେ ଦଳ ରାଜ୍ୟସଭା ଆସନ ପାଇବ। ତଥାପି, ସେ ଏହା ମଧ୍ୟ କହିଛନ୍ତି ଯେ ପ୍ରାର୍ଥୀ କିଏ ହେବ ତାହା କମଲ ହାସନ ନିଷ୍ପତ୍ତି ନେବେ। ସେ କହିଛନ୍ତି ଯେ,କମଲ ହାସନ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଦଳୀୟ ପଦାଧିକାରୀଙ୍କ ସହ ପରାମର୍ଶ କରିବେ।

## 'ଆମ ଝିଅକୁ ଜୀବିତ ହେଉ ଅବା ମୃତ ଖୋଜି ବାହାର କରନ୍ତୁ'

**ନୂଆଦିଲ୍ଲୀ, ୧୨।୨:** କାନପୁରରେ ଗତ ଛଅ ମାସ ଧରି ନିଖୋଜ ଝିଅକୁ ଖୋଜିଖୋଜି ଥକି ପଡ଼ିଛନ୍ତି ବୃଦ୍ଧ ବାପା ଓ ମା'। ଶେଷରେ ବୃଦ୍ଧ ଦମ୍ପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଝିଅକୁ ଖୋଜି ଆଣିବା ପାଇଁ ସାହାଯ୍ୟ କରିବା ପାଇଁ ନିବେଦନ କରିଛନ୍ତି। ଦମ୍ପତି କାନ୍ଦିକାନ୍ଦି ତାଙ୍କ ଝିଅକୁ ଜୀବିତ ହେଉ କି ମୃତ ଖୋଜି ବାହାର କରିବାକୁ ନିବେଦନ କରି କହିଛନ୍ତି, 'ଝିଅ ଛଅ ମାସ ପୂର୍ବରୁ ମନ୍ଦିର ଯିବା ପାଇଁ ଘରୁ ବାହାରି ଯାଇଥିଲା। ଏହା ପରଠାରୁ ସେ ଆଉ ଘରକୁ ଫେରି ନାହିଁ। କାନପୁରର ବିଲହୌର ଅଞ୍ଚଳର ଉତ୍ତରିପୁରା ଅଞ୍ଚଳର ବାସିନ୍ଦା ରାକେଶ ଦୁବେଙ୍କ ୨୬ ବର୍ଷୀୟା ଝିଅ ଆକାଂକ୍ଷା ଛଅ ମାସ ପୂର୍ବେ ଖେରେଶ୍ୱର ମନ୍ଦିରର ସରେୟା ଘାଟକୁ ଦୀପ ଦାନ କରିବାକୁ ଯାଇଥିଲେ। ଏହା ପରେ ସେ ଆଉ ଘରକୁ ଫେରି ନଥିଲେ। ସିସିଟିଭିରେ ସେ ଏକ ଇ-ରିକ୍ସାରେ ଯାଉଥିବାର ଦେଖିବାକୁ ମିଳିଥିଲା ଏହାପର ଠାରୁ ତାଙ୍କର ଅଉ କୌଣସି ସନ୍ଧାନ ମିଳିନାହିଁ। ବୃଦ୍ଧ ପିତାମାତା ଏବେ ନିଜ ଝିଅର ଫଟୋ ବେକରେ ଝୁଲାଇ ଘର ଘର ବୁଲି ଆକାଂକ୍ଷାଙ୍କୁ ଖୋଜୁଛନ୍ତି। ପରିବାର ଲୋକ ଆକାଂକ୍ଷାଙ୍କ ଅପହରଣ ହୋଇଥିବା ସନ୍ଦେହ କରି ପୁଲିସରେ ଅଭିଯୋଗ ମଧ୍ୟ କରିଥିଲେ। ପୁଲିସ ଏକ ମାମଲା ମଧ୍ୟ ରୁଜୁ କରିଥିଲା, କିନ୍ତୁ ଆଜି ପର୍ଯ୍ୟନ୍ତ କାନପୁର ପୁଲିସ ଝିଅ ଆକାଂକ୍ଷାଙ୍କ କୌଣସି ପ୍ରକାର ସୂଚନା ପାଇ ପାରି ନାହିଁ। ଏହି କାରଣରୁ ବୃଦ୍ଧ ଦମ୍ପତି ପୁଲିସ କାର୍ଯ୍ୟାନୁଷ୍ଠାନରେ ବିରକ୍ତ ସମସ୍ତ ଆଶା ଛାଡ଼ି ଦେଇଛନ୍ତି। ବୃଦ୍ଧ ଦମ୍ପତିଙ୍କ ଶେଷ ଇଚ୍ଛା ହେଉଛି ଝିଅକୁ ଜୀବିତ ହେଉ ଅବା ମୃତ ତାଙ୍କ ପାଖକୁ ଫେରାଇ ଆଣନ୍ତୁ।

## ଭାରତ-ବାଂଲା ସୀମାରେ ୮୬୪.୫ କିମିରେ ଲାଗିନି ତାର ବାଡ଼

**ନୂଆଦିଲ୍ଲୀ, ୧୨।୨:** କେନ୍ଦ୍ର ସରକାର ଲୋକସଭାରେ କହିଛନ୍ତି ଯେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ସୀମାର ପରିସର ୪୦୯୬.୭ କିଲୋମିଟର ଥିବାବେଳେ ଏପର୍ଯ୍ୟନ୍ତ ୮୬୪.୫ କିଲୋମିଟର ପରିସରରେ ତାର ବାଡ଼ ଲଗାଯାଇପାରିନାହିଁ। ଏଥିମଧ୍ୟରୁ ୧୭୪.୧୫ କିଲୋମିଟର ଅଞ୍ଚଳ ଖାଲରେ ପରିପୂର୍ଣ୍ଣ। ତୃଣମୂଳ କଂଗ୍ରେସ ସାଂସଦ ଦୀପକ ଅଧିକାରୀଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ବାସ୍ତବରେ, ପଶ୍ଚିମବଙ୍ଗର ସାଂସଦ ବାଂଲାଦେଶ ସହିତ ସୀମା ସହ ଭାରତର ସୀମାକୁ ସହ ବାଂଲାଦେଶ ସହିତ ସୀମା ବାଣ୍ଟୁଥିବା ରାଜ୍ୟଗୁଡ଼ିକର ସବିଶେଷ ତଥ୍ୟ, ବିଷୟରେ ଗୃହ ମନ୍ତ୍ରଣାଳୟକୁ ପଚାରିଥିଲେ। ଏହି ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଗୃହରେ କହିଛନ୍ତି ଯେ ଭାରତ-ବାଂଲାଦେଶ ସୀମାର ମୋଟ ଲମ୍ବ ୪୦୯୬.୭ କିଲୋମିଟର ଅଟେ। ସେ କହିଛନ୍ତି ଯେ ବାଂଲାଦେଶ ସହିତ ସୀମା ବାଣ୍ଟୁଥିବା ରାଜ୍ୟଗୁଡ଼ିକ ହେଉଛି ପଶ୍ଚିମବଙ୍ଗ (୨୨୧୬.୭ କିଲୋମିଟର), ଆସାମ (୨୬୩ କିଲୋମିଟର), ମେଘାଳୟ (୪୪୩ କିଲୋମିଟର), ତ୍ରିପୁରା (୮୫୬ କିଲୋମିଟର) ଏବଂ ମିଜୋରାମ (୩୧୮ କିଲୋମିଟର)। କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ଭାରତ-ବାଂଲାଦେଶ ସୀମାର ୮୬୪.୫ କିଲୋମିଟର ବାଡ ଏପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ରହିଛି। ଅସମ୍ପୂର୍ଣ୍ଣ ଫେନସିଂ ସମ୍ପର୍କରେ ସେ କହିଛନ୍ତି ଯେ ସନ୍ତସନ୍ତିଆ ଜମି ଏବଂ ଭୂସ୍ଖଳନ ପ୍ରବଣ ଅଞ୍ଚଳ ଭଳି ଚ୍ୟାଲେଞ୍ଜ କାରଣରୁ ବାଂଲାଦେଶର ସୀମା ଆଂଶିକ ଅସୁରକ୍ଷିତ ରହିଛି। ବର୍ଡର ଗାର୍ଡ ବାଂଲାଦେଶ (ବିଜିବି) ର ଆପତ୍ତି, ସୀମିତ କାର୍ଯ୍ୟ ସମୟ ଏବଂ ଜମି ଅଧିଗ୍ରହଣରେ ବିଳମ୍ବ ହେତୁ ବାଡ କାମ ଶେଷ ହୋଇପାରି ନାହିଁ ବୋଲି ସେ କହିଛନ୍ତି। ଏହାପୂର୍ବରୁ ଫେବୃଆରୀ ୪, ୨୦୨୫ ରେ ନିତ୍ୟାନନ୍ଦ ରାୟ ଲୋକସଭାକୁ କହିଥିଲେ ଯେ ସୀମା ରକ୍ଷା କରିବା ପାଇଁ ଫେନସିଂ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା।

### ମାଘ ପୂର୍ଣ୍ଣିମା ପାଇଁ ମହାକୁମ୍ଭରେ ଭିଡ଼

# କୋଟିଏରୁ ଅଧିକ ଶ୍ରଦ୍ଧାଳୁ ପକାଇଲେଣି ବୁଡ଼

**ପ୍ରୟାଗରାଜ, ୧୨।୨:** ଆଜି ପବିତ୍ର ମାଘ ପୂର୍ଣ୍ଣିମା। ପ୍ରୟାଗରାଜ ସଙ୍ଗମରେ ବୁଡ଼ ପକାଉଛନ୍ତି ଶ୍ରଦ୍ଧାଳୁ। ବହୁ ସଂଖ୍ୟାରେ ଭକ୍ତ ଆସି ଅମୃତ ସ୍ନାନ କରୁଛନ୍ତି। ମାଘ ପୂର୍ଣ୍ଣିମା ଥିବାରୁ ଭୋରୁ ଭୋରୁ ସଂଗମ ଘାଟରେ କୋଟି କୋଟି ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ତେବେ ମାଘ ପୂର୍ଣ୍ଣିମା ପରି ପବିତ୍ର ଦିନରେ ସଂଗମରେ ବୁଡ ପକାଇବାକୁ ଛୁଟି ଆସିଛନ୍ତି ସମସ୍ତେ। ମିଳିଥିବା ସୂଚନା ଅନୁସାରେ ଆଜି ସକାଳ ୮ଟା ସୁଦ୍ଧା ସଂମରେ ୧ କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ ପକାଇ ସାରିଲେଣି। ତେବେ ମାଘ ପୂର୍ଣ୍ଣିମା ଅବସରରେ ତ୍ରିବେଣୀ ସଂଗମରେ ପ୍ରଥମେ ନାଗାସାଧୁ ପରେ ଅନ୍ୟ ସାଧୁ ସନ୍ଥଙ୍କ ସହ କୋଟି କୋଟି ଶ୍ରଦ୍ଧାଳୁ ବୁଡ ପକାଇ ସାରିଛନ୍ତି। ଆଜିକୁ ଲଗାଇଲେ ଏଯାଏଁ ମହାକୁମ୍ଭରେ ମୋଟ ୪୬ କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ ପକାଇ ସାରିଲେଣି। ମହାଶିବରାତ୍ରୀ ଯାଏଁ ମହାକୁମ୍ଭ ଚାଲିବ ଆଉ ଏଭଳି ସବୁଦିନ ଯଦି ଭିଡ ହୁଏ ତାହାଲେ ଅନୁମାନ କରାଯାଉଥିବା ୫୦ କୋଟିକୁ ଟପି ୬୦ କୋଟି ବି ଛୁଇଁପାରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା।

ମାଘ ପୂର୍ଣ୍ଣିମା ପାଇଁ ଭିଡ ବଢୁଥିବାରୁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପାହାନ୍ତା ପହରର ବହୁ ପୂର୍ବରୁ ଘାଟମାନଙ୍କରେ ବହୁ ସଂଖ୍ୟକ ଜନସମାଗମ ଆରମ୍ଭ ହୋଇଯାଇଛି। ଅନ୍ୟପଟେ ଅମୃତ ସ୍ନାନକୁ ଦୃଷ୍ଟିରେ ରଖି ପ୍ରଶାସନ ମେଳା ଅଞ୍ଚଳରେ ଏକ ନୂତନ ଟ୍ରାଫିକ ନିୟମ ଜାରି କରିଛି। ମେଳା କ୍ଷେତ୍ର ସମେତ ସମଗ୍ର ସହରକୁ ନୋ-ଭେଇକିଲ୍ ଜୋନ୍ ଘୋଷିତ କରାଯାଇଛି। ଏପରିକି ଭିଆଇପି ଗାଡିଗୁଡିକ ମଧ୍ୟ ପ୍ରବେଶ କରିବାକୁ ଦିଆଯାଉ ନାହିଁ।



## ସେନାକୁ ଖୁବଶୀଘ୍ର ମିଳିବାକୁ ଏକେ-୨୦୩ ଆସଲ୍ଟ ରାଇଫଲ୍

**ନୂଆଦିଲ୍ଲୀ, ୧୨।୨:** ଗତ କିଛି ଦିନ ପୂର୍ବରୁ ପ୍ରକାଶ ପାଇଥିଲା ଜିଏଫପି ପାୱାରଫାୟାର ଇଣ୍ଡେକ୍ସ ରିପୋର୍ଟ। ଏହି ରିପୋର୍ଟରେ ବିଶ୍ୱ ମହାଶକ୍ତି ତାଲିକାରେ ଭାରତ ୪ର୍ଥ ସ୍ଥାନ ବଜାୟ ରଖିଛି। କିନ୍ତୁ ପୂର୍ବ ଅପେକ୍ଷା ଭାରତର ଶକ୍ତି ବଢିଛି। ନୌସେନାରେ ଅତ୍ୟାଧୁନିକ ଯୁଦ୍ଧ ପୋତ, ଏବଂ ବାୟୁସେନାରେ ଶକ୍ତିଶାଳି ଏୟାରକ୍ରାଫ୍ଟକୁ ସାମିଲ କରିଛି ଭାରତ। ଏହାରି ଭିତରେ ସେନାରେ ଆଉ ଏକ ଅସ୍ତ୍ର ସାମିଲ ହେବାକୁ ଯାଉଛି। ଯାହା ଶତ୍ରୁ ଉପରେ ଭରପୁର ଗୁଳିବର୍ଷା କରିବ। ଶତ୍ରୁକୁ ବିନାଶ କରିବ। ସେନାକୁ ଖୁବଶୀଘ୍ର ମିଳିବାକୁ ଯାଉଛି ଏକେ-୨୦୩ ଆସଲ୍ଟ ରାଇଫଲ୍। ଗୋଟିଏ ନୁହେଁ କି ଦୁଇଟି ନୁହେଁ ୭୦ ହଜାର ଏକେ-୨୦୩ ଆସଲ୍ଟ ଲାଇଫଲ ସେନାରେ ସାମିଲ ହେବାକୁ ଯାଉଛି। ଧିରେ ଧିରେ ଇନସାସ୍ ରାଇଫଲର ସ୍ଥାନ ନେଉଛି ଏକେ-୨୦୩ ରାଇଫଲ। ଏହି ଏକେ-୨୦୩ ରାଇଫଲରେ ସ୍ୱଦେଶୀ ସାମଗ୍ରୀକୁ ୩୦ ପ୍ରତିଶତକୁ ବୃଦ୍ଧି କରାଯାଇଛି, ସ୍ୱଦେଶୀ ସାମଗ୍ରୀକୁ ଆହୁରି ବୃଦ୍ଧି କରାଯିବ। ଉତ୍କୃଷ୍ଟ କାର୍ଯ୍ୟକ୍ଷମତା, ସ୍ଥାୟୀତ୍ୱ ଏବଂ ଅନୁକୂଳନଶୀଳତା ଏକେ-୨୦୩ର ମାରକ କ୍ଷମତାକୁ ବଢାଇଥାଏ, ଯାହା ଏହାକୁ ଆତଙ୍କବାଦ ବିରୋଧୀ ଅଭିଯାନ ଏବଂ ଉଚ୍ଚ-ଉଚ୍ଚତା ଯୁଦ୍ଧ ସମେତ ବିଭିନ୍ନ ଯୁଦ୍ଧ ପରିସ୍ଥିତି ପାଇଁ ଏକ ବ୍ରହ୍ମାସ୍ତ୍ର ସଜାଉଛି। ତେବେ ୨୦୨୪ରେ ଭାରତୀୟ ସେନାକୁ ୩୫ ହଜାର ଏକେ-୨୦୩ ରାଇଫଲ୍ ମିଳିଥିଲା। ୨୦୨୬ ସୁଦ୍ଧା ଆଉ ଏକ ଲକ୍ଷ ୟୁନିଟ୍ ମିଳିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ଏକେ-୨୦୩ ରାଇଫଲ କଲାସନିକୋବ ସିରିଜର ଏକ ଆଧୁନିକ ଭର୍ଜନ।

**୧୯୮୪ ଶିଖ୍ ଦଙ୍ଗା ମାମଲା**

## ପୂର୍ବତନ ସାଂସଦ ସଜ୍ଜନ କୁମାର ଦୋଷୀ ସାବ୍ୟସ୍ତ

### ଫେବୃୟାରୀ ୧୮ରେ ଦଣ୍ଡ ଉପରେ ବିତର୍କ

**ନୂଆଦିଲ୍ଲୀ, ୧୨।୨:** ୧୯୮୪ ଶିଖ୍ ବିରୋଧୀ ଦଙ୍ଗାରେ ହତ୍ୟା ସହ ଜଡ଼ିତ ଏକ ମାମଲାରେ କଂଗ୍ରେସର ପୂର୍ବତନ ସାଂସଦ ସଜ୍ଜନ କୁମାର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏବେ ଫେବୃୟାରୀ ୧୮ରେ ସଜ୍ଜନ କୁମାରଙ୍କ ଦଣ୍ଡ ଉପରେ ବିତର୍କ ହେବ।

ଏହି ମାମଲା ୧୯୮୪ ନଭେମ୍ବର ୧ରେ ଦିଲ୍ଲୀର ସରସ୍ୱତୀ ବିହାର ଅଞ୍ଚଳରେ ଜଣେ ଶିଖ୍ ବାପା ଓ ପୁଅଙ୍କ ହତ୍ୟା ସହ ଜଡ଼ିତ। ଏହି ମାମଲାରେ ଭିଡ଼ର ନେତୃତ୍ୱ ନେବା ନେଇ ସଜ୍ଜନ କୁମାରଙ୍କ ବିରୋଧରେ ଅଭିଯୋଗ ରହିଛି। ଅଭିଯୋଗ ଅନୁସାରେ, ତାଙ୍କ ପ୍ରରୋଚନାରେ ଏକ ଉତ୍ୟକ୍ତ ଗୋଷ୍ଠୀ ଦୁଇଜଣ ଶିଖଙ୍କୁ ହତ୍ୟା କରିଥିଲେ। ଏହା ପରେ ମୃତକଙ୍କ ଘରେ ଲୁଟପାଟ୍ ହୋଇଥିଲା ଏବଂ ଘରେ ଥିବା ଅନ୍ୟ ଲୋକମାନଙ୍କୁ ଆକ୍ରମଣ କରି ଆହତ କରାଯାଇଥିଲା। ୧୯୮୪ରେ



ଜସୱନ୍ତ ସିଂ ଓ ତାଙ୍କ ପୁଅ ତରୁଣଦୀପ ସିଂଙ୍କୁ ହତ୍ୟା କରାଯାଇଥିଲା। ପଞ୍ଜାବୀ ବାଗ ଥାନାରେ ଏ ନେଇ ମାମଲା ରୁଜୁ ହୋଇଥିଲା। କିନ୍ତୁ ପରେ ଏକ ସ୍ୱତନ୍ତ୍ର ଯାଞ୍ଚ ଟିମ୍ ତଦନ୍ତ ଦାୟିତ୍ୱ ନେଇଥିଲା। ୨୦୨୧ ଡିସେମ୍ବର ୧୬ରେ କୋର୍ଟ ସଜ୍ଜନ କୁମାରଙ୍କ ବିରୋଧରେ ଅଭିଯୋଗ ଫଇସଲା କରିଥିଲେ। ମାମଲାର ଶୁଣାଣି ବେଳେ ସରକାରୀ ଓକିଲ ଅଭିଯୋଗ କରିଥିଲେ ଯେ ଉତ୍ୟକ୍ତ ଜନତା ଅଭିଯୋଗକାରୀ ଯଶୱନ୍ତଙ୍କ ସ୍ତ୍ରୀଙ୍କ ଘର ଉପରେ ଆକ୍ରମଣ କରିଥିଲେ। ତାଙ୍କ ସ୍ୱାମୀ ଓ ପୁଅକୁ ହତ୍ୟା କରାଯାଇଥିଲା ଏବଂ ଘରର ଜିନିଷପତ୍ର ଲୁଟି ନିଆଯାଇଥିଲା। ଏହା ପରେ ତାଙ୍କ ଘରରେ ନିଆଁ ଲଗାଇ ଦିଆଯାଇଥିଲା।

## ଉଦ୍ଧବଙ୍କୁ ବଡ଼ ଝଟକା, ଇସ୍ତଫା ଦେଲେ ପୂର୍ବତନ ବିଧାୟକ ସାଲଭୀ

**ନୂଆଦିଲ୍ଲୀ, ୧୨।୨:** ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେଙ୍କୁ ଏକ ବଡ଼ ଝଟକା ଲାଗିଛି। ଦଳର ପୂର୍ବତନ ବିଧାୟକ ରାଜନ ସାଲଭି ଇସ୍ତଫା ଦେଇଛନ୍ତି। ସେ ଏକନାଥ ସିନ୍ଦେଙ୍କ ଶିବସେନାରେ ଯୋଗଦେବେ। ସମ୍ପ୍ରତି ସିନ୍ଦେ ଦଳର ନେତାମାନେ ଦାବି କରିଛନ୍ତି ଯେ ଉଦ୍ଧବ ଦଳର ନେତାମାନେ ସେମାନଙ୍କ ସହ ଯୋଗାଯୋଗ କରୁଛନ୍ତି। ଏଭଳି ପରିସ୍ଥିତିରେ ରାଜନ ସାଲଭିଙ୍କ ଇସ୍ତଫା ନେଇ ପ୍ରଶ୍ନ ଉଠିଛି ଯେ ଏହା ଉଦ୍ଧବ ଗୋଷ୍ଠୀରେ ଏକ ବିଦ୍ରୋହର ଆରମ୍ଭ କି? ଶିବସେନା (ୟୁବିଟି) ର ରତ୍ନଗିରି ଜିଲ୍ଲାର ପୂର୍ବତନ ବିଧାୟକ ରାଜନ ସାଲଭିଙ୍କୁ ଉଦ୍ଧବ ଠାକରେଙ୍କ ଜଣେ ଦୃଢ ସମର୍ଥକ ଭାବରେ ବିବେଚନା କରାଯାଉଥିଲା। ସେ ଉଦ୍ଧବଙ୍କର ଜଣେ ବିଶ୍ୱସ୍ତ ନେତା ଭାବରେ ଜଣାଶୁଣା। ରାଜନ ସାଲଭି ଗୁରୁବାର (ଫେବୃଆରୀ ୧୩) ଏକନାଥ ସିନ୍ଦେଙ୍କ ଉପସ୍ଥିତିରେ ଶିବସେନାରେ ଯୋଗଦେବେ। ସାଲଭି



ଦୀର୍ଘ ବର୍ଷ ଧରି ରତ୍ନଗିରି ଜିଲ୍ଲାର ଜଣେ ବିଧାୟକ ଭାବରେ ଶିବସେନାରୁ ପ୍ରତିନିଧିତ୍ୱ କରିଥିଲେ। ୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ରାଜନ ସାଲଭି ହାରି ଯାଇଥିଲେ। ୨୦୨୪ ବିଧାନସଭା ନିର୍ବାଚନରେ ରାଜନ ସାଲଭି ଏକନାଥ ସିନ୍ଦେ ଦଳର ନେତା କିରଣ ସାମନ୍ତଙ୍କଠାରୁ ପରାସ୍ତ ହୋଇଥିଲେ। ଅନ୍ୟପକ୍ଷରେ କିରଣ ସାମନ୍ତ ରାଜନ ସାଲଭିଙ୍କ ଦଳରେ ଯୋଗଦାନକୁ ନେଇ ଖପ୍ପା ଅଛନ୍ତି। କିରଣ ସାମନ୍ତ ହେଉଛନ୍ତି ମନ୍ତ୍ରୀ ଉଦୟ ସାମନ୍ତଙ୍କ ଭାଇ। ମହାରାଷ୍ଟ୍ରରେ ଅପରେସନ୍ ଟାଇଗର ଆଲୋଚନା ମଧ୍ୟରେ ସାଲଭିଙ୍କ ଇସ୍ତଫା ରାଜ୍ୟରେ ରାଜନୈତିକ ଅସ୍ଥିରତାକୁ ଆହୁରି ତୀବ୍ର କରିଛି। ଏକନାଥ ସିନ୍ଦେ ଦଳର ଶିବସେନା ଗତ କିଛି ଦିନ ହେବ ଉଦ୍ଧବଙ୍କ ଦଳର ୬ ଜଣ ସାଂସଦ ଏବଂ ବିଧାୟକଙ୍କ ସହ ଯୋଗାଯୋଗରେ ଥିବାର ଦାବି କରିଆସୁଛି।

### କିଛି ବାଟ ଯାଇଥିଲେ ଘରକୁ ପହଞ୍ଚିତାନ୍ତେ

## ସଡ଼କ ଦୁର୍ଘଟଣାରେ ଯୁବକଙ୍କ ଗଲା ଜୀବନ

**ରାଜସ୍ଥାନ, ୧୨।୨:** ଦୀର୍ଘ ୮ମାସ ପରେ ସାଉଦି ଆରବରୁ ଘରକୁ ବେଳେ ସଡ଼କ ଦୁର୍ଘଟଣାରେ ପୁଅର ମୃତ୍ୟୁ ହେବା ଖବର ପାଇବା ପରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ଝୁନଝୁନୁ ଜିଲ୍ଲାର ମଣ୍ଡାୱା ଥାନା ଅଞ୍ଚଳର ଡାକାର ବସ୍ ଷ୍ଟାଣ୍ଡ ନିକଟରେ ଏକ ଡିଜାୟାର ଟ୍ୟାକ୍ସି ଏବଂ ଏକ ପିକଅପ ଭ୍ୟାନ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ସିକର ଜିଲ୍ଲାର ବେରି (ଭଜନଗଡ଼) ନିବାସୀ ଓମ ପ୍ରକାଶ ଜାଙ୍ଗିଡ଼ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ଓମପ୍ରକାଶ ଗତ ୨୦ ବର୍ଷ ଧରି ସାଉଦି ଆରବରେ ବଢ଼େଇ ଭାବରେ କାମ କରି ଆସୁଥିଲେ। ଦୀର୍ଘ ଆଠମାସ ପରେ ଅନେକ ଅଶା ନେଇ ଓ ଖୁସିର ସହ ସେ ନିଜ ଘରକୁ ଫେରୁଥିଲେ।

ଦୁର୍ଘଟଣାରେ ଓମ ପ୍ରକାଶଙ୍କ ସହ ଯାତ୍ରା କରୁଥିବା ମହମ୍ମଦ ଉମ୍ମେଦ ଏବଂ ଟ୍ୟାକ୍ସି ଚାଳକ ଆହତ ହୋଇଛନ୍ତି। ସେହିପରି ଜଣେ ବାଇକ୍ ଆରୋହୀ ମଧ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଆହତଙ୍କୁ ମାଣ୍ଡୱା କମ୍ୟୁନିଟି ହେଲ୍ଥ ସେଣ୍ଟରରେ ଭର୍ତ୍ତି କରାଯାଇଥିଲା। ଯେଉଁଠାରେ ଡାକ୍ତର ଓମ ପ୍ରକାଶଙ୍କୁ ମୃତ ଘୋଷଣା କରିଥିଲେ। ଓମପ୍ରକାଶ ଜାଙ୍ଗିଡ଼ ଗତ ୨୦ ବର୍ଷ ଧରି ସାଉଦି ଆରବରେ କାମ କରୁଥିଲେ ଏବଂ ୨୦୨୪ ମଇ ମାସରେ ଛୁଟିରେ ଭାରତ ଆସିଥିଲେ। ୨୦୨୪ ଜୁନ ମାସରେ ସେ ସାଉଦି ଆରବ ଫେରି ଯାଇଥିଲେ ଏବଂ ପ୍ରାୟ ୮ ମାସ ପରେ ଏବେ ସେ ଘରକୁ ଫେରୁଥିଲେ।

## ପତ୍ନୀଙ୍କ ଅନୁମତି ବିନା ଅପ୍ରାକୃତିକ ଯୌନକ୍ରିୟା ଅପରାଧ ନୁହେଁ

### ଛତିଶଗଡ଼ ହାଇକୋର୍ଟଙ୍କ ରାୟ

**ରାୟପୁର, ୧୨।୨:** ପ୍ରାପ୍ତ ବୟସ୍କ ପତ୍ନୀଙ୍କ ସହ ଅପ୍ରାକୃତିକ ଯୌନକ୍ରିୟା ଦଣ୍ଡଯୋଗ୍ୟ ନୁହେଁ। ଏକ ମାମଲାର ତଦନ୍ତ କରି ଏପରି ଏକ ରାୟ ଶୁଣାଇଛନ୍ତି ଛତିଶଗଡ଼ ହାଇକୋର୍ଟ। ଜଣେ ପୁରୁଷଙ୍କ ପତ୍ନୀ ଅପ୍ରାକୃତିକ ଯୌନକ୍ରିୟା ପରେ ହସ୍ପିଟାଲରେ ମୃତ୍ୟୁବରଣ କରିବା ପରେ ମାମଲା ଅଦାଲତକୁ ଯାଇଥିଲା। ଭାରତରେ ଆଇନ ଅନୁଯାୟୀ ବୈବାହିକ ଦୁଷ୍କର୍ମ ଏକ ଦଣ୍ଡନୀୟ ଅପରାଧ ନୁହେଁ। ତେବେ ହାଇକୋର୍ଟ ଏଥରର ରାୟରେ ଅପ୍ରାକୃତିକ ଯୌନକ୍ରିୟାକୁ ମଧ୍ୟ ଦଣ୍ଡ ପରିସରରୁ ବାହାର କରିଦେଇଛନ୍ତି। ଅପ୍ରାକୃତିକ ଯୌନକ୍ରିୟା ଏବଂ ହତ୍ୟା ଅଭିଯୋଗରେ ଅଭିଯୁକ୍ତଙ୍କୁ ଟ୍ରାଏଲ୍ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ କରିଥିଲେ ବି ହାଇକୋର୍ଟରୁ ତାଙ୍କୁ ଆଶ୍ୱସ୍ତି ମିଳିଛି। କୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ ପତ୍ନୀଙ୍କ ବୟସ ଯଦି ୧୫ ବର୍ଷରୁ ଅଧିକ ବୟସର ହୋଇଥାଏ, ତେବେ ସ୍ୱାମୀଙ୍କ ଦ୍ୱାରା ଯେକୌଣସି ପ୍ରକାରର ଯୌନ ସମ୍ପର୍କ କିମ୍ବା ଯୌନକ୍ରିୟାକୁ ବଳାତ୍କାର ବୋଲି କୁହାଯାଇପାରିବ ନାହିଁ। ତେଣୁ



ଆବେଦନକାରୀଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ ବା ଆଇପିସିର ଧାରା ୩୭୬ ଏବଂ ୩୭୭ ଅନୁଯାୟୀ ଅପରାଧ ମାମଲା ରୁଜୁ କରାଯାଇ ପାରିବ ନାହିଁ। ପୂର୍ବରୁ ସୁପ୍ରିମକୋର୍ଟ ବୈବାହିକ ଦୁଷ୍କର୍ମକୁ ଅପରାଧୀକରଣ କରିବା ପାଇଁ ଅନେକ ଆବେଦନର ଶୁଣାଣି କରୁଥିଲେ। କିନ୍ତୁ ଖଣ୍ଡପୀଠର ନେତୃତ୍ୱ ନେଉଥିବା ଭାରତର ତତ୍କାଳୀନ ମୁଖ୍ୟ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଅବସର ନେବାକୁ ଯାଉଥିବାରୁ ଶୁଣାଣି ସ୍ଥଗିତ ରଖାଯାଇଥିଲା। ଏକ ନୂତନ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ ବୋଲି ଆଶା କରାଯାଉଛି।

## ପ୍ରଧାନମନ୍ତ୍ରୀଙ୍କ ବିମାନ ଉପରେ ଆତଙ୍କୀ ଆକ୍ରମଣ ଧମକ, ୧ ଗିରଫ

**ନୂଆଦିଲ୍ଲୀ, ୧୨।୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମାନକୁ ଉଡ଼ାଇବାକୁ ଧମକ ଦେଇଥିବା ବ୍ୟକ୍ତିକୁ ମୁମ୍ବାଇର ଗିରଫ କରିଛି ପୋଲିସ। ଗିରଫ ହୋଇଥିବା ବ୍ୟକ୍ତି ଜଣକ ମାନସିକ ଭାବେ ବିକାରଗ୍ରସ୍ତ ରହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏବେ ଫ୍ରାନ୍ସ ଗସ୍ତରେ ରହିଛନ୍ତି। ଏହାପରେ ଆମେରିକା ଗସ୍ତ କରିବେ। ତେବେ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ପଦ ସମ୍ଭାଳିବା ପରେ ମୋଦିଙ୍କ ପ୍ରଥମ ଆମେରିକା ଯାତ୍ରା। ମୁମ୍ବାଇ ପୋଲିସ ଚେମ୍ବୁର ଅଞ୍ଚଳରୁ ଜଣେ ବ୍ୟକ୍ତିକୁ ଗିରଫ କରିଥିଲା। ବ୍ୟକ୍ତି ଜଣକ ୧୧ ଫେବୃଆରୀରରେ ମୁମ୍ବାଇ ପୋଲିସର କଣ୍ଟ୍ରୋଲ ରୁମକୁ ଏକ କଲ୍ ଆସିଥିଲା। ଆତଙ୍କବାଦୀ ପିଏମ ମୋଦିଙ୍କ ବିମାନ ଉପରେ ଆକ୍ରମଣ କରିପାରନ୍ତି, କାହିଁକି ନା ଅଫିସିଆଲ ଯାତ୍ରାରେ ବିଦେଶ ଯାଉଛନ୍ତି। ତେବେ ସୂଚନାକୁ ଗମ୍ଭୀରତାର ସହିତ ନେଇ ପୋଲିସ ଯାଞ୍ଚ ଆରମ୍ଭ କରିଥିଲା। ଗିରଫ ହୋଇଥିବ ବ୍ୟକ୍ତି ଜଣକ ମାନସିକ ସନ୍ତୁଳନ ଠିକ୍ ନାହିଁ ବୋଲି ପୋଲିସ କହିଛି। ତେବେ ଏହା ପ୍ରଥମ ଥର ପାଇଁ ନୁହେଁ, ପୂର୍ବରରୁ ମୁମ୍ବାଇ ପୋଲିସକୁ ଏଭଳି ଧମକ ମିଳିସାରିଛି। ଗତବର୍ଷ ଡିସେମ୍ବରରେ ଟ୍ରାଫିକ ପୋଲିସ ହେଲପଲାଇନକୁ ଏକ ଧମକପୂର୍ଣ୍ଣ ବାର୍ତ୍ତା ଆସିଥିଲା। ଏହାଛଡା ଭିନ୍ନ ଏକ ଘଟଣାରେ ୩୪ ବର୍ଷୀୟ କାନ୍ଦିବଲୀ ନିବାସୀ ଶୀତଲ ଚୌହ୍ୱାନଙ୍କୁ ଗିରଫ କରାଯାଇଥିଲା। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୦ ଫେବୃଆରୀରେ ପ୍ୟାରିସ ପହଞ୍ଚି ରାଷ୍ଟ୍ରପତିଙ୍କ ସହିତ ଏଲିସ ପ୍ୟାଲେସର ଡିନର କରିଛନ୍ତି।

# ଖୁବ୍‌ଶୀଘ୍ର ପୃଥିବୀକୁ ଫେରିବେ ସୁନିତା ୱିଲିୟମ୍ସ

### ଦୀର୍ଘ ୮ ମାସ ଧରି ସ୍ପେସ୍ ଷ୍ଟେସନରେ ଫସିଛନ୍ତି

**ୱାଶିଂଟନ, ୧୨।୨:** ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହାକାଶଚାରୀ ସୁନିତା ୱିଲିୟମ୍ସ ଖୁବ୍ ଶୀଘ୍ର ପୃଥିବୀ ପୃଷ୍ଠକୁ ଫେରିବେ। ଆମେରିକୀୟ ସ୍ପେସ୍ ଏଜେନ୍ସି 'ନାସା' ଏହି ସୂଚନା ଦେଇଛି। ସୁନିତା ୱିଲିୟମ୍ସ ଓ ବୁଚ୍ ୱିଲମୋର ଗତବର୍ଷ ଜୁନରୁ ବୋଇଂ ଷ୍ଟାରଲାଇନରରେ ଯାନ୍ତ୍ରିକ ସମସ୍ୟା ଯୋଗୁ ମହାକାଶରେ ଫସି ରହିଛନ୍ତି। ମଙ୍ଗଳବାର ନାସା କହିଛି ଯେ ମାର୍ଚ୍ଚ ମଧ୍ୟଭାଗରେ ସେମାନଙ୍କୁ ଫେରାଇ ଅଣାଯିବ। ଉଭୟ ମହାକାଶଚାରୀ ଗତ ୮ ମାସ ଧରି ମହାକାଶ ଷ୍ଟେସନରେ ଫସି ରହିଛନ୍ତି। ଏହା ପୂର୍ବରୁ ମହାକାଶଚାରୀଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ମାର୍ଚ୍ଚ ଶେଷ କିମ୍ବା ଏପ୍ରିଲ୍ ସମୟ ଧାର୍ଯ୍ୟ କରାଯାଇଥିଲା। ସେମାନଙ୍କୁ ଏକ ସ୍ପେସ୍‌ଏକ୍ସ କ୍ୟାପସୁଲରେ ଭୂପୃଷ୍ଠକୁ ଫେରାଇ ଅଣାଯିବ।

ସୁନିତା ୱିଲିୟମ୍ସ ଗତ ବର୍ଷ ଜୁନ୍ ୫ରେ ବୁଚ୍ ୱିଲମୋରଙ୍କ ସହ ଆଇଏସଏସରେ ପହଞ୍ଚିଥିଲେ। ତାଙ୍କୁ ଏକ ସପ୍ତାହ ପରେ ଫେରିବାର ଥିଲା। ଦୁହେଁ ବୋଇଂର ନୂତନ ଷ୍ଟାରଲାଇନର୍ କ୍ୟାପସୁଲ୍ ଟେଷ୍ଟ ପାଇଁ ଯାଇଥିଲେ। କିନ୍ତୁ ଏଥିରେ ତ୍ରୁଟି ଦେଖାଦେବା ପରେ ସେମାନେ ଆଇଏସଏସରେ ହିଁ ଫସି ଯାଇଥିଲେ। ଏବେ ସେହିଠାରେ ହିଁ ସେମାନେ ଫସି ରହିଛନ୍ତି। ପୂର୍ବରୁ ନାସା ଚଳିତ ଫେବୃୟାରୀରେ ସୁନୀତା ଓ ବୁଚ୍ ୱିଲମୋରଙ୍କୁ ଏଲନ୍ ମସ୍କଙ୍କ କମ୍ପାନୀ ସ୍ପେସ୍‌ଏକ୍ସର ଡ୍ରାଗନ୍ ମହାକାଶଯାନ ମାଧ୍ୟମରେ ଫେରାଇ ଆଣିବା ବିଷୟରେ ସୂଚନା ଦେଇଥିଲା। କିନ୍ତୁ ଏହା ହୋଇପାରି ନାହିଁ।



ନାସା ଅନୁସାରେ, ଏହା ପୂର୍ବ ଘୋଷଣାଠାରୁ କିଛି ସପ୍ତାହ ପୂର୍ବରୁ ସୁନିତା ୱିଲିୟମ୍ସ ଓ ବୁଚ୍ ୱିଲମୋରଙ୍କୁ ଫେରାଇ ଆଣିବ। ସ୍ପେସ୍‌ଏକ୍ସ ଆଗାମୀ ମହାକାଶଚାରୀ ଉଡ଼ାଣ ପାଇଁ କ୍ୟାପସୁଲ ପରିବର୍ତ୍ତନ କରିବ, ଯାହା ଦ୍ୱାରା ସୁନିତା ୱିଲିୟମ୍ସ ଓ ବୁଚ୍ ୱିଲମୋରଙ୍କୁ ମାର୍ଚ୍ଚ ମଧ୍ୟଭାଗରେ ପୃଥିବୀକୁ ଫେରାଇ ଅଣାଯିବ। ମିଶନ ପ୍ରସ୍ତୁତି ଏବଂ ଏଜେନ୍ସିର ଉଡ଼ାଣ ପ୍ରସ୍ତୁତି ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଏଜେନ୍ସିର କ୍ରୁ-୧୦ ଉତକ୍ଷେପଣକୁ ମାର୍ଚ୍ଚ ୧୨ ତାରିଖକୁ ଲକ୍ଷ୍ୟ ରଖାଯାଇଛି। କ୍ରୁ-୧୦ ମିଶନ୍ ନାସାର ମହାକାଶଚାରୀ ଏନି ମ୍ୟାକକ୍ଲେନ୍ ଓ ନିକୋଲ୍ ଆୟର୍ସ, ଜାପାନ ଏରୋସ୍ପେସ୍ ଏକ୍ସପ୍ଲୋରେସନ୍ ଏଜେନ୍ସିର ମହାକାଶଚାରୀ ଟାକୁୟା ଓନିଶି ଏବଂ ରୋସ୍କୋସମସ୍ ମହାକାଶଚାରୀ କିରିଲ୍ ପେସ୍କୋଭଙ୍କୁ ମହାକାଶ ଷ୍ଟେସନକୁ ନେଇଯିବ।

### ଅନ୍ତିମ ଦିନିକିଆରେ ଚମକିଲେ ଶୁବମାନ, ଇଂଲଣ୍ଡ ୧୪୨ ରନ୍‌ରେ ପରାସ୍ତ

# ସିରିଜ୍ କ୍ଲିନ୍‌ସୁଇପ୍ କଲା ଟିମ୍ ଇଣ୍ଡିଆ




**ଅହମ୍ମଦାବାଦ,୧୨।୨:** ଚଳିତ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌କୁ ଘରୋଇ ଟିମ୍ ଇଣ୍ଡିଆ ୩-୦ରେ କ୍ଲିନ୍‌ସୁଇପ୍ କରିନେଇଛି। ଦଳ ଗତ ୯ ତାରିଖରେ କଟକର ବାରବାଟୀ ଷ୍ଟାଡିୟମ୍‌ରେ ସିରିଜ୍ ୨-୦ରେ ଜିତିବା ପରେ ଆଜି ଏଠାରେ ଖେଳାଯାଇଥିବା ତୃତୀୟ ମ୍ୟାଚ୍‌ରେ ଇଂଲଣ୍ଡକୁ ବୃହତ୍ ୧୪୨ ରନ୍‌ରେ ପରାସ୍ତ କରି ଏକପାଖିଆ ବିଜୟ ହାସଲ କରିଛି। ଓପନର ଶୁବମାନ ଗିଲ୍ ତାଙ୍କ ଦିନିକିଆ କ୍ୟାରିଅର୍‌ର ସପ୍ତମ ଶତକୀୟ ଇନିଂସ ଖେଳିବା ସହ ଉଭୟ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଓ ପ୍ଲେୟର୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଛନ୍ତି। ପ୍ରଥମେ ବ୍ୟାଟିଂ ପାଇ ଭାରତ ନିର୍ଦ୍ଧାରିତ ୫୦ ଓଭର୍‌ରେ ୩୫୬ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଉପଅଧିନାୟକ ଶୁବମାନ ୧୦୨ ବଲ୍ ଖେଳି ୧୪ଟି ଚୌକା ଓ ୩ଟି ଛକା ଜରିଆରେ ୧୧୨ ରନ୍ କରିଥିଲେ। ଏହାଛଡ଼ା ବିରାଟ କୋହଲି ୭ଟି ଚୌକା ଓ ଗୋଟିଏ ଛକା ସହ ୫୨ ରନ୍ କରିବା ସହ ଶୁବମାନଙ୍କ ସାଥୀରେ ଦ୍ୱିତୀୟ ୱିକେଟ୍ ପାଇଁ ୧୧୬ ରନ୍‌ର ବଳିଷ୍ଠ ଭାଗୀଦାରୀ କରିଥିଲେ। ଏହାଛଡ଼ା ଶ୍ରେୟସ୍ ଆୟର୍ ୮ଟି ଚୌକା ଓ ୨ଟି ଛକା ସହ ୭୮, ଲୋକେଶ ରାହୁଲ୍ ୩ଟି ଚୌକା ଓ ଗୋଟିଏ ଛକା ସହ ୪୦ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଆଦିଲ୍ ରଶିଦ୍ ୪ଟି, ମାର୍କ ଉଡ୍ ୨ଟି ଏବଂ ସାକିବ୍ ମାହମୁଦ୍, ଗସ୍ ଆଟକିନ୍‌ସନ୍ ଓ ଜୋ ରୁଟ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ବ୍ୟାଟିଂରେ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇବା ଫଳରେ ଦଳ ପାଇଁ ଭାରତର ବଡ଼ ଟାର୍ଗେଟ୍‌ର ନିକଟତର ହେବା ବି ସମ୍ଭବପର ହୋଇପାରି ନଥିଲା। ଦଳର ଅଧିକାଂଶ ବ୍ୟାଟ୍ସମ୍ୟାନ୍ ଭଲ ଷ୍ଟାର୍ଟ ପାଇଥିଲେ ହେଁ ବଡ଼ ସ୍କୋର୍‌ରେ ଏହାକୁ ପରିବର୍ତ୍ତିତ କରିପାରିନଥିଲେ। ସେମାନଙ୍କ ମଧ୍ୟରୁ ଟମ୍ ବାଣ୍ଟନ୍ ଓ ଆଟକିନ୍‌ସନ୍ ୩୮ ରନ୍ ଲେଖାଏଁ କରିଥିଲେ। ଆଟକିନ୍‌ସନ୍ ମାତ୍ର ୧୯ ବଲ୍‌ରେ ୬ଟି ଚୌକା ଓ ଗୋଟିଏ ଛକା ଲଗାଇଥିବା ବେଳେ ବାଣ୍ଟନ୍ ୪ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଏହାଛଡ଼ା ଓପନର୍ ବେନ୍ ଡକେଟ୍ ୩୪, ରୁଟ୍ ୨୪, ଅନ୍ୟତମ ଓପନର ଫିଲ୍ ସଲ୍ଟ ୨୩ ରନ୍ କରିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ, ହର୍ଷିତ ରାଣା, ଅକ୍ଷର ପଟେଲ୍ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଲେଖାଏଁ ଏବଂ ୱାଶିଂଟନ୍ ସୁନ୍ଦର ଓ କୁଲଦୀପ ଯାଦବ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

### ବିସିସିଆଇର ବଡ଼ ଘୋଷଣା

# ଚାମ୍ପିଅନ୍ସ ଟ୍ରଫିରେ ଖେଳିପାରିବେନି ବୁମ୍‌ରା



**ନୂଆଦିଲ୍ଲୀ,୧୨।୨:** ୨୦୨୫ ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଟିମ ଇଣ୍ଡିଆକୁ ଲାଗିଛି ବଡ଼ ଝଟ୍‌କା। ଟିମ ଇଣ୍ଡିଆର ଷ୍ଟାର ଫାଷ୍ଟ ବୋଲର ଜସପ୍ରିତ ବୁମରାହ ଏହି ଟୁର୍ନାମେଣ୍ଟରେ ଖେଳିପାରିବେ କି ନାହିଁ ସେନେଇ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି। ଅଷ୍ଟ୍ରେଲିଆ ଗସ୍ତର ଶେଷ ମ୍ୟାଚ୍ ସମୟରେ ସପ୍ରିତ ବୁମରା ଆହତ ହୋଇଥିଲେ, ଯାହା ପରେ ତାଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦିଆଯାଇଥିଲା। ସେହି ସମୟରେ, ବୁମରାହ ସମ୍ପ୍ରତି ତାଙ୍କ ପିଠି ସ୍କାନ କରିବା ପାଇଁ ବେଙ୍ଗାଲୁରୁର ବିସିସିଆଇ ସେଣ୍ଟର ଅଫ ଏକ୍ସେଲେନ୍ସ ଯାଇଥିଲେ। ହେଲେ ଏବେ ସେ ଚାମ୍ପିଅନ୍ସ ଟ୍ରଫି ଖେଳିପାରିବେ ନାହିଁ ବୋଲି ବିସିସିଆଇ ସ୍ପଷ୍ଟ କରିଛି।

ଏକ ରିପୋର୍ଟ ଅନୁଯାୟୀ, ଜସପ୍ରିତ ବୁମରା ଏପର୍ଯ୍ୟନ୍ତ ତାଙ୍କ ପିଠି ଆଘାତରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି। ଏଣୁ ସେ ୨୦୨୫ ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିଛନ୍ତି। ଯଦିଓ ବେଙ୍ଗାଲୁରୁରେ ବୁମ୍‌ରାଙ୍କ ସ୍କାନରେ କିଛି ଅସ୍ୱାଭାବିକ ମିଳିନାହିଁ, ତଥାପି ସେ ବୋଲିଂ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ନୁହନ୍ତି। ସମ୍ଭବତଃ ସେ କିଛି ସପ୍ତାହ ମଧ୍ୟରେ ଦୌଡ଼ିବା ଆରମ୍ଭ କରିବେ। ତା'ପରେ ଧୀରେ ଧୀରେ ବୋଲିଂ ଆରମ୍ଭ କରିବେ। ସେପର୍ଯ୍ୟନ୍ତ ବିସିସିଆଇ ଡାକ୍ତରୀ ଦଳ ତାଙ୍କ ଫିଟ୍‌ନେସ୍ ଉପରେ ନଜର ରଖିବେ।

ସୂଚନାନୁଯାୟୀ, ଜାନୁଆରୀ ୧୮ ତାରିଖରେ ଘୋଷିତ ଚାମ୍ପିଅନ୍ସ ଟ୍ରଫି ପାଇଁ ୧୫ ଜଣିଆ ଦଳରେ ବୁମରାଙ୍କୁ ସାମିଲ କରାଯାଇଥିଲା। କିନ୍ତୁ ଏବେ ବିସିସିଆଇକୁ ଟିମ ଇଣ୍ଡିଆରେ ପରିବର୍ତ୍ତନ କରିବାକୁ ପଡିଛି। ବୁମରାହଙ୍କ ସ୍ଥାନରେ ହର୍ଷିତ ରାଣାଙ୍କୁ ସାମିଲ କରାଯାଇଛି, ଯାହାକୁ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜରେ ବୁମରାହଙ୍କ ବ୍ୟାକଅପ୍ ଭାବରେ ସାମିଲ କରାଯାଇଥିଲା। ଏହି ସିରିଜରେ ହର୍ଷିତ ରାଣା ମଧ ତାଙ୍କର ଏକଦିବସୀୟ ଡେବ୍ୟୁ କରିଥିଲେ।

**ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁଭମନ ଗିଲ (ଉପ-ଅଧିନାୟକ), ବିରାଟ କୋହଲି, ଶ୍ରେୟସ ଆୟର, କେଏଲ ରାହୁଲ (ଉଇକେଟକିପର), ରିଷଭ ପନ୍ତ (ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ହର୍ଷିତ ରାଣା, ମହମ୍ମଦ ଶାମି, ଅର୍ଶଦୀପ ସିଂହ, ରବିନ୍ଦ୍ର ଜାଡେଜା, ବରୁଣ ଚକ୍ରବର୍ତ୍ତୀ।

# ଓଡ଼ିଶା ପ୍ରାୟୋଜକ, ଜାତୀୟ ରଗ୍‌ବିରେ ଖେଳୁନି ରାଜ୍ୟ ଦଳ

**ଭୁବନେଶ୍ୱର, ୧୨।୨:** ଓଡ଼ିଶା ସରକାର ରଗ୍‌ବି ଇଣ୍ଡିଆର ପ୍ରାୟୋଜକ ଅଛନ୍ତି। ଏଥିଲାଗି ବାର୍ଷିକ ସାଢ଼େ ପ୍ରାୟ ଚାରି କୋଟି ଟଙ୍କା ଖର୍ଚ୍ଚ ବି କରୁଛନ୍ତି। ହେଲେ ଜାତୀୟ ରଗ୍‌ବି ପ୍ରତିଯୋଗିତାରେ ରାଜ୍ୟ ଦଳ ଖେଳୁନି। ଏଭଳି ଅଭାବନୀୟ ଉଦାହରଣ ଦେଖିବାକୁ ମିଳିଛି ମଧ୍ୟପ୍ରଦେଶର ଗ୍ୱାଲିୟର୍‌ରେ ଆରମ୍ଭ ହୋଇଥିବା ଜାତୀୟ ୧୫ବର୍ଷରୁ କମ୍ ରଗ୍‌ବି ସେଭେନ୍ସ ପ୍ରତିଯୋଗିତାରେ। ପ୍ରତିଯୋଗିତା ଖେଳାଯାଉଥିବା ଲକ୍ଷ୍ମୀବାଈ ଜାତୀୟ ଶାରୀରିକ ଶିକ୍ଷା ପ୍ରତିଷ୍ଠାନ ଷ୍ଟାଡିୟମ୍ ସୀମାରେଖାରେ ଓଡ଼ିଶା ପ୍ରାୟୋଜକ ଥିବାର ବୋର୍ଡ ଲାଗିଛି। ହେଲେ ଦୁଃଖର କଥା ଯେ ଏହି ପ୍ରତିଯୋଗିତାର ଉଭୟ ବାଳକ ଓ ବାଳିକା ବର୍ଗରେ ଓଡ଼ିଶା ଦଳ ସାମିଲ ନାହିଁ। ରାଜ୍ୟ କ୍ରୀଡ଼ା ବିଭାଗ ଯେତେବେଳେ କ୍ରୀଡ଼ା ବିକାଶ ପାଇଁ ସାରା ରାଜ୍ୟର ୩୧୪ ବ୍ଲକ୍‌ରେ ଷ୍ଟାଡିୟମ୍ ନିର୍ମାଣ କରିବାକୁ ଘୋଷଣା କରିଛନ୍ତି, ସେତେବେଳେ ନିଜେ ପ୍ରାୟୋଜକ ଥିବା ଏକ ଜାତୀୟ ଓପନ୍ ପ୍ରତିଯୋଗିତାରେ ଓଡ଼ିଶା ଦଳ ନଖେଳିବା କ୍ରୀଡ଼ା ବିକାଶ ଲାଗି ସରକାରଙ୍କର ସତରେ କେତେ ଆନ୍ତରିକତା ଅଛି, ତାହାର ମୁଖା ଖୋଲି ଦେଇଛି। ପୁଣି ରାଜ୍ୟରେ ରଗ୍‌ବି ପରିଚାଳନା ଦାୟିତ୍ୱରେ ଥିବା ଓଡ଼ିଶା ରଗ୍‌ବି ଫୁଟ୍‌ବଲ୍ ସଂଘ ଏହି ଖେଳର ବିକାଶ ଲାଗି କେତେ ଯତ୍ନବାନ, ତାହା ମଧ ସ୍ପଷ୍ଟ ବାରି ହେଉଛି। ସଂପ୍ରତି କୌଣସି ନା କୌଣସି କାରଣରୁ ସରକାର ଏବଂ ବିଭିନ୍ନ କ୍ରୀଡ଼ା ସଂଘ ମଧରେ ଯେ ସମନ୍ୱୟର ଘୋର ଅଭାବ ସୃଷ୍ଟି ହୋଇଛି, ତାହା ମଧ ଜଳଜଳ ଦେଖାଯାଉଛି।

ଜାତୀୟ ୧୫ବର୍ଷରୁ କମ୍ ରଗ୍‌ବି ପ୍ରତିଯୋଗିତାର ଉଭୟ ବାଳକ ଓ ବାଳିକା ବର୍ଗରେ ୨୧ଟି ଲେଖାଏଁ




ଦଳ ଅଂଶଗ୍ରହଣ କରୁଛନ୍ତି। ଏଥିରେ ବିହାର, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ, ଜାମ୍ମୁ କାଶ୍ମୀର ଭଳି ଦଳ ଅଂଶଗ୍ରହଣ କରୁଥିଲା ବେଳେ ଜାତୀୟ ରଗ୍‌ବିରେ ସବୁବେଳେ ଭଲ କରି ଆସୁଥିବା ଓଡ଼ିଶା ଖେଳାଳିମାନେ ନିଜ ପ୍ରତିଭା ପ୍ରଦର୍ଶନରୁ ବଞ୍ଚିତ ହେବାକୁ ଯାଉଛନ୍ତି। ସୂଚନା ଅନୁସାରେ ଜାତୀୟ କ୍ରୀଡ଼ା ପାଇଁ ଭୁବନେଶ୍ୱରରେ ହୋଇଥିବା ପ୍ରଶିକ୍ଷଣ ଶିବିର ଅବସରରେ ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ ବଛା ହୋଇଥିଲା। ଦଳ ଗ୍ୱାଲିୟର୍ ପଠାଇବାର ଲାଗି ସବୁ ବ୍ୟବସ୍ଥା ମଧ ହୋଇଥିଲା। ରାଜ୍ୟ ସଂଘ ଏଥିଲାଗି ଆବଶ୍ୟକ ଅର୍ଥ ଯୋଗାଇବା ଲାଗି କ୍ରୀଡ଼ା ବିଭାଗକୁ ମଧ ଜଣାଇ ଥିଲା। କିନ୍ତୁ ଫାଇଲ୍ ଅଟକି ଯାଇଥିଲା। ଏହା ପରିବର୍ତ୍ତେ କ୍ରୀଡ଼ା ବିଭାଗ ପରବର୍ତ୍ତୀ ସମୟରେ ଆବଶ୍ୟକ ଅର୍ଥ ଭରଣା କରିବ ବୋଲି ଅଣଆନୁଷ୍ଠାନିକ ଭାବେ ସଂଘର କର୍ମକର୍ତ୍ତାଙ୍କୁ ଜଣାଇ ଦେଇଥିଲା। ରାଜ୍ୟ ସଂଘ ବି ବେପରୁଆ ଭାବେ ସମୟ ପୂର୍ବରୁ ଖେଳାଳିଙ୍କ ଟିକେଟ କରି ନଥିଲା। ଯାହା ଆଶ୍ଚର୍ଯ୍ୟର କଥା। କାରଣ କେବଳ ରାଜ୍ୟ ସଂଘ ନୁହେଁ, ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ରଗ୍‌ବି ଇଣ୍ଡିଆ ମଧ ଏକ ନିର୍ଦ୍ଦିଷ୍ଟ ଅଙ୍କର ଅନୁଦାନ ପ୍ରଦାନ କରିଥାଏ। ତଥାପି ରାଜ୍ୟ ସଂଘ, ରାଜ୍ୟ ସରକାର କିମ୍ବା ରଗ୍‌ବି ଇଣ୍ଡିଆ ସହ ସମନ୍ୱୟ ରକ୍ଷା କରି ଖେଳାଳିଙ୍କୁ ଗ୍ୱାଲିୟର୍ ପଠାଇବାକୁ କାହିଁକି ବ୍ୟବସ୍ଥା କରାନଗଲା, ତାହା କ୍ରୀଡ଼ାପ୍ରେମୀଙ୍କୁ ବିସ୍ମିତ କରିଛି। ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀମାନେ ମଧ ଏହି ବିଷୟକୁ ଆଦୌ ଗୁରୁତ୍ୱ ନଦେବା ପରିତାପର ବିଷୟ। ଯେଉଁଥି ପାଇଁ ଓଡ଼ିଶା ଖେଳାଳି ଏବେ ଜାତୀୟ ପ୍ରତିଯୋଗିତାରୁ ବଞ୍ଚିତ ହୋଇଛନ୍ତି। ଏଥର ଆମେ ଉଭୟ ବର୍ଗରେ ପଦକ ଜିତିବାର ଯଥେଷ୍ଟ ସମ୍ଭାବନା ଥିଲା। ହେଲେ ରାଜ୍ୟ ସଂଘ ଏବଂ ରାଜ୍ୟ ସରକାରଙ୍କ ବେପରୁଆ ନୀତି ଯୋଗୁ ଆମ ଖେଳାଳି ଏଭଳି ଏକ ଓପନ୍ ପ୍ରତିଯୋଗିତାରେ ଖେଳିବାରୁ ବଞ୍ଚିତ ହେବାକୁ ଯାଉଛନ୍ତି। ଛୋଟ ଛୋଟ ରାଜ୍ୟ ଦଳ ପଠାଉଥିଲା ବେଳେ ଓଡ଼ିଶା ରଗ୍‌ବି ଇଣ୍ଡିଆର ପ୍ରାୟୋଜକ ଥାଇ ମଧ ଓଡ଼ିଶା ଜାତୀୟ ପ୍ରତିଯୋଗିତାରେ ଖେଳି ନପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ କଥା। ଆଗରୁ ଓଡ଼ିଶାରେ ୧୮ଟି ଜିଲ୍ଲା ରଗ୍‌ବି ଖେଳୁଥିଲେ। ଏବେ ଏହା ୬ରେ ପହଞ୍ଚିଲାଣି। ୧୨ଟି ଜିଲ୍ଲା ଆଉ ରଗ୍‌ବି ଖେଳୁ ନାହାନ୍ତି। ଯାହା ଅତ୍ୟନ୍ତ ଦୁଃଖର ବିଷୟ।

ଏଥିନେଇ ଓଡ଼ିଶା ରଗ୍‌ବି ଫୁଟବଲ୍ ସଂଘର ସଂପାଦକ ଉପେନ୍ଦ୍ର ମହାନ୍ତି କହିଛନ୍ତି, ଆମେ ସବୁବର୍ଷ ଭଳି ଏବର୍ଷ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା କରି ଖେଳାଳି ବାଛିଥିଲୁ। କ୍ରୀଡ଼ା ବିଭାଗକୁ ଏହି ବିଷୟ ବି ଜଣାଇଥିଲୁ। କିନ୍ତୁ କୌଣସି କାରଣରୁ କଥା ଆଗେଇ ପାରି ନଥିଲା। ବିଭାଗ ସମ୍ଭବତଃ ଅନ୍ୟ କାମରେ ବ୍ୟସ୍ତ ରହିଲା। ଫଳରେ ଠିକଣା ସମୟରେ ରେଳ ଟିକେଟ୍ ହୋଇ ପାରି ନଥିଲା। ପରବର୍ତ୍ତୀ ସମୟରେ ଯେତେ ଚେଷ୍ଟା କଲେ ବି ଆଉ ଟିକେଟ୍ ମିଳି ନଥିଲା। ଏଣୁ ଦଳ ପଠାଇ ପାରିଲୁନି। କିନ୍ତୁ ଗୁଆହାଟୀରେ ହେବାକୁ ଥିବା ଜାତୀୟ କନିଷ୍ଠ ଏବଂ ବରିଷ୍ଠ ରଗ୍‌ବିକୁ ନିଶ୍ଚିତ ଭାବେ ଦଳ ପଠାଇବୁ। ଏଥିଲାଗି ଖୁବ୍‌ଶୀଘ୍ର ପ୍ରସ୍ତୁତି ଆରମ୍ଭ କରିବୁ। ଗତ ୨୦ବର୍ଷ ହେବ ଓଡ଼ିଶାରେ ରଗ୍‌ବିର ବିକାଶ ଲାଗି ସଂଘ ଲଢୁଛି। ହେଲେ ଆଜି ପର୍ଯ୍ୟନ୍ତ ଆମକୁ ପଡ଼ିଆଟିଏ ମିଳିଲାନି। ତାଛଡ଼ା ଛୋଟଛୋଟ ପିଲାଙ୍କୁ ଏତେବାଟ ଖେଳିବାକୁ ନେଇ ଯିବା ବହୁତ କଷ୍ଟକର। ପରୋକ୍ଷରେ ଶ୍ରୀ ମହାନ୍ତି କ୍ରୀଡ଼ା ବିଭାଗ ଉପରେ ହିଁ ଦୋଷ ଲଦିଛନ୍ତି।



# ପ୍ରଥମଶ୍ରେଣୀ କ୍ରିକେଟରୁ ଶେଲଡନଙ୍କ ଅବସର

**ନୂଆଦିଲ୍ଲୀ,୧୨।୨:** ସୌରାଷ୍ଟ୍ର ବ୍ୟାଟର ଶେଲଡନ ଜ୍ୟାକ୍‌ସନ ପ୍ରଫେସନାଲ କ୍ରିକେଟରୁ ଅବସର ନେଇଛନ୍ତି। ଫଳରେ ତାଙ୍କ ୧୫ ବର୍ଷ କ୍ୟାରିୟରର ଅନ୍ତ ଘଟିଛି। ଏଠାରେ ରଣଜୀ ଟ୍ରଫି କ୍ୱାର୍ଟରଫାଇନାଲରେ ଗୁଜରାଟର ପରାଜୟ ତାଙ୍କର ଶେଷ ମ୍ୟାଚ ଥିଲା। ୩୮ ବର୍ଷୀୟ ଜ୍ୟାକସନ ୧୦୫ ପ୍ରଥମଶ୍ରେଣୀ ମ୍ୟାଚ ଖେଳି ୭୨୦୦ ରନ ସଂଗ୍ରହ କରିଛନ୍ତି। ତାଙ୍କର ସର୍ବୋଚ୍ଚ ସ୍କୋର ୧୮୬ ରହିଥିବା ବେଳେ ସେ ୨୧ ଶତକ ଏବଂ ୩୯ ଅର୍ଦ୍ଧଶତକ ହାସଲ କରିପାରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ସେ ସ୍ଥିର ପ୍ରଦର୍ଶନ କରିଆସୁଥିଲେ। ୪୫ରୁ ଅଧିକ ଆଭରେଜ ସହ ତାଙ୍କ କ୍ୟାରିୟରର ଅବସାନ ଘଟିଛି। ସେ ତାଙ୍କ ଶେଷ ମ୍ୟାଚର ଦୁଇଟି ଇନିଂସରେ ୧୪ ଓ ୨୭ ସ୍କୋର କରିଥିଲେ, ଯେଉଁ ମ୍ୟାଚରେ କି ଗୁଜରାଟ ଏକ ଇନିଂସ ଓ ୯୮ ରନରେ ବିଜୟ ଲାଭ କରିଥିଲା। ୨୦୧୧ ଡିସେମ୍ବରରେ ସୌରାଷ୍ଟ୍ର ପାଇଁ ପଦାର୍ପଣ କରିଥିବା ଜ୍ୟାକ୍‌ସନ ଏକଦା ଆଇପିଏଲ୍ ଦଳ କୋଲକାତା ନାଇଟ ରାଇଡର୍ସର ଅଂଶବିଶେଷ ଥିଲେ।

### ବିସିସିଆଇ ନିଷ୍ପତ୍ତି

# ଚାମ୍ପିଅନ ଟ୍ରଫିରେ ଯଶସ୍ୱୀଙ୍କ ସ୍ଥାନରେ ବରୁଣ ଖେଳିବେ



**ନୂଆଦିଲ୍ଲୀ,୧୨।୨:** ଚାମ୍ପିଅନ ଟ୍ରଫି ୨୦୨୫ ପୂର୍ବରୁ ଟିମ ଇଣ୍ଡିଆ କିଛି ବଡ଼ ପରିବର୍ତ୍ତନ କରିଛି। ଜସପ୍ରିତ ବୁମ୍‌ରା ଆଘାତ ଯୋଗୁ ଟୁର୍ନାମେଣ୍ଟରୁ ବାହାର ହୋଇଯାଇଛନ୍ତି। ବୁମ୍‌ରାଙ୍କ ସହିତ ଯଶସ୍ୱୀ ଜୟସ୍ୱାଲଙ୍କ ଉପରେ ମଧ୍ୟ ବ୍ରେକ୍ ଲଗାଯାଇଛି। ଯଶସ୍ୱୀଙ୍କ ସ୍ଥାନରେ ସ୍ପିନ ବୋଲର ବରୁଣ ଚକ୍ରବର୍ତ୍ତୀଙ୍କୁ ସୁଯୋଗ ଦିଆଯାଇଛି। ଯଶସ୍ୱୀଙ୍କ ସହିତ ମହମ୍ମଦ ସିରାଜ ଏବଂ ଶିବମ ଦୁବେ ମଧ୍ୟ ଦଳ ସହିତ ଯିବେ ନାହିଁ। କିନ୍ତୁ ଆବଶ୍ୟକ ହେଲେ ସେମାନଙ୍କୁ ଡକାଯାଇପାରେ। ପ୍ରକୃତରେ ବିସିସିଆଇ ମଙ୍ଗଳବାର ରାତିରେ କହିଛି, ବୁମ୍‌ରାଙ୍କ ସ୍ଥାନରେ ହର୍ଷିତ ରାଣାଙ୍କୁ ଟିମ ଇଣ୍ଡିଆରେ ସ୍ଥାନ ମିଳିଛି। ସେହିପରି ଯଶସ୍ୱୀ ଜୟସ୍ୱାଲ ମଧ୍ୟ ଏବେ ଟିମ ଇଣ୍ଡିଆ ସହିତ ଯାଇପାରିବେ ନାହିଁ। ତାଙ୍କ ସ୍ଥାନରେ ବରୁଣଙ୍କୁ ସୁଯୋଗ ଦିଆଯାଇଛି। ଆବଶ୍ୟକ ହେଲେ ଯଶସ୍ୱୀ, ଦ୍ରୁତ ବୋଲର ସିରାଜ ଏବଂ ଅଲରାଉଣ୍ଡର ଶିବମ ଦୁବେଙ୍କୁ ଦୁବାଇ ପଠାଯାଇପାରେ। କିନ୍ତୁ ଏହି ତିନିଜଣ ଖେଳାଳି ମୁଖ୍ୟ ଦଳର ଅଂଶ ନୁହଁନ୍ତି। ସ୍ପିନର ବରୁଣ ଚକ୍ରବର୍ତ୍ତୀ ବହୁତ କମ ସମୟ ମଧ୍ୟରେ ଟିମ ଇଣ୍ଡିଆରେ ନିଜର ସ୍ଥାନ ସୁରକ୍ଷିତ କରିଥିଲେ। ସେ ତାଙ୍କ ପ୍ରଦର୍ଶନରେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ପରିଚାଳନା ଦଳକୁ ପ୍ରଭାବିତ କରିଛନ୍ତି। ବରୁଣ ଏ ପର୍ଯ୍ୟନ୍ତ ଭାରତ ପାଇଁ ୧୮ ଟି ଟି-୨୦ ମ୍ୟାଚ ଖେଳି ସାରିଛନ୍ତି। ଏହି ସମୟ ମଧ୍ୟରେ ସେ ୩୩ଟି ଉଇକେଟ୍ ନେଇଛନ୍ତି। ସେ ଗୋଟିଏ ଦିନିକିଆ ମ୍ୟାଚ ମଧ୍ୟ ଖେଳିଛନ୍ତି। ଏଥିରେ ମଧ୍ୟ ଗୋଟିଏ ଉଇକେଟ୍ ନେଇଛନ୍ତି। ଘରୋଇ କ୍ରିକେଟରେ ମଧ୍ୟ ବରୁଣଙ୍କର ଏକ ଭଲ ରେକର୍ଡ ଅଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅସନ୍ତୁଷ୍ଟଙ୍କୁ...

ସେମାନଙ୍କ ପକ୍ଷେ ସମ୍ଭବ ନୁହେଁ। ନିର୍ବାଚନ ପରେ ଗଲେ ସେଭଳି ଲାଭ ବି ନାହିଁ। ଏହାଛଡ଼ା ଅନେକ ବିଜେପି ଆଦର୍ଶରେ ନିଜକୁ ଖାପ ଖୁଆଇପାରିବେ ନାହିଁ ବୋଲି ମାଡ଼ିମକଚି ହୋଇ ବିଜେଡିରେ ରହିଛନ୍ତି। କାରଣ ଏକମାତ୍ର ବିକଳ୍ପ କଂଗ୍ରେସ କିଛିଦିନ ହେଲା ରାଜ୍ୟରେ ମୁରବୀବିହୀନ ହୋଇ ପଡ଼ିରହିଥିଲା। ଏବେ କଂଗ୍ରେସ ତାହାର ଦୁର୍ଗ ସମ୍ଭାଳିବାକୁ ଘୋଷଣା କରିଥିବାବେଳେ ନିଜର ପୁରୁଣା ଅନୁଗତ, ବନ୍ଧୁମାନଙ୍କୁ କଂଗ୍ରେସକୁ ଫେରାଇ ଅଣାଯିବ ବୋଲି ଭକ୍ତଙ୍କ ସମେତ ଅନ୍ୟ କଂଗ୍ରେସ ନେତାମାନେ ମଧ୍ୟ କହିଲେଣି। ତେଣୁ ଏଭଳି ସ୍ଥିତିରେ କଂଗ୍ରେସ ତାହାର ଦୁଆର ସମସ୍ତଙ୍କ ପାଇଁ ଖୋଲିଥିବା ବେଳେ କ୍ରୀତଦାସ ଓ ସନ୍ୟାସୀଙ୍କ ଅତ୍ୟାଚାରରେ ଆକ୍ରାମାକ୍ତା ହେଉଥିବା ଯୁବନେତାମାନେ ସେମାନଙ୍କ ଭବିଷ୍ୟତର ସୁରକ୍ଷା ପାଇଁ କଂଗ୍ରେସମୁହାଁ ହୋଇପାରନ୍ତି ବୋଲି ଏବେଠାରୁ ଆକଳନ କରାଗଲାଣି।

ଉଲ୍ଲେଖନୀୟ ଯେ ବିଜେଡିରେ ଥିବା ଅସନ୍ତୁଷ୍ଟ ଯୁବନେତା ବିଶେଷକରି ବିଜୁ ଲିଗାସୀଙ୍କ ପୁତ୍ରମାନେ କିଛିଦିନ ହେଲା ମେଳି ହେବାରେ ଲାଗିଛନ୍ତି। ରାଜ୍ୟ ଭିତରେ ଓ ବାହାରେ ଘନ ଘନ ବୈଠକ କରୁଛନ୍ତି। କୌଣସି ପ୍ରକାରେ ଏହି ଗୋଷ୍ଠୀ ସନ୍ୟାସୀଙ୍କ ହୁକୁମ ମାନିବାକୁ ରାଜି ନୁହନ୍ତି। ତେଣେ ପ୍ରସନ୍ନ ଆଚାର୍ଯ୍ୟ, ବଦ୍ରି ନାରାୟଣ ପାତ୍ର, ଭୂପିନ୍ଦର ସିଂହଙ୍କ ଭଳି ବରିଷ୍ଠ ନେତାମାନେ ସିଧାସଳଖ ଭାବେ ନିଜର ଅସନ୍ତୋଷ ପ୍ରକଟ କରୁଛନ୍ତି। ଆଉ କିଛି ନେତା ମଧ୍ୟ ଏମାନଙ୍କ ପଛରେ ଥିବା କୁହାଯାଉଛି। ତେଣୁ କଂଗ୍ରେସରୁ ବିଜେଡିକୁ ଯାଇଥିବା ଭୂପିନ୍ଦର ସିଂହଙ୍କ ସମେତ ଆଉ କିଛି ବରିଷ୍ଠ ନେତା ଯଦି ଭକ୍ତଙ୍କ ଡାକରାରେ କଂଗ୍ରେସକୁ ଆସନ୍ତି, ସେଥିରେ କେହି ଆଶ୍ଚର୍ଯ୍ୟ ହେବାର ନାହିଁ ବୋଲି ରାଜନୈତିକ ବିଶ୍ଲେଷକମାନେ ମତ ଦେଉଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଦାସ ଜଣେ ଦୃଢ଼ ସଂଗଠକ ହୋଇଥିବାବେଳେ ତାଙ୍କର ଦିଲ୍ଲୀ ଲବି ମଧ୍ୟ ବେଶ୍ ମଜବୁତ। ଏହାଛଡ଼ା ସବୁ ଗୋଷ୍ଠୀକୁ ନେଇ ସେ କାମ କରିବାର ଦକ୍ଷତା ରଖିଥିବା ବେଳେ ମାନସ ଚୌଧୁରୀଙ୍କ ଭଳି ଯୁବ ନେତୃତ୍ୱ ତାଙ୍କ ସହିତ ରହିଛନ୍ତି। ଭକ୍ତ ଦାୟିତ୍ୱ ନେବାର କିଛି ଘଣ୍ଟା ମଧ୍ୟରେ ମାନସଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରି ଦଳକୁ ପୁଣିଥରେ ଏକଜୁଟ କରିବାର ସଙ୍କେତ ଦେଇଛନ୍ତି। ମାନସ ବି କାମରେ ଲାଗିପଡ଼ିଲେଣି। ତେଣୁ ପ୍ରଦେଶ କଂଗ୍ରେସର ସଭାପତି ଭାବେ ଭକ୍ତଙ୍କ ନିଯୁକ୍ତି ରାଜ୍ୟ ରାଜନୀତିକୁ ନୂଆ ମୋଡ଼ ଦେବାକୁ ଯାଉଥିବାବେଳେ ବିଜେଡିରେ ସନ୍ୟାସୀ ଓ କ୍ରୀତଦାସଙ୍କ ଦ୍ୱାରା ନିର୍ଯାତିତ ଓ ପୀଡ଼ିତ ନେତାମାନଙ୍କ ଗତିବିଧି ଉପରେ ଏବେ ସମସ୍ତଙ୍କ ନଜର ରହିଛି।

### ବିଧାନସଭା...

ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ହେବ। ମାଳ ମାଳ ପ୍ରସଙ୍ଗକୁ ନେଇ ମୋହନ ସରକାରକୁ ଘେରିବାକୁ ଭରପୂର ଉଦ୍ୟମ କରିବେ ବିରୋଧୀ ବିଜେଡି ଓ କଂଗ୍ରେସ। ତେବେ ରାଜ୍ୟ ସରକାର ମଧ୍ୟ ପଛଘୁଞ୍ଚା ଦେବେନାହିଁ ଓ ବିରୋଧୀ ଦଳର ପ୍ରତିଟି ପ୍ରଶ୍ନର ଜବାବ ଦେବା ସକାଶେ ପ୍ରସ୍ତୁତ ଅଛନ୍ତି। ୮ ମାସର ସରକାର ଏହି ଅବଧି ମଧ୍ୟରେ ହାସଲ କରିଥିବା ଉଲ୍ଲେଖନୀୟ ସଫଳତା ସହ ବିରୋଧୀ ଦଳମାନଙ୍କୁ ମୁହଁତୋଡ଼ ଜବାବ ଦେବା ସକାଶେ ପ୍ରସ୍ତୁତ ରହିଛନ୍ତି।

### ପୋଶ୍ ଆଇନ...

ଆନ୍ତଃକମିଟି ଓ ପ୍ରତ୍ୟେକ ଜିଲ୍ଲାରେ ଆଞ୍ଚଳିକ କମିଟି ଗଠନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। କମିଟିର ସଦସ୍ୟାମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସେ ପ୍ରସ୍ତାବ ଦେଇଛନ୍ତି। ପ୍ରତି ଜିଲ୍ଲାର ସର୍ବସାଧାରଣ ସ୍ଥାନରେ ଏହି ଆଇନ ସମ୍ପର୍କରେ ବିଜ୍ଞାପନ ଓ ହୋର୍ଡିଂ ଜରିଆରେ ଲୋକମାନଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି ପାଇଁ ଶ୍ରୀମତୀ ରହତକର ପ୍ରସ୍ତାବ ଦେବା ସହ ଏହି ଆଇନ ଅନ୍ୟାୟବିରୋଧୀ, ପୁରୁଷବିରୋଧୀ ନୁହେଁ ବୋଲି କହିଛନ୍ତି। ଏହି ଆଇନ ହିସାବରେ ଦୋଷୀକୁ ନିଶ୍ଚୟ ଦଣ୍ଡ ମିଳିବ ବୋଲି ସେ ଦୃଢ଼ ମତ ରଖିଛନ୍ତି।

ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ଓଡ଼ିଶାରେ ପେସା ଆଇନର ସ୍ଥିତି ବିଷୟରେ ବିଶଦ ଉପସ୍ଥାପନ କରିଥିଲେ। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ପୁଲିସ ଆଇଜି ଏସ. ସାଇନିଙ୍କ ସହ ବିଭାଗୀୟ ନିର୍ଦ୍ଦେଶକ ମୋନିଷା ବାନାର୍ଜୀ ଓ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ସମସ୍ତ ବିଭାଗର ନୋଡାଲ ଅଧିକାରୀମାନେ ଏହି ବୈଠକରେ ମଧ୍ୟ ଅଂଶଗ୍ରହଣ କରିଥିଲେ।

### ନିଦା ବିଷ୍ଣୁ...

ଆଫ୍ରିକା ମଧ୍ୟରେ ଅନ୍ତର୍ଜାତୀୟ ଟି-୨୦ ଖେଳ ଚାଲିଥିବା ସମୟରେ ଫଳାଫଳ ଭାରତ ବିପକ୍ଷରେ ଯିବାରୁ କେତେକ ଦୁର୍ବୃତ୍ତ ପଡ଼ିଆକୁ ପାଣି ବୋତଲ ଫୋପାଡ଼ିଥିଲେ। ଏତେ ପାଣିବୋତଲ ପଡ଼ିଥିଲା ଯେ ପଡ଼ିଆରେ ତାରା ଫୁଟିବା ଭଳି ଦିଶିଥିଲା। ତେବେ ପଡ଼ିଆକୁ ପାଣି ବୋତଲ ଫୋପାଡ଼ିବା ଯେତିକି ଲଜ୍ଜାଜନକ ଥିଲା, ତା'ଠାରୁ ବେଶୀ ଆଶ୍ଚର୍ଯ୍ୟଜନକ ଥିଲା ଉପସ୍ଥିତ ପୁଲିସ ବାବୁଙ୍କ ନିଷ୍କ୍ରିୟତା। ଏମିତିକି ଖେଳ ପରେ ବରିଷ୍ଠ ଖେଳାଳି ତଥା ପୂର୍ବତନ କ୍ୟାପଟେନ ସୁନୀଲ ଗାଭାସ୍କର ଏନଡିଟିଭି ସହ ଏକ ସାକ୍ଷାତକାରରେ ଏହା କହିବାକୁ ପଛାଇ ନଥିଲେ ଯେ ପୁଲିସର ନିଷ୍କ୍ରିୟତା ତାଙ୍କୁ ଆଶ୍ଚର୍ଯ୍ୟ କରିଥିଲା ଓ ଓଡ଼ିଶା ପୁଲିସ ଲୋକଙ୍କୁ ସମ୍ଭାଳିବାକୁ ନୁହେଁ, ବରଂ ଖେଳ ଦେଖିବାରେ ଧ୍ୟାନକେନ୍ଦ୍ରିତ କରିଥିଲା।

ଖାଲି ସେତିକି ନୁହେଁ, କ୍ରିକେଟ ମହଲରେ ଏହି କଥା ଆଲୋଚନା ହେଲା ଯେ ବାରବାଟୀକୁ ୨ ବର୍ଷ ପାଇଁ ସମସ୍ତ କ୍ରିକେଟରୁ ବାସନ୍ଦ କରାଯିବ। ସେତେବେଳର ଗୃହମନ୍ତ୍ରୀ ନବୀନ ପଟ୍ଟନାୟକ ହୁଅନ୍ତୁ କିମ୍ବା କ୍ରୀଡ଼ାମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଇସ୍ତଫା ଦାବି କେହି ବି କରିନଥିଲେ। ଗୃହ ମନ୍ତ୍ରୀ ନବୀନ ସେତେବେଳେ ମଧ୍ୟ ସବୁଥର ଭଳି ମୂକ ଦର୍ଶକ ସାଜିଥିଲେ, ଆଉ ଆଜି ପାଟି ଫିଟେଇବାକୁ ତାଙ୍କର ସତ୍‌ସାହସ କେମିତି ହେଉଛି, ତାହା ବୁଝିବା କଷ୍ଟକର।

ବିଜେଡିର ନେତାମାନେ ଓଡ଼ିଶା କ୍ରିକେଟ ସହିତ ଓତଃପ୍ରୋତ ଭାବେ ଜଡ଼ିତ ଥିବାବେଳେ ଅଳ୍ପଦିନ ତଳର ଘଟଣାଟିକୁ କିଭଳି ଭୁଲିଗଲେ, ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ନିଜ ସମୟରେ ହେଲେ ଲୀଳା, ଅନ୍ୟମାନଙ୍କ ସମୟରେ ହେଲେ କୀଳା- ନ୍ୟାୟରେ ଏବେ ରାଜନୀତି ରୁଟି ସେକିବାରେ ଲାଗିଛି ବିଜେଡି। ନିଜର ରାଜନୈତିକ ଫାଇଦା ପାଇଁ ଓଡ଼ିଶାକୁ ନିନ୍ଦିତ କରିବାରେ ଲାଗିଛି। ଓଡ଼ିଶାକୁ ଆଉ ଯେଭଳି ଆର୍ନ୍ତଜାତିକ ମ୍ୟାଚ୍ ନଆସିବ, ସେଥିପାଇଁ ରୀତିମତ ଷଡ଼ଯନ୍ତ୍ର ଚଳାଇଛନ୍ତି ବିଜେଡିର କିଛି ନେତା। ଏହାକୁ କିନ୍ତୁ ଓଡ଼ିଶାବାସୀ ଭଲଭାବେ ବୁଝିଲେଣି ଓ ଖେଳକୁ ନେଇ ରାଜନୀତି କରୁଥିବା ନେତା ଓ ଦଳକୁ ସେମାନେ ଆଦୌ ଗ୍ରହଣ କରିବେ ନାହିଁ।

### ଜୈବିକ ଚାଉଳରୁ...

ପ୍ରାରମ୍ଭିକ ପର୍ଯ୍ୟାୟରେ ଶ୍ରୀମନ୍ଦିର କୋଠଭୋଗରେ ଏହି ଜୈବିକ ଚାଉଳ ବ୍ୟବହାର କରାଯିବ। ଏଥିସହ ଶ୍ରୀଗୁଣ୍ଡିଚା ସମୟରେ ସମ୍ପୂର୍ଣ୍ଣ ଲାଗି ହେଉଥିବା ଭୋଗରେ ଜୈବିକ ଚାଉଳ ଓ ପନିପରିବା ବ୍ୟବହାର କରାଯିବା ନେଇ ପ୍ରସ୍ତାବ ରହିଛି। 'ଅମୃତ ଅନ୍ନ' ନାମରେ ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ଜୈବିକ ଅନ୍ନରୁ ପ୍ରସ୍ତୁତ ମହାପ୍ରସାଦ ଆନନ୍ଦବଜାରରେ ଭକ୍ତଙ୍କ ପାଇଁ ଉପଲବ୍ଧ ହେବ। ଏଥିପାଇଁ ଆନନ୍ଦ ବଜାରରେ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯିବା ନେଇ ପ୍ରସ୍ତାବ ରହିଛି।

ପ୍ରାରମ୍ଭିକ ଭାବେ ରାଜ୍ୟରେ ଉତ୍ପାଦିତ ହେଉଥିବା କଳାଜୀରା, ପିମ୍ପୁଡ଼ିବାସ, ଯୁବରାଜ ଆଦି ଜୈବିକ ଚାଉଳ ଏହି 'ଅମୃତ ଅନ୍ନ' ମହାପ୍ରସାଦ ପ୍ରସ୍ତୁତି ପାଇଁ ବ୍ୟବହୃତ ହେବ। ଏଥିମଧ୍ୟରୁ କଳାଜୀରା ଧାନ ଜିଆଇ (ଭୌଗୋଳିକ ସୂଚକାଙ୍କ) ଟ୍ୟାଗ୍‌ରେ ସ୍ଥାନ ପାଇସାରିଛି। ସମ୍ପ୍ରତି ଓଡ଼ିଶା ଚାଉଳ ଉତ୍ପାଦନରେ ଜାତୀୟ ହାରଠାରୁ ବେଶ୍ ଆଗରେ ରହିଛି। ଚଳିତ ବର୍ଷ କୋରାପୁଟର ୧୩୬୫ ଏକର ଜମିରେ କଳାଜୀରା ଚାଉଳ ଚାଷ ହୋଇଥିବା ବେଳେ କୋଟପାଡ଼ରେ ପ୍ରଥମ ଥର କଳାଜୀରା ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲାଯାଇଛି। ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ ଅର୍ଗାନିକ୍ ସାର୍ଟିଫିକେସନ୍, ସବ୍‌ସିଡି ଆଦିର ପ୍ରସ୍ତାବ ରହିଛି। ଏଥିସହ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ)ମାନଙ୍କୁ କ୍ଲଷ୍ଟର ଆପ୍ରୋଚ୍ ମାଧ୍ୟମରେ ଜୈବିକ ଚାଉଳ ଉତ୍ପାଦନ ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ ଏବଂ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସୁରୁଖୁରୁରେ କାର୍ଯ୍ୟକାରୀ କରିବା ସକାଶେ ପରିଚାଳନା କମିଟି ଗଠନ ହେବ, ଯେଉଁଥିରେ ଶ୍ରୀମନ୍ଦିର ପ୍ରଶାସନ, ସୁଆର-ମହାସୁଆର ନିଯୋଗ ପ୍ରତିନିଧିଙ୍କ ସହ ଅନ୍ୟ ଉତ୍ପାଦକ ଗୋଷ୍ଠୀର ପ୍ରତିନିଧି ଓ ବିଭାଗୀୟ ଅଧିକାରୀ ସଦସ୍ୟ ଭାବେ ରହିବେ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଶହେରୁ ୨ ଶହ ଏକର ଜମିରେ ଜୈବିକ ଚାଉଳ ଉତ୍ପାଦନ ଲକ୍ଷ୍ୟ ରହିଛି। ବିହନ ସଂରକ୍ଷଣ କରାଯାଇ ପରବର୍ତ୍ତୀ ସମୟରେ ଅଧିକ ଜୈବିକ ଧାନ ଉତ୍ପାଦନକୁ ପ୍ରୋତ୍ସାହନ ଦିଆଯିବ। ସମ୍ପୂର୍ଣ୍ଣ 'ଅମୃତ ଅନ୍ନ' ମହାପ୍ରସାଦରେ ଜୈବିକ ଶସ୍ୟ ବ୍ୟବହାର କରାଯିବ। ଜୈବିକ ପଦ୍ଧତିରେ ଉତ୍ପାଦନ ସମୟରେ ଗୋମୂତ୍ର, ଗୋବର, ବୀଜାମୃତ ତଥା ଅନ୍ୟାନ୍ୟ ଜୈବିକ ଖତର ବ୍ୟବହାର କରାଯିବ। ଏହା ରାଜ୍ୟରେ ଗୋ-ବଂଶର ସୁରକ୍ଷା ଓ ବୃଦ୍ଧିରେ ସହାୟକ ହୋଇପାରିବ।

ବୈଠକରେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ଓୟୁଏଟିର ଡିନ୍ ପ୍ରଫେସର ପ୍ରସନ୍ନଜିତ ମିଶ୍ର, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, କମାଣ୍ଡର ସୁଧାକର ପଟ୍ଟନାୟକ, ସୁଆର, ମହାସୁଆର ନିଯୋଗ ସଭାପତି ପଦ୍ମନାଭ ମହାସୁଆର ଓ ସମ୍ପାଦକ ନାରାୟଣ ମହାସୁଆର, ବରିଷ୍ଠ ସେବାୟତ ବୈଦ୍ୟନାଥ ମହାସୁଆର, ବିଭିନ୍ନ ଜୈବିକ ଉତ୍ପାଦକ ଗୋଷ୍ଠୀ, ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧି, ରାଜେନ୍ଦ୍ର ଦେଶୀ ଧାନ ଗବେଷଣା ପ୍ରତିଷ୍ଠାନର ନଟବର ଷଡ଼ଙ୍ଗୀ, କୋରାପୁଟ ପ୍ରଗତି ଅନୁଷ୍ଠାନର ପ୍ରଭାକର ଅଧିକାରୀ ଉପସ୍ଥିତ ରହି ନିଜ ନିଜ ମତ ଦେବା ସହ ଆଲୋଚନାରେ ଭାଗ ନେଇଥିଲେ।

## ବରିଷ୍ଠ ନାଗରିକ ବିକାଶ ମଞ୍ଚ ତରଫରୁ ଜୁଗୁପୁରା ରେଳ ଷ୍ଟେସନ ସଫେଇ

**ବୈଶିଙ୍ଗା,୧୨।୨(ସଂଚାର ବ୍ୟୁରୋ):** ରୁପ୍‌ସା-ବାଙ୍ଗିରିପୋଷି ରେଳପଥ ପାର୍ଶ୍ୱରେ ଜୁଗୁପୁରା ରେଳ ଷ୍ଟେସନ ସବୁବେଳେ ଜନଗହଳି ପୂର୍ଣ୍ଣ ହେଉଥିବାବେଳେ ଏଠାରେ ଯାତ୍ରୀଙ୍କ ପାଇଁ କୌଣସି ସୁବିଧା ନଥିବାରୁ ସବୁବେଳେ ଅସନ୍ତୋଷ ପ୍ରକାଶ ପାଉଛି। ଏଥି ସହିତ ପରିଷ୍କାର ପରିଚ୍ଛନ୍ନ ପାଇଁ କୌଣସି ବ୍ୟବସ୍ଥା ନାହିଁ।

ଏହାକୁ ଦୃଷ୍ଟିରେ ରଖି ବୈଶିଙ୍ଗା ବରିଷ୍ଠ ନାଗରିକ ବିକାଶ ମଞ୍ଚ ଓ ଜୁଗୁପୁରା ରେଳ ଷ୍ଟେସନ ସୁରକ୍ଷା କମିଟି ଆନୁକୂଲ୍ୟରେ ଏକ ସଫେଇ କାର୍ଯ୍ୟକ୍ରମ ବୁଧବାର ସକାଳେ ଷ୍ଟେସନ ପରିସର କୁ ପରିଛନ୍ନ କରାଯାଇଥିଲା। ସର୍ବଶ୍ରୀ ସୀତା ନାଥ ବେହେରା,ଅଶ୍ୱିନୀ ମହାରଣା,ଗିରିଶ ଚନ୍ଦ୍ର ରାଉତ,ହରିହର ଖୁଣ୍ଟିଆ,ପଞ୍ଚାନନ ମହାରଣା,ଗଣେଶ ମହାରଣା,ନଳିନୀ ସାହୁ,ସୁରେଶ ଚନ୍ଦ୍ର ମହାପାତ୍ର,ବ୍ରହ୍ମାନନ୍ଦ ମିଶ୍ର,ହରେକୃଷ୍ଣ ସାହୁ,ଲକ୍ଷ୍ମୀଧର ପାତ୍ର,ଚନ୍ଦ୍ର ଶେଖର ମହାପାତ୍ର,ସୋମନାଥ ମନ୍ତ୍ରୀ, କୈଳାଶ ଚନ୍ଦ୍ର ନାୟକ,ଜୟନାରାୟଣ ସାହୁ, ମୋନୋଜ ମହନ୍ତ, ଭୋଳନାଥ ନାୟକ, ରିୟା ସାତ ଖାଁ,ରାଜୁ ସିଂ, ରାଜୁ ମହାପାତ୍ର, ବୈଦ୍ୟ ନାଥ ସାହୁ,ହରେକୃଷ୍ଣ ସାହୁ,ଯୁଲୁକ ଦେହୁରୀ,ଅଖିଳ ମହାନ୍ତି ଅନ୍ୟମାନେ ଉପସ୍ଥିତ ରହି ଷ୍ଟେସନ ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ଯାତ୍ରୀ ମାନଙ୍କୁ ପରିଷ୍କାର ରଖିବାକୁ ପରାମର୍ଶ ଦେଇଥିଲେ।

## କ୍ୟାନସର ପୀଡିତାଙ୍କ ପାଇଁ କେଶ ଦାନ କଲେ ସାମ୍ବାଦିକ

**ରାଜକନିକା,୧୨।୨(ସଂଚାର ବ୍ୟୁରୋ):** କର୍କଟ ରୋଗରେ ଆକ୍ରାନ୍ତ ହୋଇ କେଶ ହରାଉଥିବା ବ୍ୟକ୍ତିବିଶେଷଙ୍କ ଉଦ୍ଦେଶ୍ୟରେ କେଶ ଦାନ କଲେ ଯୁବ ସାମ୍ବାଦିକ ବିନୋଦ କୁମାର ବେହେରା। ସାମାଜିକ ଅନୁଷ୍ଠାନ 'ଶୋଭା ଟ୍ରଷ୍ଟ' ସହଯୋଗରେ ସେ 'କେଶ ଥିଲେ ଦିଅନ୍ତୁ, ନଥିଲେ ନିଅନ୍ତୁ' ଅଭିଯାନରେ ସାମିଲ ହୋଇ ପ୍ରାୟ ୧୮ ଇଞ୍ଚ୍ ଲମ୍ବର କେଶ ଦାନ କରିଛନ୍ତି। କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ବାଳକାଟି ପଞ୍ଚାୟତର ନାଗପଡା ଗ୍ରାମର ବାସିନ୍ଦା ବୈକୁଣ୍ଠ ବେହେରା ଓ ବୈଶାଳୀ ବେହେରାଙ୍କ ପୁତ୍ର ବିନୋଦ ଏବେ ହାଇଦ୍ରାବାଦର ଏକ ଘରୋଇ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟରତ ଅଛନ୍ତି। କୋଭିଡ୍ ପ୍ରଥମ ଲହର ସମୟରେ ସେଲୁନ୍ ଓ ସ୍ୱା କଟକଣା କାରଣରୁ ନିଜ କେଶ କାଟି ପାରିନଥିଲେ। ପରେ ସେ ମନ୍ଦିରରେ ମୁଣ୍ଡନ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। କିଛି ବନ୍ଧୁଙ୍କ ପରାମର୍ଶ କ୍ରମେ କ୍ୟାନସର ପୀଡିତଙ୍କ କ୍ଷେତ୍ରରେ ଏହି କେଶ ବ୍ୟବହାରଯୋଗ୍ୟ ଜାଣି ସେ ସେଥିପ୍ରତି ଉତ୍ସାହିତ ହୋଇଥିଲେ। ପରେ ସେ ଆବଶ୍ଯକ ଲମ୍ବ ହେବା ଯାଏଁ କେଶର ଯତ୍ନ ନେଇଥିଲେ। ଏବେ ପ୍ରାୟ ଦୀର୍ଘ ୫ ବର୍ଷ ପରେ ସେ ୧୮ ଇଞ୍ଚ ଲମ୍ବର କେଶ ଦାନ କରିଛନ୍ତି। କ୍ୟାନସର ପୀଡିତଙ୍କ ଉଦ୍ଦେଶ୍ୟରେ ନିୟମିତ କେଶ ଦାନ ଅଭିଯାନ ଚଳାଇ ଆସୁଥିବା ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଶୋଭା ଟ୍ରଷ୍ଟ' ପକ୍ଷରୁ ବିନୋଦଙ୍କ ପ୍ରୟାସକୁ ପ୍ରଶଂସା କରାଯିବା ସହ ଏକ ପ୍ରମାଣପତ୍ର ପ୍ରଦାନ କରାଯାଇଛି।



# ଯୋରନ୍ଦା ଗାଦିରେ ବଢୁଛି ଶ୍ରଦ୍ଧାଳୁଙ୍କ ସମାଗମ

**ଢେଙ୍କାନାଳ,୧୨।୨(ସଂଚାର ବ୍ୟୁରୋ):** ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମାଘ ମେଳାର ଆଜି ଦ୍ୱିତୀୟ ଦିନ ଥିବା ବେଳେ ଏଥିରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ମହିମା ଅଲେଖ ଧ୍ୱନିରେ କମ୍ପିଉଠୁଛି ଯୋରନ୍ଦା ମହିମା ପୀଠ। ଯୋରନ୍ଦା ମେଳାରେ ବିଶ୍ୱର ମଙ୍ଗଳ ପାଇଁ ମହଣ ମହଣ ଘୃତରେ ଶୂନ୍ୟ ମନ୍ଦିରରେ ଝାଡ଼ଦୀପ ପ୍ରଜ୍ୱଳନ କରାଯାଇଛି। ଏଥିସହ ୪ ଦ୍ୱାରରେ ଅଗ୍ନିଧୂନୀରେ ହଜାର ହଜାର ନଡ଼ିଆ ମଧ୍ୟ ପୋଡ଼ାଯାଉଛି। ମହିମା ଗୋସାଇଁଙ୍କ ଶୂନ୍ୟମନ୍ଦିର ପରିସରରେ ହଜାର ହଜାର ସାଧୁସନ୍ଥ ଓ ଲକ୍ଷ ଲକ୍ଷ ମହିମା ଧର୍ମାବଲମ୍ବୀ, ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ ହୋଇଛି। ଏଥିସହ ଅଲେଖ ଧ୍ୱନିରେ ପ୍ରକମ୍ପିତ ହେଉଛି ପୀଠ ପରିସର। ଏହି ମାଘ ମେଳାକୁ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ସାଧୁସନ୍ଥ, ଧର୍ମାବଲମ୍ବୀ ଓ ଲକ୍ଷ ଲକ୍ଷ ପର୍ଯ୍ୟଟକ ପହଞ୍ଚିବାରେ ଲାଗିଛନ୍ତି। ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ତଥା ଯୋରନ୍ଦା ଗ୍ରାମ ପଞ୍ଚାୟତ ପକ୍ଷରୁ ଭକ୍ତଙ୍କ ସୁରକ୍ଷା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ବ୍ୟବସାୟ ପାଇଁ ଦୋକାନ ବଜାରଗୁଡ଼ିକ ପ୍ରାୟ ୧୦ ଦିନ ପର୍ଯ୍ୟନ୍ତ ଖୋଲା ରହିବ। ପ୍ରଶାସନ ପକ୍ଷରୁ ପଲ୍ଲିଶ୍ରୀ ମେଳାର ମଧ୍ୟ ଆୟୋଜନ କରାଯାଇଛି। ଚଳିତ ବର୍ଷ ବହୁ ସଂଖ୍ୟାରେ ବିଦେଶୀ ପର୍ଯ୍ୟଟକ ବି ମେଳାରେ ପହଞ୍ଚୁଥିବା ଦେଖିବାକୁ ମିଳିଛି। ଏହି ମେଳାରେ ଅଗ୍ନିରେ ଲକ୍ଷାଧିକ ନଡ଼ିଆ ପୋଡ଼ାଯିବ। ମାନସିକଧାରୀମାନେ ଲଣ୍ଡା ହୋଇ ସାଧୁସନ୍ଥମାନଙ୍କ ଆଶୀର୍ବାଦ ଲାଭ କରୁଛନ୍ତି। ସାଧୁସନ୍ଥମାନଙ୍କୁ ଦର୍ଶନ କରି ଶ୍ରଦ୍ଧାଳୁ ଭକ୍ତମାନେ ନିଜ ନିଜ ପରିବାରର ମଙ୍ଗଳ କାମନା କରୁଛନ୍ତି। ମାଘମେଳା ପାଇଁ ଯୋରନ୍ଦା ପୀଠରେ ବିଭିନ୍ନ ଦୋକାନ ବଜାର ଖୋଲିଥିବା ବେଳେ ସେଠାରୁ ସାମଗ୍ରୀ କିଣିବା ସକାଶେ ଭକ୍ତଙ୍କ ମଧ୍ୟରେ ମଧ୍ୟ ଅପୂର୍ବ ଆଗ୍ରହ ପ୍ରକାଶ ପାଉଥିବା ଦେଖାଯାଉଛି। ଅନ୍ୟପକ୍ଷରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା ସକାଶେ ମେଳାରେ ବ୍ୟାପକ ମାତ୍ରାରେ ପୁଲିସ୍ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ମାଘ ମେଳାରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଝାଡ଼ ଦର୍ଶନ କରିବା ସହ ବାବାମାନଙ୍କର ସାନ୍ନିଧ୍ୟ ଲାଭ କରିଛନ୍ତି। ଏହାଛଡ଼ା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହଧର୍ମିଣୀ ମୃଦୁଳା ଠାକୁର ପ୍ରଧାନ ମଧ୍ୟ ଯୋରନ୍ଦା ମେଳା ଆସି ବାବାମାନଙ୍କର କୃପା ଲାଭ କରିଛନ୍ତି।

## ମିଳିବ ଆଶ୍ୱସ୍ତି, ୩/୪ ଦିନ ଭିତରେ କମିବ ପାରଦ

**ଭୁବନେଶ୍ୱର,୧୨।୨(ସଂଚାର ବ୍ୟୁରୋ):** ସମ୍ପ୍ରତି ରାଜ୍ୟବାସୀ ସ୍ୱାଭାବିକଠାରୁ ଅଧିକ ତାପମାତ୍ରାରେ ହନ୍ତସନ୍ତ ହେଉଥିବା ବେଳେ ଖୁବ୍‌ଶୀଘ୍ର ସେମାନଙ୍କୁ ଏଥିରୁ ତ୍ରାହି ମିଳିବ। କାରଣ ଆଗାମୀ ୩ରୁ ୪ ଦିନ ଭିତରେ ପାରଦରେ ଅପେକ୍ଷାକୃତ ହ୍ରାସ ଘଟିବ। ୩ରୁ ୪ ଦିନ ଭିତରେ ଧୀରେ ଧୀରେ ତାପମାତ୍ରା ହ୍ରାସ ପାଇବା ଫଳରେ ପାଣିପାଗରେ ସ୍ୱାଭାବିକତା ଦେଖାଯିବ। ଗତ ୨୪ ଘଣ୍ଟାରେ ୩ଟି ସ୍ଥାନରେ ୩୫ ଡିଗ୍ରୀ ଉପରେ ତାପମାତ୍ରା ରେକର୍ଡ କରାଯାଇଛି। ଗତକାଲି ଝାରସୁଗୁଡ଼ାରେ ସର୍ବାଧିକ ୩୬.୬ ଡ଼ିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଅନୁଗୁଳ ଓ ବଲାଙ୍ଗୀରରେ ଏହା ୩୫.୭ ଡିଗ୍ରୀ ରହିଛି। ସେହିପରି ଉପକୂଳ ଓଡ଼ିଶାରେ ଏବେ ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରୀ ଉପରେ ତାପମାତ୍ରା ରହିଛି। ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ୨ରୁ ୩ ଡିଗ୍ରୀ ଅଧିକ ତାପମାତ୍ରା ରହିଥିବା ବେଳେ ରାଉରକେଲାରେ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୧୩.୧ ଡିଗ୍ରୀ ରହିଛି। ସେହିପରି ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ ମଧ୍ୟ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ଉପରେ ରହିଥିବା ରେକର୍ଡ କରାଯାଇଛି। ତେବେ ଆଗାମୀ ୨୪ ଘଣ୍ଟା ଭିତରେ କୌଣସି ସ୍ଥାନରେ ଘନ କୁହୁଡ଼ି ରେକର୍ଡ କରାଯାଇନାହିଁ। କିନ୍ତୁ ଆଗାମୀ ୨ ଦିନ ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକା କୁହୁଡ଼ି ଦେଖିବାକୁ ମିଳିବ ବୋଲି ସ୍ଥାନୀୟ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## 'ପରୀକ୍ଷା ପେ ଚର୍ଚ୍ଚା'ରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିଥିବା ଛାତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ



**ଲଖନପୁର/ଝାରସୁଗୁଡ଼ା,୧୨।୨(ସଂଚାର ବ୍ୟୁରୋ):** ଚଳିତ ଥର 'ପରୀକ୍ଷା ପେ ଚର୍ଚ୍ଚା'- ୨୦୨୫ର ଅଷ୍ଟମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରିଥିବା ଝାରସୁଗୁଡ଼ା ଜିଲ୍ଲା ଲଖନପୁରର ପ୍ରୀତି ବିଶ୍ୱାଳ ଓ ତାଙ୍କ ବାପା ତେଜରାମ ବିଶ୍ୱାଳଙ୍କୁ ଭେଟିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପଢୁଥିବା ପ୍ରୀତି 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କୁ ପଚାରିଥିବା ପ୍ରଶ୍ନ ବିଷୟକୈନ୍ଦ୍ରିକ ଥିଲା। ପ୍ରୀତିର ଚିନ୍ତାଧାରା ଓ ଆତ୍ମବିଶ୍ୱାସ ସମସ୍ତଙ୍କୁ ପ୍ରଭାବିତ କରିଛି। ଛାତ୍ରଛାତ୍ରୀ ଓ ପରୀକ୍ଷା ଯୋଦ୍ଧାମାନେ ପରୀକ୍ଷା ପାଇଁ ଚିନ୍ତିତ ହେବା କଥା ନୁହେଁ । ଆତ୍ମବିଶ୍ୱାସର ସହ ଚାପ ମୁକ୍ତ ହୋଇ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବା ଦରକାର। ପ୍ରଧାନମନ୍ତ୍ରୀଙ୍କ ପ୍ରେରଣାଦାୟୀ ବାର୍ତ୍ତା ବିଦ୍ୟାର୍ଥୀଙ୍କ ମନୋବଳକୁ ଦୃଢ଼ କରିଛି ବୋଲି କେନ୍ଦ୍ର ମନ୍ତ୍ରୀ କହିବା ସହ ପ୍ରୀତିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

● କନିଷ୍ଠ ଶିକ୍ଷକଙ୍କ ପାରିଶ୍ରମିକ ବୃଦ୍ଧି ପ୍ରସଙ୍ଗ

## ମୁଖ୍ୟମନ୍ତ୍ରୀଙ୍କୁ ଗଣଶିକ୍ଷା ମନ୍ତ୍ରୀଙ୍କ କୃତଜ୍ଞତା



**ଭୁବନେଶ୍ୱର,୧୨।୨(ସଂଚାର ବ୍ୟୁରୋ):** ସମଗ୍ର ଶିକ୍ଷା ଅଧୀନରେ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକ (ସ୍କିମାଟିକ)ମାନଙ୍କ ଦରମା ଗତ ମାସରେ ମୁଖ୍ୟମନ୍ତ୍ରୀ ବୃଦ୍ଧି କରିଥିବା ବେଳେ ଏଥିସକାଶେ ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ଦେଇଛନ୍ତି। ଗତ ଜାନୁଆରୀ ୧୬ ତାରିଖରେ ମୁଖ୍ୟମନ୍ତ୍ରୀ କନିଷ୍ଠ ଶିକ୍ଷକମାନଙ୍କ ମାସିକ ପାରିଶ୍ରମିକକୁ ୧୧ ହଜାର ୧୦୦ ଟଙ୍କାରୁ ୧୬ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ଆଜି ଶ୍ରୀ ଗଣ୍ଡ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ଏହି ନିଷ୍ପତ୍ତି ଶିକ୍ଷାଦାତାଙ୍କୁ ସଶକ୍ତ କରିବ ଓ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବ ବୋଲି ଆଶା କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଏପରି ନିଷ୍ପତ୍ତି ଦ୍ୱାରା ରାଜ୍ୟର ୧୩ ହଜାର ୭୪୦ ଜଣ ଶିକ୍ଷକ ଉପକୃତ ହୋଇପାରିବେ।

## ହାଇକୋର୍ଟରେ ପଦ୍ମଶ୍ରୀ ବିବାଦ: କିଏ ପ୍ରକୃତ ଅନ୍ତର୍ଯ୍ୟାମୀ ମିଶ୍ର



**କଟକ,୧୨।୨ (ସଂଚାର ବ୍ୟୁରୋ):** ସମ୍ମାନଜନକ 'ପଦ୍ମଶ୍ରୀ' ସମ୍ମାନକୁ ନେଇ ବିବାଦ । ସମାନ ନାମରେ ଥିବା ଅନ୍ୟ ଜଣେ ବ୍ୟକ୍ତି ପଦ୍ମଶ୍ରୀ ସମ୍ମାନ ଗ୍ରହଣ କରିଥିବା ନେଇ, ଜଣେ ଆବେଦନକାରୀଙ୍କ ମାମଲାକୁ ଗମ୍ଭୀରତାର ସହ ନେଇଛନ୍ତି ଓଡ଼ିଶା ହାଇକୋର୍ଟ । ଭୁବନେଶ୍ୱର ପ୍ରାଣୀ ଚିକିତ୍ସିକ ତଥା ସାହିତ୍ୟିକ ଅନ୍ତର୍ଯ୍ୟାମୀ ମିଶ୍ର ଏହି ସଙ୍ଗୀନ ଅଭିଯୋଗ ସହ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ହାଇକୋର୍ଟ ବିଚାରପତି ଜଷ୍ଟିସ ଏସ.କେ ପାଣିଗ୍ରାହୀଙ୍କ ଜଣିକିଆ ଖଣ୍ଡପୀଠ ମାମଲାର ଶୁଣାଣି କରି ଉଭୟ ଆବେଦନକାରୀ ଓ ପ୍ରତିପକ୍ଷଙ୍କୁ ପରବର୍ତ୍ତୀ ଶୁଣାଣିରେ ତଥ୍ୟ ପ୍ରମାଣ ସହ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଫେବୃଆରୀ ୨୪ ତାରିଖକୁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ । ୨୦୨୩ ବର୍ଷର ପଦ୍ମ ପୁରସ୍କାର ପାଇଁ କେନ୍ଦ୍ର ପକ୍ଷରୁ ତାଙ୍କ ନାମ ଘୋଷଣା ହୋଇଥିବା ବେଳେ, ଢେଙ୍କାନାଳର ସାମ୍ବାଦିକ ଅନ୍ତର୍ଯ୍ୟାମୀ ମିଶ୍ର ଏହି ସମ୍ମାନ ଗ୍ରହଣ କରିଥିବା ପିଟିସନରେ ଦର୍ଶାଇଛନ୍ତି ଆବେଦନକାରୀ । ଗତକାଲି (ମଙ୍ଗଳବାର, ଫେବୃଆରୀ ୧୧)ରେ ଜଷ୍ଟିସ ଏସ.କେ ପାଣିଗ୍ରାହୀଙ୍କ ଖଣ୍ଡପୀଠରେ ମାମଲାର ଶୁଣାଣି ହୋଇଥିଲା । ଉଭୟ ପକ୍ଷ ଆସନ୍ତା ଫେବୃଆରୀ ୨୪ ତାରିଖ ଅପରାହ୍ନ ୨ଟା ସମୟରେ ସମସ୍ତ ତଥ୍ୟ ପ୍ରମାଣ ସହ ବ୍ୟକ୍ତିଗତ ହାଜର ହେବାକୁ ଜଷ୍ଟିସ ଏସ.କେ ପାଣିଗ୍ରାହୀଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି ।

## ବ୍ରିଜ୍ ତଳୁ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର




**ବଣାଇଁ,୧୨।୨ (ସଂଚାର ବ୍ୟୁରୋ):** ଚାନ୍ଦିପୋଷ ଥାନା କୁମ୍ଭାକେଲା ବ୍ରିଜ୍ ତଳୁ ଯୁବତୀଙ୍କ ଦରପୋଡ଼ ମୃତଦେହ ଉଦ୍ଧାର କରାଯାଇଛି। ଯୁବତୀଙ୍କ ପରିଚୟ ମିଳିପାରି ନ ଥିଲା ବେଳେ ତଣ୍ଟି କାଟି କେହି ହତ୍ୟା କରିବା ପରେ ପେଟ୍ରୋଲ ଢାଳି ପୋଡିଦେଇଥିବା ନେଇ ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି । ଖବର ପାଇ ଚାନ୍ଦିପୋଷ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ଥାନାରେ ଏକ ହତ୍ୟା ମାମଲା ନମ୍ବର ୧୭/୨୦୨୫ ରୁଜୁ କରି ତଦନ୍ତ ଜାରି ରଖିଛି । ହତ୍ୟା ଓ ପ୍ରମାଣ ନଷ୍ଟ ନେଇ ଦଫା ଲଗାଇ ପୋଲିସ ଆଜି ଶବକୁ ସୁନ୍ଦରଗଡ଼ ଜିଲା ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଯେହେତୁ ଯୁବତୀଙ୍କ ପରିଚୟ ଅସ୍ପଷ୍ଟ ରହିଛି ତେଣୁ ୭୨ ଘଣ୍ଟା ଶବକୁ ରଖାଯିବ ଓ ତା ପରେ କେହି ଦାବିଦାର ନ ବାହାରିଲେ ସତ୍କାର କରାଯିବ ବୋଲି ପୋଲିସ ସୂଚନା ଦେଇଛି । ବଣାଇଁ ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ଏହିଭଳି ଅପରାଧ, ଅପରାଧି ସୁଚିନ୍ତିତ ହତ୍ୟାକାଣ୍ଡ ଭିଆଇ ପ୍ରମାଣ ନଷ୍ଟ ପ୍ରତି ଅଧିକ ଧ୍ୟାନ ଦେଇ ପରୋକ୍ଷରେ ପୋଲିସ ପାଇଁ ଚ୍ୟାଲେଞ୍ଜ ଦେଉଥିବା ନେଇ ଆଲୋଚନା ହେଉଛି ।

## ଛାତ୍ରଙ୍କ ଛୁରାମାଡ଼ରେ ୩ ଅଣଛାତ୍ର ଆହତ

**ଖଲ୍ଲିକୋଟ,୧୨।୨(ସଂଚାର ବ୍ୟୁରୋ):** ସ୍ଥାନୀୟ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟ (ଆରସିଏମ)ରେ ଛୁରାମାଡ଼ ହୋଇଛି। ଜଣେ ଯୁକ୍ତ ୩ ଛାତ୍ରଙ୍କ ଛୁରାମାଡ଼ରେ ୩ ଜଣ ଅଣଛାତ୍ର ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। କଲେଜରେ ଯୁକ୍ତ ୩ ଶ୍ରେଣୀର ପରୀକ୍ଷା ଚାଲିଥିବା ସମୟରେ ଯୁକ୍ତ ୩ ପ୍ରଥମ ବର୍ଷର ଜଣେ ବାଣିଜ୍ୟ ଛାତ୍ରଙ୍କର କଲେଜକୁ ଲାଗି ରହିଥିବା ଖେଳ ପଡ଼ିଆରେ ପୂର୍ବ ଶତ୍ରୁତାକୁ ନେଇ ୩ ଜଣ ଅଣଛାତ୍ରଙ୍କ ସହ ଝଗଡ଼ା ହୋଇଥିଲା। ତେବେ ଝଗଡ଼ା ଉଗ୍ରରୂପ ଧାରଣ କରିବା ଫଳରେ ହଠାତ ଛାତ୍ର ଜଣକ ଛୁରୀରେ ୩ ଜଣ ଅଣଛାତ୍ରଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଅଣଛାତ୍ର ବିଜୟ ନାୟକ, ରାଜା ଗୌଡ଼ ଓ ରାଜା ସେଠୀ ଆହତ ହୋଇଥିଲେ। ତୁରନ୍ତ ସେମାନଙ୍କୁ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ରାଜାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଖଲ୍ଲିକୋଟ ଥାନାଧିକାରୀ ରମେଶ କୁମାର ପ୍ରଧାନ ପୁଲିସ ଟିମ ସହ କଲେଜ ଯାଇ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଥିଲେ। ପ୍ରେମଜନିତ ବ୍ୟାପାରକୁ ନେଇ ଘଟଣା ଘଟିଥିବା ପୁଲିସ ପକ୍ଷରୁ କୁହାଯାଇଛି। ତେବେ ଆଜି ଅନୁଷ୍ଠିତ ଯୁକ୍ତ ୩ ପରୀକ୍ଷାରେ ଉକ୍ତ ଛାତ୍ର ଜଣକ ଅନୁପସ୍ଥିତ ଥିବା କଲେଜ ଅଧ୍ୟକ୍ଷ ଡକ୍ଟର ସୁରେନ୍ଦ୍ର ନାଥ ସ୍ୱାଇଁ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବୋନି ଓ ଅର୍ଜୁନ କପୁର



● ସିସିଏଲ୍‌ରେ ଯୋଗଦେବାକୁ ନିମନ୍ତ୍ରଣ

● କ୍ରୀଡ଼ା ମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା

**ଭୁବନେଶ୍ୱର,୧୨।୨(ସଂଚାର ବ୍ୟୁରୋ):** ଚଳିତ ସେଲିବ୍ରିଟି କ୍ରିକେଟ୍ ଲିଗ୍ (ସିସିଏଲ୍)-୨୦୨୫ର ୨ଟି ମ୍ୟାଚ୍ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯିବ। ଏହି ଦୁଇଟି ମ୍ୟାଚ୍ ଆସନ୍ତା ୧୬ ତାରିଖରେ ଖେଳାଯିବାକୁ ଥିବା ବେଳେ ଏହା ପୂର୍ବରୁ ସ୍ଥିତି ପରଖିବା ସକାଶେ ରାଜଧାନୀରେ ପହଞ୍ଚିଛନ୍ତି ବଲିଉଡ଼ର ଜଣାଶୁଣା ଚଳଚ୍ଚିତ୍ର ପ୍ରଯୋଜକ ବୋନି କପୁର ଓ ତାଙ୍କ ସୁପୁତ୍ର ତଥା ଅଭିନେତା ଅର୍ଜୁନ କପୁର। ସେମାନେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଉକ୍ତ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ସକାଶେ ନିମନ୍ତ୍ରଣ କରିଛନ୍ତି। ଏହି ଅବସରରେ ବୋନି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି ଯେ ବାରବାଟୀରେ ଖେଳାଯିବାକୁ ଥିବା ୨ଟି ମ୍ୟାଚ୍‌ରେ ପଞ୍ଜାବ ଦେ ଶେର୍, ଭୋଜପୁରୀ ଦବଙ୍ଗ୍‌ସ, ମୁମ୍ବାଇ ହିରୋଜ୍ ଓ ବେଙ୍ଗଲ ଟାଇଗର୍ସ ପରି ୪ଟି ଦଳ ଅଂଶଗ୍ରହଣ କରିବେ। ମ୍ୟାଚ୍‌ଗୁଡ଼ିକୁ ସ୍ଥାନୀୟ ଦର୍ଶକ ନିଶ୍ଚିତ ଭାବେ ସଫଳ କରିବାରେ ସହଯୋଗ ଦେବେ ବୋଲି ବୋନି ଆଶା କରିଛନ୍ତି।

ଏଥିସହ ରାଜ୍ୟରେ ଫିଲ୍ମ ଶୁଟିଂ ପାଇଁ ବ୍ୟାପକ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପର୍ଯ୍ୟାପ୍ତ ସୁବିଧା ରହିଛି ବୋଲି ବୋନି କହିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଉପଲବ୍ଧ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟର ପ୍ରଚାର ପ୍ରସାର ହେଲେ ବହୁ ଫିଲ୍ମ ନିର୍ମାତାଙ୍କ ପାଇଁ ଓଡ଼ିଶା ପ୍ରଥମ ପସନ୍ଦ ହୋଇପାରିବ। ଏହାଦ୍ୱାରା ରାଜ୍ୟ ପର୍ଯ୍ୟଟନର ବିକାଶ ମଧ୍ୟ ହୋଇପାରିବ ବୋଲି ବୋନି କହିଛନ୍ତି। ଏହି ସାକ୍ଷାତାଲୋଚନା ସମୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ମନ୍ତ୍ରିମଣ୍ଡଳର ସଦସ୍ୟ ଓ ବିଧାୟକମାନେ ମଧ୍ୟ ଉପସ୍ଥିତ ଥିଲେ। ସେହିପରି ବୋନି ଓ ଅର୍ଜୁନ ମଧ୍ୟ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟିଛନ୍ତି। ସୂଚନାଯୋଗ୍ୟ ଯେ ସିସିଏଲ୍‌ର ଅଷ୍ଟମ ସଂସ୍କରଣ ଗତ ୮ରୁ ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ମାର୍ଚ୍ଚ ୨ରେ ଉଦ୍‌ଯାପିତ ହେବ। ମ୍ୟାଚ୍‌ଗୁଡ଼ିକ କଟକ ବ୍ୟତୀତ ବେଙ୍ଗାଲୁରୁ, ହାଇଦ୍ରାବାଦ ଓ ସୁରତଠାରେ ଖେଳାଯାଉଛି।

## କ୍ଷମତାକୁ ଫେରିଲେ ବି ମୁଖ୍ୟମନ୍ତ୍ରୀ ହେବିନି

**ଭୁବନେଶ୍ୱର,୧୨।୨ (ସଂଚାର ବ୍ୟୁରୋ):** ନୂଆ ପିସିସି ସଭାପତି ଭକ୍ତ ଚରଣ ଦାସ ବୁଧବାର ଏକ ବଡ଼ ବୟାନ ଦେଇଛନ୍ତି। ଯେଉଁମାନେ କଂଗ୍ରେସକୁ ଫେରିବେ ଗ୍ରହଣ କରିବୁ। ବିନା ସର୍ତ୍ତରେ ସେମାନଙ୍କୁ ଗ୍ରହଣ କରାଯିବ। ଆସନ୍ତା ୧୮ରେ ଭୁବନେଶ୍ୱର ଫେରିବି ବୋଲି ଭକ୍ତ କହିଛନ୍ତି। ସେ କହିଛନ୍ତି, ଫେରିଲା ପରେ ପ୍ରଥମେ ବରିଷ୍ଠ ନେତାଙ୍କୁ ଭେଟିବି। ଏହା ପରେ ଭୁବନେଶ୍ୱରରୁ ପୁରୀ ପଦଯାତ୍ରା କରି ଶ୍ରୀଜିଉଙ୍କୁ ଦର୍ଶନ କରିବି। ଭକ୍ତ ଆଜି ଏକ ବଡ଼ କଥା କହିଛନ୍ତି, ସେ କହିଛନ୍ତି, କଂଗ୍ରେସ କ୍ଷମତାକୁ ଫେରିଲେ ମଧ୍ୟ ମୁଁ ମୁଖ୍ୟମନ୍ତ୍ରୀ ହେବିନାହିଁ। ସର୍ବଦା ସଂଗଠନ ପାଇଁ କାମ କରିବି। ଯିଏ ଭଲ କାମ କରିବ ସିଏ ଗୁରୁତ୍ୱ ପାଇବ। ଏଥିସହିତ ଦଳକୁ ମଜଭୁତ ରଖିବାକୁ ଲୋକଙ୍କ ପାଖକୁ ଯାଇ ଅନୁରୋଧ କରିବି ବୋଲି ଭକ୍ତ କହିଛନ୍ତି। ସୂଚନାଯୋଗ୍ୟ, କଂଗ୍ରେସ ହାଇକମାଣ୍ଡ ଓଡିଶାରେ ଦଳର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କୁ କଂଗ୍ରେସ ସଭାପତି ନିଯୁକ୍ତ କରାଯାଇଛି। ମଙ୍ଗଳବାର ଏଆଇସିସି ପକ୍ଷରୁ ବିଜ୍ଞପ୍ତି ଜାରି କରି ଏହି ସୂଚନା ଦିଆଯାଇଥିଲା। ତେବେ ପିସିସି ସଭାପତି ହେବା ପରେ ଭକ୍ତ ଚରଣ ଗଣମାଧ୍ୟମ ଆଗରେ ସମସ୍ତ ଓଡ଼ିଶାବାସୀଙ୍କ ପାଇଁ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ତରୁଣ, ବରିଷ୍ଠ ସମସ୍ତଙ୍କୁ ନେଇ କାମ କରିବି। କଂଗ୍ରେସକୁ ଆନ୍ଦୋଳନ ଜରିଆରେ ଘରେ ଘରେ ପହଞ୍ଚାଇବୁ। ସୂଚନାଯୋଗ୍ୟ, ଗତ ସାଧାରଣ ନିର୍ବାଚନରେ ରାଜ୍ୟରେ ଦଳର ଶୋଚନୀୟ ପରାଜୟ ପରେ ପୂର୍ବତନ ସଭାପତି ଶରତ ନାୟକ ସଭାପତି ପଦବୀରୁ ଇସ୍ତଫା ଦେଇଥିଲେ। ସେବେଠାରୁ ଏହି ପଦବୀ ଖାଲି ପଡିଥିଲା।

## ବରଗଡ଼ର ୩ ମନ୍ଦିରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା



**ବରଗଡ଼,୧୨।୨ (ସଂଚାର ବ୍ୟୁରୋ):** ଓଡ଼ିଶାର ସମ୍ଭାବ୍ୟ ପର୍ଯ୍ୟଟନସ୍ଥଳୀ ଗୁଡ଼ିକୁ ଚିହ୍ନଟ କରିବା ସହ ବହୁମାତ୍ରାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ସ୍ଥାୟୀ ପର୍ଯ୍ୟଟନର ବିକାଶ ତଥା ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଏବଂ ପ୍ରାକୃତିକ ଐତିହ୍ୟର ପ୍ରଭାବଶାଳୀ ପ୍ରଚାର ପ୍ରସାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବା ସହିତ ରାଜ୍ୟ ବିଭିନ୍ନ ଜିଲାରୁ ୨୦ଟି ନୂତନ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇଛନ୍ତି। ଏଥିରେ ବରଗଡ଼ ଜିଲାର ୩ ମନ୍ଦିର ଅର୍ଥାତ୍ ଭଟଲିର ଦଧିବାମନ ମନ୍ଦିର, ଅମ୍ବାଭୋନାର କେଦାରନାଥ ମନ୍ଦିର ଏବଂ ବରଗଡ଼ ବ୍ଲକର ବୈଷ୍ଣୋଦେବୀ ମନ୍ଦିର ରହିଛି। ଏହାଦ୍ୱାରା ଜିଲାରେ ବର୍ତ୍ତମାନ ସ୍ୱୀକୃତିପ୍ରାପ୍ତ ପର୍ଯ୍ୟଟନସ୍ଥଳୀର ସଂଖ୍ୟା ୧୩ କୁ ପହଞ୍ଚିଛି। ନୂତନଭାବେ ଚିହ୍ନଟ ହୋଇଥିବା ପର୍ଯ୍ୟଟନ କେନ୍ଦ୍ର ଗୁଡ଼ିକ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରକୁ ଆହୁରି ମଜବୁତ୍ କରିବ ଏବଂ ନିଯୁକ୍ତି, ନିବେଶ, ଆଞ୍ଚଳିକ ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବ ବୋଲ ସାଧାରଣରେ ଆଶା ପ୍ରକଟ କରାଯାଇଛି।

## ଓସିଏ ସଭାପତି ପଦ ପାଇଁ ପଙ୍କଜଙ୍କ ପ୍ରାର୍ଥିପତ୍ର ଦାଖଲ



**କଟକ,୧୨।୨(ସଂଚାର ବ୍ୟୁରୋ):** ଆସନ୍ତା ୨୩ ତାରିଖରେ ଓସିଏ ସଭାପତି ନିର୍ବାଚନ ହେବାକୁ ଥିବା ବେଳେ ଏହି ପଦ ସକାଶେ ଆଜି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ପୂର୍ବତନ ସଭାପତି ପଙ୍କଜ ଲୋଚନ ମହାନ୍ତି। ଓସିଏ ସଭାପତି ପଦରୁ ପ୍ରଣବ ପ୍ରକାଶ ଦାସ ଇସ୍ତଫା ଦେବା ପରେ କାର୍ଯ୍ୟକାରୀ ସଭାପତି ପଙ୍କଜ ଅସ୍ଥାୟୀ ଭାବେ ଏହି ଦାୟିତ୍ୱ ତୁଲାଇଆସୁଛନ୍ତି। ଶେଷ ଥର ପାଇଁ ଗତ ୨୦୨୨ ଅକ୍ଟୋବର ୨୮ ତାରିଖରେ ଓସିଏ ନିର୍ବାଚନ ହୋଇଥିଲା, ଯେଉଁଥିରେ ପ୍ରଣବ ସର୍ବସମ୍ମତି କ୍ରମେ ସଭାପତି ହୋଇଥିଲେ। କିନ୍ତୁ କାର୍ଯ୍ୟକାଳ ଶେଷ ହେବାର ୧୦ ମାସ ପୂର୍ବରୁ ସେ ଇସ୍ତଫା ଦେଇଥିଲେ। ଆଜି ଓସିଏର ସଦସ୍ୟଙ୍କ ଉପସ୍ଥିତରେ ପଙ୍କଜ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଆସନ୍ତା ୧୪ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ, ୧୫ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ୧୬ରେ ଚୂଡ଼ାନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା ହେବ। ପୂର୍ବରୁ ୨୦୧୯ରୁ ୨୦୨୨ ପର୍ଯ୍ୟନ୍ତ ଓସିଏର ସଭାପତି ଭାବେ ପଙ୍କଜ ଦାୟିତ୍ୱ ତୁଲାଇସାରିଛନ୍ତି। ତେଣୁ ଅଭିଜ୍ଞତା ଓ ପରିଚାଳନା ଦକ୍ଷତା ପାଇଁ ସେ ଓସିଏ ସଭାପତି ପଦ ପାଇଁ ରେସରେ ଆଗରେ ଅଛନ୍ତି।

● ରାଜଧାନୀରେ ଅପହରଣ

## ଅପହର୍ତ୍ତାଙ୍କୁ ଚକମା ଦେଇ ଖସିଆସିଲେ ଯୁବକ

**ଭୁବନେଶ୍ୱର,୧୨।୨(ସଂଚାର ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରରେ ବନ୍ଧୁକ ଦେଖାଇ ଯୁବକଙ୍କୁ ଅପହରଣ। କାରରେ ଖଣ୍ଡଗିରି ବଗ ପାର୍କ ନିକଟରୁ ଯୁବକଙ୍କୁ ଅପହରଣ। ତେବେ ତପୋବନ ନିକଟରେ ଅପହରଣକାରୀଙ୍କୁ ଚକମା ଦେଇ ଖସି ଆସିଲେ ଯୁବକ। ଏନେଇ ଅପହୃତ ଯୁବକ ଥାନାରେ ଅଭିଯୋଗ କରିଛନ୍ତି। ଯୁବକ ଜଣକ ହେଲେ ବୀରେନ୍ଦ୍ର ଗୌଡ଼। ଯୁବକଙ୍କ ଅଭିଯୋଗ ଅନୁଯାୟୀ ଭରତପୁର ଥାନା ପୁଲିସ ଘଟଣାର ତଦନ୍ତ କରୁଛି। ଯୁବକଙ୍କ ମୋବାଇଲକୁ ଅପହରଣକାରୀମାନେ ନେଇଯାଇଛନ୍ତି । ଫୋନ କରି ୨ ଲକ୍ଷ ଟଙ୍କା ପରିବାର ଲୋକଙ୍କୁ ଅପହରଣକାରୀ ମାଗୁଛନ୍ତି। ଟଙ୍କା ନଦେଲେ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି ଅପହରଣକାରୀ ବୋଲି ଯୁବକ ଜଣକ କହିଛନ୍ତି।



ଗୁରୁବାର ବିଧାନସଭା ଅଧିବେଶନ ପୂର୍ବରୁ ବୁଧବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

# ଅନୁଦାନପ୍ରାପ୍ତ କଲେଜ ଭିତ୍ତିଭୂମି ପାଇଁ ୧୦୪ କୋଟି



**ଗୁଣାତ୍ମକ ଶିକ୍ଷା ପ୍ରଦାନ ପ୍ରାଥମିକ ଲକ୍ଷ୍ୟ: ମନ୍ତ୍ରୀ**

**ଭୁବନେଶ୍ୱର,୧୨।୨(ସଂଚାର ବ୍ୟୁରୋ):** ରାଜ୍ୟର ୯୦ଟି ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର (ଏଡେଡ୍ କଲେଜ)ର ଭିତ୍ତିଭୂମି ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ ୧୦୪ କୋଟି ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବା ସକାଶେ ନିଷ୍ପତ୍ତି ହୋଇଛି। ଏହି ପ୍ରକଳ୍ପରେ ଉକ୍ତ ମହାବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟ କରାଯିବ। ଏଥିରେ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଛାତ୍ରାବାସ, କଲେଜରେ ଅତିରିକ୍ତ ଶ୍ରେଣୀ ଗୃହ, କମନ ରୁମ୍, ଲାଇବ୍ରେରୀ, ଲାବରେଟୋରୀ, କମ୍ପ୍ୟୁଟର ଲାବରେଟୋରୀ, ବହୁମୁଖୀ ହଲ୍,, ଆଡମିନିଷ୍ଟ୍ରେଟିଭ ବିଲଡିଂ, ଶୌଚାଳୟ ଆଦିର ନିର୍ମାଣ, ମରାମତି ବା ପୁନରୁଦ୍ଧାର କାର୍ଯ୍ୟ ଆଦି ସାମିଲ୍।

ମିଳିଥିବା ସୂଚନାନୁଯାୟୀ, ପ୍ରକଳ୍ପ ପାଇଁ ଅନୁମୋଦିତ ହୋଇଥିବା ସର୍ବମୋଟ ଧନରାଶିକୁ ପର୍ଯ୍ୟାୟ କ୍ରମେ ମହାବିଦ୍ୟାଳୟଗୁଡ଼ିକୁ ପ୍ରଦାନ କରାଯିବ। ପ୍ରଥମ ପର୍ଯ୍ୟାୟରେ ସର୍ବମୋଟ ଅର୍ଥରାଶିର ୩୩ ପ୍ରତିଶତ ପ୍ରଦାନ କରାଯିବ। ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଏହି ପ୍ରଥମ ପର୍ଯ୍ୟାୟ ଅର୍ଥରାଶି ପାଇବା ପରେ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥା ବା କେନ୍ଦ୍ର ସରକାରୀ ଉଦ୍ୟୋଗମାନଙ୍କ ଦ୍ୱାରା କାର୍ଯ୍ୟ ଆରମ୍ଭ କରିବା ସହ ମିଳିଥିବା ଅର୍ଥରାଶିର ବିନିଯୋଗ ପତ୍ର ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିବେ। ଏହି ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଆଭାସୀ ବୈଠକରେ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ ମହାବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଗୁଣବତ୍ତା ଶିକ୍ଷା ପ୍ରଦାନ କରିବା ଆମର ପ୍ରାଥମିକ ଲକ୍ଷ୍ୟ। ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବା ସହ ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ବିଭିନ୍ନ ପଦକ୍ଷେପମାନ ନିଆଯାଉଛି। ବୈଠକରେ ମନ୍ତ୍ରୀ ଶ୍ରୀ ସୂରଜ ଆଭାସୀ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ଲାଭ କରି ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ ପାଇଁ ପରାମର୍ଶ ଦେଇଛନ୍ତି। ଏଥିସହ ମହାବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟାର ଯେପରି ତ୍ୱରିତ ସମାଧାନ ହୋଇପାରିବ, ସେ ସମ୍ବନ୍ଧରେ ମଧ୍ୟ ମନ୍ତ୍ରୀ ଆଲୋଚନା କରିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ବଢ଼ିଲା ସୁନା ରେଟ୍

ବିବାହ ତିଥି ଆସିଯାଇଛି। ତେଣୁ ଗତ କିଛି ଦିନ ହେଲା ହୁ ହୁ ହୋଇ ବଢ଼ି ଚାଲିଛି ସୁନା ଦର। ଏହାକୁ ନେଇ ଚିନ୍ତାରେ ଗ୍ରାହକ। କିନ୍ତୁ ଆଜି ସୁନା ଦରରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ତେବେ ଗତକାଲି ଠାରୁ ଆଜିର ଦର ସାମାନ୍ୟ କମ୍ ରହିଛି। ଗତକାଲି ରାଜଧାନୀ ଭୁବନେଶ୍ୱରରେ ଭରିଏ ୨୨ କ୍ୟାରେଟ୍ ସୁନା ଦର ୮୦,୧୦୦ ଟଙ୍କା ଥିବା ବେଳେ ଆଜି ଏହା ହ୍ରାସ ପାଇ ୭୯,୪୦୦ ଟଙ୍କାରେ ପହଞ୍ଚିଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୬ ହଜାର ୬୭୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୭୯ ହଜାର ୪୦୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନାଦର ୮୬ ହଜାର ୬୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାଦର ୭୯ ହଜାର ୪୦୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୯,୪୦୦ ଟଙ୍କା ଓ ୮୬,୬୭୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୯, ୫୫୦ ଟଙ୍କା ଓ ୮୬, ୮୨୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୯,୪୦୦ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୬, ୬୭୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୯,୪୦୦ ଟଙ୍କା ଓ ୮୬,୬୭୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୯, ୫୦୦ ଟଙ୍କା ହୋଇଛି।

# ସେନସେକ୍ସ କମୁଛି, ସୁନା ଦର ବଢୁଛି

- ୫ ଦିନରେ କମିଲାଣି ୩ ହଜାର ପଏଣ୍ଟ
- ନିବେଶକ ହରାଇଲେଣି ୧୮ ଲକ୍ଷ କୋଟି
- ୮ ଦିନରେ ସୁନା ୨ ହଜାର ମହଙ୍ଗା

**ଭୁବନେଶ୍ୱର, ୧୨।୨:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଆମଦାନୀ ଶୁଳ୍କ ବୃଦ୍ଧି ଭଳି ଆକ୍ରମଣାତ୍ମକ ନିଷ୍ପତ୍ତି ଓ ଅନ୍ୟାନ୍ୟ ବୈଶ୍ୱିକ କାରଣରୁ ମୂଲ୍ୟବାନ ଧାତୁ ସୁନା ବଜାରରେ ନିଆଁ ଲାଗିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଭାରତୀୟ ଷ୍ଟକ୍ ବଜାର ଉପରେ ମଧ ଟ୍ରମ୍ପଙ୍କ ନୀତି ଓ ଅନ୍ୟାନ୍ୟ ବୈଶ୍ୱିକ କାରଣର ପ୍ରତିକୂଳ ପ୍ରଭାବ ପଡ଼ିଛି। ଏଥିଯୋଗୁ ଗୋଟିଏ ପଟେ ସୁନା ଦର ହୁ ହୁ ହୋଇ ବଢୁଥିବାବେଳେ ଅନ୍ୟପଟେ ଭାରତୀୟ ଷ୍ଟକ୍ ବଜାର ନିମ୍ନମୁଖୀ ହେଉଛି। ଗତ କିଛିଦିନ ହେଲା ଏହି ଧାରା ଦେଖିବାକୁ ମିଳୁଛି। ସୁନା ଦର ଉପରେ ନଜର ପକାଇଲେ ଜଣାଯାଇଛି ଯେ ଚଳିତମାସ ୪ ତାରିଖରୁ ୧୧ ତାରିଖ ମଧରେ ଭୁବନେଶ୍ୱର ବଜାରରେ ୨୨ କ୍ୟାରେଟ୍ ସୁନା ଦର ୨ ହଜାର ଟଙ୍କା ମହଙ୍ଗା ହୋଇଛି। ପ୍ରଥମ ଥର ପାଇଁ ୨୨ କ୍ୟାରେଟ୍ ସୁନା ଦର ୮୦ ହଜାର ଟଙ୍କା ଟପି ୮୦,୧୦୦ ଟଙ୍କାରେ ପହଞ୍ଚିଛି। ଗତକାଲି ତୁଳନାରେ ଦାମ୍ ୩୦୦ ଟଙ୍କା ବୃଦ୍ଧି ଘଟିଛି। ସେହିଭଳି ୨୪ କ୍ୟାରେଟ୍ ସୁନା ଦର ମଧ ୮୭,୩୮୦ ଟଙ୍କାରେ ପହଞ୍ଚିଛି। ସୋମବାର ତୁଳନାରେ ମଙ୍ଗଳବାର ୨୪ କ୍ୟାରେଟ୍ ସୁନା ଦରରେ ୩୨୦ ଟଙ୍କା ବୃଦ୍ଧି ଘଟିଛି। ସୁନା ଦରରେ ଦେଖାଦେଇଥିବା ବୃଦ୍ଧି ଗ୍ରାହକମାନଙ୍କ ଚିନ୍ତା ବଢ଼ାଇ ଦେଇଛି। ଯେଉଁଭଳି ଭାବେ ଦର ବଢୁଛି ଆଗାମୀ ଦିନରେ ସୁନା ଆହୁରି ମହଙ୍ଗା ହେବା ଆଶଙ୍କା କରି ସେମାନେ ଏହାକୁ ଏବେ କିଣିବାକୁ ବାଧ ହେଉଛନ୍ତି। ଜଣେ ବ୍ୟବସାୟୀଙ୍କ କହିବାନୁଯାୟୀ, ଗ୍ରାହକମାନେ ହାଲକା ଗହଣାକୁ ବର୍ତ୍ତମାନ ଅଧିକ ପସନ୍ଦ କରୁଛନ୍ତି। ଉଚ୍ଚା ଦର ପକେଟ୍‌କୁ ବାଧୁଥିବାରୁ ଗ୍ରାହକମାନେ ଏଭଳି କରୁଛନ୍ତି ବୋଲି ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି। ତେବେ ରୁପା ଦର କିଲୋଗ୍ରାମ ପିଛା ୧ ଲକ୍ଷ ୭ ହଜାର ଟଙ୍କାରେ ଗତ କିଛିଦିନ ହେଲା ଅପରିବର୍ତ୍ତିତ ରହିଛି।

ସୁନା ଦର ବଢୁଥିବାବେଳେ ଭାରତୀୟ ଇକ୍ୱିଟି ବଜାର କ୍ରମାଗତଭାବେ ଗତ ୫ ଦିନ ହେଲା ନିମ୍ନମୁଖୀ ହେବାରେ ଲାଗିଛି। ମଙ୍ଗଳବାର ସେନ୍‌ସେକ୍ସ ୧୦୧୮ ପଏଣ୍ଟ (୧.୩୨%) ହ୍ରାସ ପାଇ ୭୬୨୯୩ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନିଫ୍‌ଟି ଆଜି ୩୧୦ ପଏଣ୍ଟ(୧.୩୨%) ଖସି ୨୩୦୭୧.୮୦ ପଏଣ୍ଟରେ ବନ୍ଦ ହୋଇଛି। ୫ ଦିନରେ ସେନସେକ୍ସ ୨୨୯୦ ପଏଣ୍ଟ ହ୍ରାସ ପାଇବା ପରେ ନିବେଶକମାନେ ପ୍ରାୟ ୧୮ ଲକ୍ଷ କୋଟି ଟଙ୍କା ହରାଇଲେଣି। ଫେବ୍ରୁଆରି ୪ରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ବଜାରପୁଞ୍ଜି ୪୨୬ ଲକ୍ଷ କୋଟି ଟଙ୍କା ଥିବାବେଳେ ଆଜି ଏହା ୪୦୮ ଲକ୍ଷ କୋଟି ଟଙ୍କା ସ୍ତରକୁ ଖସିଆସିଛି। ସେହିଭଳି ନିଫ୍‌ଟି ଗତ ୫ଟି କାରବାର ଦିବସରେ ୬୬୭ ପଏଣ୍ଟ ବା ୨.୮ ପ୍ରତିଶତ ତଳକୁ ହ୍ରାସ ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ଆଲୁମିନିୟମ ଏବଂ ଇସ୍ପାତ ଆମଦାନୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଏଥିଯୋଗୁ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ମଧ ପାଲଟା ଶୁଳ୍କ ଲଗାଇବା ଆଶଙ୍କା ସୃଷ୍ଟି ହୋଇଛି। ଆମେରିକାର ବଣ୍ଡ୍ ବଜାର ରିଟର୍ଣ୍ଣରେ ଉନ୍ନତି ଆସିଛି। ଏଥିଯୋଗୁ ଗତ କିଛିମାସ ହେଲା ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ପୁଞ୍ଜି ପ୍ରତ୍ୟାହାର କରିବାରେ ଲାଗିଛନ୍ତି। ସେହିଭଳି ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ମଧ ପୁଞ୍ଜି ବଜାରକୁ ପ୍ରଭାବିତ କରିଛି। ଇକ୍ୱିଟି ବଜାର ନିମ୍ନମୁଖୀ ହେବା ଦ୍ୱାରା ଭାରତୀୟ ନିବେଶକମାନେ ଚିନ୍ତାରେ ପଡ଼ିଛନ୍ତି।







## ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୪ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଇସ୍ପାତ ଉପରେ ଆମେରିକାର ଆମଦାନୀ ଶୁଳ୍କକୁ ନେଇ ଆଇଏସ୍‌ଏର ଉଦ୍‌ବେଗ



**ନୂଆଦିଲ୍ଲୀ, ୧୨।୨:** ଇସ୍ପାତ ଆମଦାନୀ ଉପରେ ଆମେରିକା ନେଇଥିବା ଶୁଳ୍କ ଲାଗୁ ନିଷ୍ପତ୍ତିକୁ ନେଇ ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନ୍ (ଆଇଏସ୍‌ଏ) ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଆଇଏସ୍‌ଏର ସଭାପତି ତଥା ଜିନ୍ଦଲ୍ ଷ୍ଟିଲ୍ ଏଣ୍ଡ୍ ପାୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲ ଏକ ବିବୃତ୍ତିରେ କହିଛନ୍ତି, ଏହି ପଦକ୍ଷେପ ବିଶ୍ୱ ବାଣିଜ୍ୟକୁ ଆହୁରି ବିପର୍ଯ୍ୟସ୍ତ କରିବା ସହିତ ଇସ୍ପାତ ଶିଳ୍ପ ପାଇଁ ଅଧିକ ସମସ୍ୟା ସୃଷ୍ଟି କରିବ। ତାଙ୍କ ମତରେ ପ୍ରମୁଖ ଇସ୍ପାତ ଆମଦାନୀକାରୀ ଆମେରିକା ଐତିହାସିକ ଭାବେ ଅନେକ କଠୋର ବାଣିଜ୍ୟ ପ୍ରତିବନ୍ଧକ ଲଗାଇଛି। ଭାରତୀୟ ଇସ୍ପାତ ବିରୋଧରେ ୩୦ରୁ ଅଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସଦ୍ୟତମ ଶୁଳ୍କ ବୃଦ୍ଧି ଯୋଗୁ ଯୁକ୍ତରାଷ୍ଟ୍ର ଆମେରିକାକୁ ଇସ୍ପାତ ରପ୍ତାନି ୮୫% ହ୍ରାସ ପାଇବ। ଭାରତରେ ଇସ୍ପାତ ଆମଦାନୀ ପ୍ରତିବନ୍ଧକ ନଥିବାରୁ ଆମ ଦେଶକୁ ବିଭିନ୍ନ ସ୍ଥାନରୁ ବହୁମାତ୍ରାରେ ଇସ୍ପାତ ପ୍ରବେଶ କରିବ। ମୂଲ୍ୟ ହ୍ରାସ ଠାରୁ ଆରମ୍ଭ କରି ଭାରତୀୟ ଇସ୍ପାତ ଶିଳ୍ପକୁ ଏହା ବିଭିନ୍ନ ପ୍ରକାର ବିପଦରେ ପକାଇବ ବୋଲି ଶ୍ରୀ ଜିନ୍ଦଲ କହିଛନ୍ତି। ଦୀର୍ଘଦିନ ଧରି ଲାଗି ରହିଥିବା ମୂଲ୍ୟାନୁପାତିକ ଶୁଳ୍କ ଏବଂ ପ୍ରତିସ୍ଥାପୀକରଣ ଶୁଳ୍କକୁ ହଟାଇବା ଏବଂ ପ୍ରତିବନ୍ଧକ ମୂଳକ ପଦକ୍ଷେପରୁ ମୁକ୍ତି ପାଇବା ପାଇଁ ତୁରନ୍ତ କୂଟନୈତିକ ପଦକ୍ଷେପ ନେବାକୁ ଆଇଏସ୍‌ଏ ପକ୍ଷରୁ ଭାରତ ସରକାରଙ୍କୁ ଅନୁରୋଧ କରାଯାଇଛି।

# ୪ ମାସରେ ଟଙ୍କା ୩.୩% ଦୁର୍ବଳ

**ନୂଆଦିଲ୍ଲୀ, ୧୨।୨:** ମୁଦ୍ରା ବିନିମୟ ବଜାରରେ ଡଲାର ତୁଳନାରେ ଟଙ୍କା ଦର ଗତ କିଛିମାସ ହେଲା କମିବାରେ ଲାଗିଛି। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଘେରିଛନ୍ତି। ଏଭଳି ସ୍ଥିତିରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଏହି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି। ଉଭୟ ଘରୋଇ ଏବଂ ବୈଦେଶିକ କାରଣରୁ ମୁଦ୍ରା ମୂଲ୍ୟରେ ଅସ୍ଥିରତା ଦେଖାଦେଇଛି। ଡଲାର ସୂଚୀ, ପୁଞ୍ଜି ପ୍ରବାହ ଧାରା ଏବଂ ସୁଧ ହାରର ସ୍ତର ଆଦି ମୁଦ୍ରା ବିନିମୟ ହାରକୁ ପ୍ରଭାବିତ କରିଛି ବୋଲି ଅର୍ଥମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

୨୦୨୪ ଅକ୍ଟୋବରରୁ ୨୦୨୫ ଜାନୁଆରି ମଧରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ଦର ୩.୩ ପ୍ରତିଶତ ଦୁର୍ବଳ ହୋଇଛି। କିନ୍ତୁ ଏସିଆର ଅନ୍ୟାନ୍ୟ ଦେଶର ମୁଦ୍ରା ତୁଳନାରେ ଭାରତୀୟ ମୁଦ୍ରାର ହ୍ରାସ କମ୍ ରହିଛି ବୋଲି ସେ ଯୁକ୍ତି ରଖିଛନ୍ତି। ଦକ୍ଷିଣ କୋରିଆ ମୁଦ୍ରା ୱନ୍ ଏବଂ ଇଣ୍ଡୋନେସିଆ ମୁଦ୍ରା ରୁପିଆ ଉପରୋକ୍ତ ସମୟ ମଧରେ ଯଥାକ୍ରମେ ୮.୧ ପ୍ରତିଶତ ଏବଂ ୬.୯ ପ୍ରତିଶତ ହ୍ରାସ ପାଇଛି। ସମସ୍ତ ଜି-୧୦ ମୁଦ୍ରା ଏହି ସମୟ ମଧରେ ୬ ପ୍ରତିଶତରୁ ଅଧିକ ଖସିଛି। ୟୁରୋ ମୂଲ୍ୟରେ ୬.୭ ପ୍ରତିଶତ ଏବଂ ବ୍ରିଟିସ ପାଉଣ୍ଡ୍ ମୂଲ୍ୟରେ ୭.୨ ପ୍ରତିଶତ ହ୍ରାସ ଘଟିଛି। ଏଥିସହିତ ରାଜ୍ୟଗୁଡ଼ିକୁ ପାଣ୍ଠି ସ୍ଥାନାନ୍ତର କିଛି କମିନାହିଁ ବୋଲି ଅର୍ଥମନ୍ତ୍ରୀ ଏହି ଅବସରରେ ସୂଚନା ଦେଇଛନ୍ତି। ୨୦୨୫-୨୬ରେ ରାଜ୍ୟଗୁଡ଼ିକୁ ୨୫.୦୧ ଲକ୍ଷ କୋଟି ଟଙ୍କା ସ୍ଥାନାନ୍ତର ହେବ। ସେହିଭଳି ୨୦୨୫-୨୬ରେ ପ୍ରଭାବୀ ପୁଞ୍ଜି ବ୍ୟୟ ୧୫.୪୮ ଲକ୍ଷ କୋଟି ଟଙ୍କା ରହିବ, ଯାହାକି ଜିଡିପିର ୪.୩ ପ୍ରତିଶତ। ଆସନ୍ତା ଆର୍ଥିକବର୍ଷ ପାଇଁ ବିତ୍ତୀୟ ନିଅଣ୍ଟ ଜିଡିପିର ୪.୪ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି। ଏହା ଦର୍ଶାଉଛି ଯେ ସରକାର ଋଣ ବାବଦରେ ଆଣୁଥିବା ସମ୍ବଳକୁ ପୁଞ୍ଜିବ୍ୟୟରେ ବିନିଯୋଗ କରୁଛନ୍ତି। ଆସନ୍ତା ଆର୍ଥିକବର୍ଷରେ ଋଣର ୯୯ ପ୍ରତିଶତ ପୁଞ୍ଜି ସଂପତ୍ତି ସୃଷ୍ଟି କରିବାରେ ଉପଯୋଗ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ଅର୍ଥମନ୍ତ୍ରୀ ଆଜି ଲୋକସଭାରେ କହିଛନ୍ତି। ମୁଦ୍ରାସ୍ଫୀତି ଧାରା , ବିଶେଷକରି ଖାଦ୍ୟ ମୁଦ୍ରାସ୍ଫୀତି ହ୍ରାସ ପରିଲକ୍ଷିତ ହେଉଛି। ସରକାର ମୁଦ୍ରାସ୍ଫୀତି ପରିଚାଳନା ଉପରେ ସର୍ବାଧିକ ଅଗ୍ରାଧିକାର ଦେଉଛନ୍ତି ବୋଲି ଅଥର୍ମନ୍ତ୍ରୀ ସୂଚନା ଦେଇଛନ୍ତି।





# ଅକ୍ଷୟ ଶକ୍ତିରେ ନିବେଶ କରିବ ଏଚ୍‌ଆଇଏଫ୍

**ଭୁବନେଶ୍ୱର,୧୨।୨:** ଓଡ଼ିଶାର ଅକ୍ଷୟ ଶକ୍ତିରେ ନିବେଶ ପାଇଁ ଚିଳିର ଏଚ୍‌ଆଇଏଫ୍ ଗ୍ଲୋବାଲ ଇଣ୍ଡିଆ ଆଗ୍ରହ ପ୍ରକାଶ କରିଛନ୍ତି। ମଙ୍ଗଳବାର ସମ୍ମିଳନୀ କକ୍ଷରେ ଇ-ଫୁଏଲ ଉତ୍ପାଦନ ନେଇ ଏକ ଉପସ୍ଥାପନା ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଉପସ୍ଥିତିରେ ପ୍ରଦର୍ଶନ କରିଛନ୍ତି। ବର୍ତ୍ତମାନ ସମୟରେ ବାୟୋଫୁଏଲର ବହୁତ ଚାହିଦା ରହିଛି। ପରିବେଶ ସୁରକ୍ଷା ସହ ଜୈବମଣ୍ଡଳର ସନ୍ତୁଳନ ରକ୍ଷା ନିମନ୍ତେ ଇ-ଫୁଏଲ ର ଆବଶ୍ୟକତା ରହିଛି। ଏଚ୍‌ଆଇଏଫ୍ ଗ୍ଲୋବାଲ ଇଣ୍ଡିଆ କମ୍ପାନୀ ସମ୍ପ୍ରତି ଯୁକ୍ତରାଷ୍ଟ୍ର ଆମେରିକା, ଚିଲି, ଉରୁଗୁଏ, ଅଷ୍ଟ୍ରେଲିଆ ପ୍ରଭୃତି ଦେଶରେ ମିଥାନଲ ସିନ୍ଥେସିସ କ୍ଷେତ୍ରରେ କାର୍ଯ୍ୟ କରୁଛି। ଓଡ଼ିଶା ମଧ ଏହିଭଳି ଏକ ୧ ବିଲିୟନ ଆମେରିକୀୟ ଡଲାରର ମିଥାନଲ ସିନ୍ଥେସିସ୍ ପ୍ରକଳ୍ପ ଆରମ୍ଭ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଆବଶ୍ୟକ ଅନୁଯାୟୀ ୫୦ ଏକର ଜମି, ଜଳଯୋଗାଣ ଓ ବିଦ୍ୟୁତ୍ ଯୋଗାଣ ଭଳି ଆନୁଷଙ୍ଗିକ ସୁବିଧା ଯୋଗାଇଦେବା ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଓଡ଼ିଶା ବର୍ତ୍ତମାନ ନିବେଶ ପାଇଁ ଶତପ୍ରତିଶତ ଅନୁକୂଳ। ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ଆମେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ପ୍ରସ୍ତୁତ ଅଛୁ। ଆମର ନିବେଶ ଅନୁକୂଳ ସିଙ୍ଗଲ୍ ୱିଣ୍ଡୋ ଅନୁମୋଦନ ବ୍ୟବସ୍ଥା ଅଛି। ଏହାର ବ୍ୟବହାର ମଧ କମ୍ପାନୀ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରାରମ୍ଭିକ କ୍ଷେତ୍ରରେ ୨୫୦ରୁ ଊର୍ଦ୍ଧ୍ୱ ଲୋକ ଓ ପରବର୍ତ୍ତୀ ସମୟରେ ୫୦୦ରୁ ଊର୍ଦ୍ଧ୍ୱ ଲୋକ ରୋଜଗାର ପାଇବେ ବୋଲି ଆକଳନ କରାଯାଇଛି ଏବଂ ବାର୍ଷିକ ୩,୫୦,୦୦୦ ଟନର ଇ-ମିଥାନଲ ଉତ୍ପାଦନ ହେବ। ୯୫ ପ୍ରତିଶତ କାର୍ବନ ନିର୍ଗମନ ହ୍ରାସ ପାଇବ। ଏହି ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ଇପିକଲ ଏମ୍‌ଡି ଭୂପିନ୍ଦର ସିଂ ପୁନିଆ, ଟାଟା ପାୱାର ଓ ଶକ୍ତି ବିଭାଗ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।



## ଡିଜ୍‌ନି ଓ ହଟ୍‌ଷ୍ଟାର୍ ସେବା ଠପ୍

### ଆକାଉଣ୍ଟ ଆକ୍ସେସ୍ ସହ ଭିଡିଓ ଦେଖି ପାରୁନାହାନ୍ତି ୟୁଜର୍ସ

**ନୂଆଦିଲ୍ଲୀ,୧୨।୨:** ଭାରତରେ ଭିଡିଓ ଷ୍ଟ୍ରିମିଂ ପ୍ଲାଟଫର୍ମ ଡିଜ୍‌ନି ଓ ହଟ୍‌ଷ୍ଟାର୍‌ର ସେବା ଡାଉନ୍ ହୋଇଯାଇଛି। ଅନେକ ୟୁଜର୍ସ ସୋସିଆଲ ମିଡିଆରେ ଏହି ସମସ୍ୟା ବିଷୟରେ ସୂଚନା ଦେଇଛନ୍ତି। ଭିଡିଓ ଷ୍ଟ୍ରିମିଂ ପ୍ଲାଟଫର୍ମଟି ମୋବାଇଲ, ୱେବ ଏବଂ ସ୍ମାର୍ଟ ଟିଭିରେ ଉପଲବ୍ଧ, କିନ୍ତୁ ୱେବ ଏବଂ ବଡ଼ ସ୍କ୍ରିନ ଡିଭାଇସଗୁଡ଼ିକରେ ଏହି ସେବା ପହଞ୍ଚିବାରେ ଅସୁବିଧା ହେଉଛି। ଆଉଟେଜ ଟ୍ରାକର୍ ଡାଉନଡିଟେକ୍ଟର ମଧ ଡିଜ୍‌ନି ଓ ହଟ୍‌ଷ୍ଟାର୍ ଠପ୍ ହେବା ନିଶ୍ଚିତ କରିଛି। ଏହି ସମସ୍ୟା ବୁଧବାର ଅର୍ଥାତ୍ ଆଜି ପ୍ରାୟ ୧୨:୩୫ ସମୟରେ ଆରମ୍ଭ ହୋଇଥିଲା। ଏହା ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ ଭଳି ସହରର ଲୋକମାନଙ୍କୁ ପ୍ରଭାବିତ କରୁଛି। ଡିଜ୍‌ନି ଓ ହଟ୍‌ଷ୍ଟାର୍‌ର ସେବା ବନ୍ଦ ହେବା ବିଷୟରେ ୟୁଜର୍ସ ସୋସିଆଲ ମିଡିଆରେ ଅଭିଯୋଗ କରୁଛନ୍ତି। ଏହି ବିଭ୍ରାଟ ୱେବ ଏବଂ ସ୍ମାର୍ଟ ଟିଭି ୟୁଜର୍ସଙ୍କୁ ପ୍ରଭାବିତ କରୁଥିବାବେଳେ, ମୋବାଇଲରେ ଡିଜ୍‌ନି ଓ ହଟ୍‌ଷ୍ଟାର୍ ସେବା ଏବେ ବି ସ୍ୱାଭାବିକ ଭାବରେ କାମ କରୁଛି। ଏପର୍ଯ୍ୟନ୍ତ, କମ୍ପାନୀ ପକ୍ଷରୁ ବିଭ୍ରାଟର କାରଣ କିମ୍ବା ଏହାକୁ ସଜାଡ଼ିବା ପାଇଁ କେତେ ସମୟ ଲାଗିବ ସେ ବିଷୟରେ କୌଣସି ସରକାରୀ ବିବୃତ୍ତି ଦିଆଯାଇ ନାହିଁ।

## ୧୬୧ଟଙ୍କା ରିଚାର୍ଜ କଲେ ମିଳିବ ୧୨ଜିବି ଡାଟା

**ନୂଆଦିଲ୍ଲୀ, ୧୨।୨:** ଆପଣ ଏକ ଶସ୍ତା ଏବଂ ଦୀର୍ଘସ୍ଥାୟୀ ରିଚାର୍ଜ ଯୋଜନା ଖୋଜୁଛନ୍ତି, ତେବେ ଏହି ଯୋଜନା ଆପଣଙ୍କ ପାଇଁ। ଏୟାରଟେଲର ଏହି ପ୍ଲାନରେ, ଆପଣଙ୍କୁ କେବଳ ଡାଟା ଏବଂ ଓଟିଟି ପ୍ଲାଟଫର୍ମର ସବସ୍କ୍ରିପସନ ମିଳିବ। ଏୟାରଟେଲ ଆପଣଙ୍କୁ ୧୬୧ ଟଙ୍କାରେ ୧୨ଜିବି ଡାଟା ମିଳିବ। ଏହା ବ୍ୟତୀତ, ଆପଣ ବିଭିନ୍ନ ଓଟିଟି ପ୍ଲାଟଫର୍ମର ସବସ୍କ୍ରିପସନ ମଧ ପାଇପାରିବେ। ଯଦି ଆପଣ ଏୟାରଟେଲର ଏହି ପ୍ଲାନ ନିଅନ୍ତି, ତେବେ ଆପଣଙ୍କୁ ୩୦ ଦିନ ପର୍ଯ୍ୟନ୍ତ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଆପଣ ୩୦ ଦିନରେ ୧୨ଜିବି ଡାଟା ବ୍ୟବହାର କରିପାରିବେ। ଯଦି ଆପଣ ସମାନ ମୂଲ୍ୟ ସୀମାରେ ଥିବା ଏୟାରଟେଲର ଅନ୍ୟ ଯୋଜନାଗୁଡ଼ିକୁ ଦେଖନ୍ତି, ତେବେ ଆପଣ ଏହାଠାରୁ ଅଧିକ ଡାଟାର ଲାଭ ପାଇପାରିବେ। ଏହି ଏୟାରଟେଲ ଯୋଜନାରେ, ଆପଣ ୩୦ ଦିନର ବୈଧତା ସହିତ ୧୫ ଜିବି ଡାଟା ମାଗଣାରେ ପାଉଛନ୍ତି। ଏହି ତଥ୍ୟ ବ୍ୟବହାର କରି ଆପଣ ଅନଲାଇନରେ ସିନେମା, ୱେବ ସିରିଜ ଦେଖିପାରିବେ ଏବଂ ଗେମ ଖେଳିପାରିବେ। ସବୁଠାରୁ ଭଲ କଥା ହେଉଛି ଏହି ଯୋଜନାରେ ଆପଣଙ୍କୁ ଏୟାରଟେଲ୍ ଏକ୍ସଟ୍ରିମ୍ ପ୍ଲେ ପ୍ରିମିୟମର ସବସ୍କ୍ରିପସନ ମଧ ମିଳିବ। ଏଥିରେ ଆପଣ ୨୨ରୁ ଅଧିକ ଓଟିଟି ପ୍ଲାଟଫର୍ମର ଆକ୍ସେସ ପାଉଛନ୍ତି। ଏହି ଏୟାରଟେଲ ଯୋଜନାରେ, ଆପଣଙ୍କୁ ଅସୀମିତ କଲିଂ ଏବଂ ଡେଟା ଉଭୟର ଲାଭ ମିଳୁଛି। ଆପଣ ୧୯୯ ଟଙ୍କାରେ ପ୍ରତିଦିନ ୨ ଜିବି ଡାଟା ବ୍ୟବହାର କରିପାରିବେ। ଅସୀମିତ ଭଏସ କଲିଂ ଏବଂ 28 ଦିନର ବୈଧତା ପାଇପାରିବେ। ଏହି ଯୋଜନାରେ ଆପଣ ଏୟାରଟେଲ ଏକ୍ସଷ୍ଟ୍ରିମ ପ୍ଲେ ପ୍ରିମିୟମର ସବସ୍କ୍ରିପସନ ମଧ ପାଇବେ।

# ୧୦ଟଙ୍କା ରିଚାର୍ଜ ଓ ୩୬୫ ଦିନ ବୈଧତା ଅନିବାର୍ଯ୍ୟ କଲେ ଟ୍ରାଇ

## ଦ୍ୱିତୀୟ ସୀମ୍ ଆକ୍ଟିଭେଟ ରଖିବା ଏବେ ହେବ ଶସ୍ତା

ନୂଆଦିଲ୍ଲୀ ୧୨।୨: ଟେଲିକମ ରେଗୁଲେଟର 'ଟ୍ରାଇ' ଦେଶର ୧୨୦କୋଟିରୁ ଅଧିକ ମୋବାଇଲ ୟୁଜରଙ୍କ ହୀତରେ ନୂଆ ନିୟମ ଜାରି କରିଛନ୍ତି। ଯାହାଦ୍ୱାରା ଆପଣଙ୍କ ମୋବାଇଲ ଅନୁଭବ ଆହୁରି ସହଜ, ଶସ୍ତା ଓ ସୁବିଧାଜନକ ହୋଇପାରିବ। ଆସନ୍ତୁ ବିସ୍ତାରରେ ବୁଝନ୍ତୁ ଏହି ପରିବର୍ତ୍ତନ ଆପଣଙ୍କ ପାଇଁ କ'ଣ ନୂଆ ନେଇ ଆସିଛି।

**ଟ୍ରାଇଙ୍କ ନୂଆ ନିୟମର ମୁଖ୍ୟ ବିଶେଷତା:** ଏବେ ଟୁ-ଜି ଫିଚର ଫୋନ ୟୁଜରଙ୍କ ଲାଗି ଭଏସ ଓ ଏସଏମଏସ ସେବା ବ୍ୟବହାର କରିବା ପାଇଁ ବିଶେଷ ଟାରିଫ ଭାଉଚର (ଏସଟିଭି) ଅନିବାର୍ଯ୍ୟ କରାଯାଇଛି। ଏହି ପଦକ୍ଷେପ ବିଶେଷ କରି ଗ୍ରାମୀଣ ଅଞ୍ଚଳ, ବୟସ୍କ ଓ ସେହି ୟୁଜରଙ୍କ ନିମନ୍ତେ ଲାଭଦାୟକ ଯେଉଁମାନେ କେବଳ ଭଏସ ଓ ଏସଏମଏ ସେବା ଆବଶ୍ୟକ କରୁଛନ୍ତି। ଏବେ ଏସଟିଭି ଭାଉଚରର ଭେଲିଡିଟି ୯୦ ଦିନରୁ ବଢାଇ ୩୬୫ ଦିନ କରିଦିଆଯାଇଛି। ଏହା ଦ୍ୱାରା ୟୁଜରଙ୍କୁ ବାରମ୍ବାର ରିଚାର୍ଜ କରିବାକୁ ପଡିବ ନାହିଁ ଓ ସେମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ଲାନର ଲାଭ ମିଳିବ।




**କଲର କୋଡିଂ ସମାପ୍ତ:** ଅନଲାଇନ ରିଚାର୍ଜର ବଢୁଥିବା ଲୋକପ୍ରୀୟତାକୁ ନଜରରେ ରଖି ଫିଜିକାଲ ଭାଉଚରରେ ବ୍ୟବହାର ହେଉଥିବା କଲର କୋଡିଂକୁ ସମାପ୍ତ କରିଦିଆଯାଇଛି। ଏବେ ଅଲଗା ଅଲଗା କ୍ୟାଟଗରୀର ରିଚାର୍ଜ ପାଇଁ ଅଲଗା ଅଲଗା କଲର କୋଡିଂର ଆବଶ୍ୟକତା ପଡିବ ନାହିଁ। ଏଣୁ ପ୍ରକ୍ରିୟା ଆହୁରି ସରଳ ହୋଇଯିବ।

**୧୦ଟଙ୍କାର ଟପଅପ ଭାଉଚରରେ ପରିବର୍ତ୍ତନ:** ୧୦ଟଙ୍କାର ଟପଅପ ଭାଉଚର ବାଧତାମୂଳକ କରାଯାଇଛି, କିନ୍ତୁ ଏହା ସହିତ ଟେଲିକମ କମ୍ପାନୀମାନଙ୍କୁ ଅନ୍ୟ ମୂଲ୍ୟବର୍ଗର ଟପ ଅପ ଭାଉଚର ଜାରି କରିବାକୁ ଅନୁମତି ମଧ ଦିଆଯାଇଛି। ଏହା ଦ୍ୱାରା କମ୍ପାନୀମାନେ ୟୁଜରଙ୍କ ଲାଗି ଆହୁରି ବି ବିକଳ୍ପ ପ୍ରଦାନ କରିପାରିବେ।

**ୟୁଜରଙ୍କୁ କିପରି ମିଳିବ ଲାଭ:** ଜୁଲାଇରେ ଘରୋଇ ଟେଲିକମ କମ୍ପାନୀ ରିଚାର୍ଜ ପ୍ଲାନ ମହଙ୍ଗା କରିବା ପରେ ଦୁଇଟି ସିମ୍ କାର୍ଡ ଓ ଫିଚର ଫୋନ ୟୁଜରଙ୍କୁ ସମସ୍ୟା ହୋଇଥିଲା। ଟ୍ରାଇଙ୍କ ଏହି ନୂଆ ନିଷ୍ପତ୍ତିରେ ଏବେ କେବଳ ଭଏସ ଓ ଏସଏମଏସ ସେବା ଉପଯୋଗ କରୁଥିବା ୟୁଜର୍ସଙ୍କ ନିମନ୍ତେ ଲାଭଦାୟକ ରିଚାର୍ଜ ପ୍ଲାନ ଉପଲବ୍ଧ ହେବ। ନୂଆ ନିୟମ ଅନୁସାରେ ଟେଲିକମ କମ୍ପାନୀ ବିଭିନ୍ନ ମୂଲ୍ୟବର୍ଗର ଟପ ଅପ ଭାଉଚର ଉପସ୍ଥାପନ କରିପାରିବେ। ଫଳରେ ୟୁଜରଙ୍କୁ ସେମାନଙ୍କ ଆବଶ୍ୟକତା ଅନୁସାରେ ଭଲ ବିକଳ୍ପ ମିଳି ପାରିବ।

# ସରକାରୀ ଚାକିରିଆ ପରେ ଆୟକରଦାତାଙ୍କୁ ରାସନ ଛାଟ

- ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆୟକର ଦାତାଙ୍କ ଦରଖାସ୍ତ
- ଆଗକୁ ଗାଡି। କୋଠାଘର ଓ ବିଜୁଳି ବିଲର ତଦନ୍ତ
- ୨ଦିନ ପରେ ସରିବ ଅବଧି



କାକଟପୁର/ଅସ୍ତରଙ୍ଗ।୧୨।୦୨(ସଂଚାର ବ୍ୟୁରୋ): ରାସନ କାର୍ଡ କଟିଯିବା ତାତି ନିଆଁ ଧରିଛି। ବର୍ଷ ବର୍ଷ ଧରି କଣ୍ଟ୍ରୋଲ ସାମଗ୍ରୀ ଆଗଭଳି ଆଉ ମିଳିବ ନାହିଁ ଆଭାସ ପାଇ ଏବେ ଅସ୍ତରଙ୍ଗ ବ୍ଲକରେ ହିତାଧିକାରୀମାନଙ୍କ ଭୀଷଣ ଭିଡ଼ ପରିଲିଖିତ ହୋଇଛି। ଏ ସଂକ୍ରାନ୍ତୀୟ ଦରଖାସ୍ତ ରଖି ରଖି ନାକେଦମ୍ ହୋଇ ପଡିଲେଣି ଯୋଗାଣ ନିରୀକ୍ଷକ। ଚାକିରିଆ ପରେ ଏବେ ଆୟକରଦାତାଙ୍କ ଉପରେ ଆରମ୍ଭ ହୋଇଛି ରାସନ କାର୍ଡ ପ୍ରହାର। ରାସନ କାର୍ଡ ହାତେଇଥିବା ଆୟକରଦାତାଙ୍କୁ ତାଲିକା ଏବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ପ୍ରତ୍ୟେକ ପଂଚାୟତକୁ ପଠାଇ ଦିଆଯାଇଛି। ଏହି କ୍ରମରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଟି ପଂଚାୟତରେ ୭ଶହ ୦୫ଜଣଙ୍କର ନାଁ ସାମ୍ନାକୁ ଆସିଛି ବୋଲି ଅସ୍ତରଙ୍ଗ ଯୋଗାଣ ନିରୀକ୍ଷକ ଶିବପ୍ରସାଦ ମହାନ୍ତି ସୂଚନା ଦେଇଛନ୍ତି। ଏହି ସବୁ ହିତାଧିକାରୀଙ୍କ ତାଲିକା ତୁରନ୍ତ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯାଞ୍ଚ ପରେ ଏହି ଆୟକରଦାତାଙ୍କର ନାଁ ବି ରାସନ କାର୍ଡ ତାଲିକାରୁ କାଟ ହେବ ବୋଲି ଆଶା କରାଯାଉଛି। ସେଥିପାଇଁ ରାସନ କାର୍ଡ ହିତାଧିକାରୀ ଙ୍କ ଭିତରେ ଭୟ ଖେଳିଯାଇଛି। ସୂଚନା ମୁତାବକ। କିଛି ଦିନ ତଳେ ସରକାର ରାସନ କାର୍ଡ ତାଲିକାରେ ଥିବା ସରକାରୀ କର୍ମଚାରୀଙ୍କୁ ଠାବ କରିଥିଲେ। ଶିକ୍ଷକ ଙ୍କ ଠାରୁ ଆରମ୍ଭ କରି କଲେଜ ଅଧ୍ୟାପକ। ବରିଷ୍ଠ ଅଧିକାରୀଙ୍କ ଯାଏ ବି ଏଚଆରଏମ୍ଏସ ପୋର୍ଟାଲରେ ପଞ୍ଜିକୃତ ହୋଇଥିଲେ ଏବଂ ସରକାରୀ ରାଜକୋଷରୁ ଦରମା ନେଉଥିଲେ। ସରକାର ସବୁ ସରକାରୀ ଚାକିରିଆଙ୍କର ନାଁ ଏବଂ ଠିକଣା ବାହାର କରି ଜାନୁୟାରୀ ୩୧ତାରିଖ ସୁଦ୍ଧା କାର୍ଡ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଥ୍ୟ ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୬୨ଟି ଚାକିରିଆ ପରିବାର ଠାବ ହୋଇଥିବା ବେଳେ ଯାଞ୍ଚ ରେ ୩୨ଜଣଙ୍କର କାଟିସାରିଛି। ଆଉ କିଛି ଯାଞ୍ଚ ଚାଲିଛି। ସେହିପରି ଅସ୍ତରଙ୍ଗ ବ୍ଲକ ୧୫ଟି ପଂଚାୟତ ରେ ୭ଶହ ୦୫ଜଣ ଆୟକରଦାତାଙ୍କର ତାଲିକା ଆସିଛି। ସେଥିରୁ ୩ଜଣ ଏଯାବତ କାର୍ଡ ଫେରସ୍ତ କରିଛନ୍ତି। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତ ଆୟକର ଦାତା ଯଥା ଆଳଙ୍ଗପୁର ୫୬ଟି। ଆଳସାହି ୬୧ଟି। ଅସ୍ତରଙ୍ଗ ୬୫ଟି। ଛୁରିଆନା ୩୨ଟି। କେନ୍ଦ୍ରାପଟି ୫୭ଟି। କୋରଣା ୩୯ଟି। ମାଣ୍ଡୁକି ୨୯ଟି। ନଗର ୪୪ଟି। ନଈଗୁଆଁ ୮୫ଟି। ନୂଆଗଡ ୭୧ଟି। ପାଟଳଦା ୨୯ଟି। ସରିପୁର ୭୩ଟି। ଶିଶୁଅ ୪୧ଟି ଓ ତାଳଦା ୨୩ଟି ଆୟକର ଥିବା ବେଳେ ମୋଟ ୭ଶହ ୦୫ଜଣ ଆୟକରଦାତା ତାଲିକା ଆସିଛି। ଉକ୍ତ ପ୍ରତିକାର୍ଡରେ ହାରାହାରି ପ୍ରାୟ ୪ଜଣ ଲେଖାଏଁ ସଦସ୍ୟ ରାସନ ହାତାଉଥିଲେ। ମୋଟ ଉପରେ ପରିବାର ସଂଖ୍ୟା ୨୯ଶହ ୯୧ଜଣ ହିତାଧିକାରୀ ବହୁ ବର୍ଷ ହେଲା ରାସନ ସାମଗ୍ରୀ ହାତେଇଥିବା ବିଭାଗୀୟ ତଥ୍ୟରୁ ସ୍ପଷ୍ଟ ହୋଇଛି। ବହୁ ସ୍ଥଳରେ କିନ୍ତୁ ଲୋକମାନେ ବ୍ୟବସାୟ ବା ଚାଷବାସ ନିମନ୍ତେ ଅଟୋ। କୃଷିଯନ୍ତ୍ରପାତି ଆଦି ବ୍ୟାଙ୍କରୁ ଋଣ ନେଇ କ୍ରୟ କରିଛନ୍ତି। ଋଣ ଆବେଦନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଆୟ ପ୍ରମାଣପତ୍ର ଆବେଦନକାରୀମାନଙ୍କ ଠାରୁ ନିୟମ ଦୃଷ୍ଟିରୁ ଗ୍ରହଣ କରିଥାନ୍ତି। ଏବେ ସେହି ଆୟ ପ୍ରମାଣପତ୍ରକୁ ଗଣ୍ଡି କରାଯାଇଛି। ଫଳରେ ଶତାଧିକ ରାସନକାର୍ଡ ହିତାଧିକାରୀ ଉକ୍ତ ନିୟମବଳରେ ସ୍କାନରକୁ ଚାଲି ଆସିଛନ୍ତି। କେତେକ ସ୍ଥାନରେ ଶାଶୁ। ଶଶୁରଙ୍କୁ ଢାଲ କରି ଜ୍ୱାଇଁ ଟିକସ ଫାଙ୍କିବାକୁ ବ୍ୟବସାୟୀକ କାରବାର କରିଛନ୍ତି। ଏବେ ସେ ଦିଗଟି ବି ପଦାକୁ ବାହାରି ଆସିଥିବାରୁ ବହୁ ଲୋକ କୌଣସି ବ୍ୟବସାୟ ନ କରି ବା ଆୟ ନଥାଇ ରାସନକାର୍ଡ ରୁ ବଂଚିତ ରହିବା ଆଶଙ୍କା ପ୍ରକାଶ ପାଇଛି।ଏଣେ ସରକାରୀ ସ୍ତରରେ ତନାଘନା ରାସନ କାର୍ଡ ହିତାଧିକାରୀଙ୍କ ମହଲରେ ଛନକା

## ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



ଖପ୍ରାଖୋଲ।୧୨।୦୨(ସଂଚାର ବ୍ୟୁରୋ): ଖପ୍ରାଖୋଲ ବ୍ଲକ ଅଧିନସ୍ଥ ଖପ୍ରାଖୋଲ କ୍ଲଷ୍ଟରର ଖପ୍ରାଖୋଲ ପ୍ରାଥମିକ ବିଦ୍ୟାଳୟ ଠାରେ ଗତ ଦୁଇଦିନ ଧରି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ କେନ୍ଦ୍ର ସଂଯୋଜକ ଶ୍ରୀପତି କୁମ୍ଭାରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଉଦ୍ଘାଟନୀ ଦିବସରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀଯୁକ୍ତ ରୁଦ୍ରଦେବ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ । ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କ୍ଷୀରୋଦିନୀ ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଉଦଯାପନୀ ଦିବସରେ ନୂତନ ପେନସନ ଭୋଗୀ ଶିକ୍ଷକ ସଂଘର ସଭାପତି ସୁଶୀଲ କୁମାର ପୋଢ଼ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ଶିକ୍ଷଣ କାର୍ଯ୍ୟକ୍ରମ ରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଯଥା ବିଜୁ ସୁନା। ଧରମ ସିଂ ଧରୁଆ। ଘନଶ୍ୟାମ ପଶାୟତ। ଜଗନ୍ନାଥ ପାଣ୍ଡେ। ମନୋରମା ନାୟକ। ସୁଷମା ମଞ୍ଜରୀ ପାତ୍ର। ଗୀତାଞ୍ଜଳି ସାହୁ। ବିଜୟ କୁମାର ପଟେଲ। ଚନ୍ଦ୍ରକାନ୍ତି ଧରୁଆ ସାମିଲ ହୋଇ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ ।

## ନାବାଳକଙ୍କ ମୃତ୍ୟୁ ଘଟଣା: ବାଲି ଟିପ୍ପର ଚାଳକ ଗିରଫ



ହିଞ୍ଜିଳିକାଟୁ।୧୨।୦୨(ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ବ୍ଲକ ଓ ବେଲଗାଁ ଥାନା ଅଧୀନ ଭାବନ୍ଧ ଛକ ନିକଟରେ ଗତ ରବିବାର ରାତି ୮ଟାରେ ଗାଡି ଧକ୍କାରେ ନାବାଳକ ଆହନ ବେହେରା(୯)ଙ୍କ ମୃତ୍ୟୁ ଘଟିଥିଲା । ଏନେଇ ଥାନାରେ ୩୧/୨୫ ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ଜାରି ରହିଥିଲା । ପୋଲିସ ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଫୁଟେଜକୁ ଯାଞ୍ଚ କରି ଦୁର୍ଘଟଣା ଘଟାଇଥିବା ବାଲି ଟିପ୍ପର ଚାଳକକୁ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଉଛନ୍ତି ପୁରଷୋତ୍ତମପୁର ଥାନା ଅନ୍ତର୍ଗତ ହତାପୁର ଗ୍ରାମର ସୁଶାନ୍ତ ଦାଶ (୩୦) । ଆହନ ଟ୍ୟୁସିନ ସାରି ଘରକୁ ଫେରିବା ସମୟରେ ବାଲି ବୋଝେଇ ଟିପ୍ପର ଧକ୍କା ଦେବା ସହ ତାଙ୍କ ମୁଣ୍ଡ ଉପରେ ଚଢ଼ିଯିବା ଫଳରେ ଘଟଣାସ୍ଥଳରେ ହିଁ ତା'ର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ସୁଶାନ୍ତ ଟିପ୍ପର ନେଇ ଫେରାର ହୋଇଯାଇଥିଲା। ଏହି ଘଟଣା କେନ୍ଦ୍ରକରି ଭାବନ୍ଧ ଛକରେ ଉତ୍ତେଜନା ଦେଖାଦେବା ସହ ଗାଡିଚାଳକଙ୍କୁ ଗିରଫ କରିବା ଓ ମୃତକ ପରିବାରକୁ ଉଚିତ କ୍ଷତିପୂରଣ ଦାବିରେ ଗ୍ରାମବାସୀ ବ୍ରହ୍ମପୁର -ପୁରଷୋତ୍ତମପୁର ମୁଖ୍ୟରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ । ହିଞ୍ଜିଳିକାଟୁ ଅତିରିକ୍ତ ତହସିଲଦାର ସୁରଜ କୁମାର ନାୟକ ଓ ବେଲଗାଁ ଥାନାଧିକାରୀ ସ୍ମିତାଞ୍ଜଳି ପ୍ରଧାନ ଏବଂ ପୁରଷୋତ୍ତମପୁର ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରେଡ଼କ୍ରସ ପାଣ୍ଠିରୁ ମୃତକର ପରିବାରବର୍ଗଙ୍କୁ ୩୦ ହଜାର ଟଙ୍କା ପ୍ରଦାନ କରିଥିଲେ । ଏହା ପରେ ରାତି ୧୧ଟା ବେଳେ ତଥା ୩ଘଣ୍ଟା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା । ତାପରେ ସିସି କ୍ୟାମେରା ଫୁଟେଜକୁ ଯାଞ୍ଚ କରି ପୋଲିସ ଟିପ୍ପର ଚାଳକ ସୁଶାନ୍ତଙ୍କୁ ଗିରଫ କରାଯାଇଛି ନେଇ ବେଲଗାଁ ଥାନା ଅଧିକାରୀ ସ୍ମିତାଞ୍ଜଳି ପ୍ରଧାନ ସୂଚନା ଦେଇଛନ୍ତି ।

## ରୋହିଦାସ ସେବା ସଂଘ ଦ୍ୱାରା ଗୁରୁ ରବିଦାସଙ୍କ ଜୟନ୍ତୀ ପାଳିତ

ସୁନ୍ଦରଗଡ଼। ୧୨।୦୨(ସଂଚାର ବ୍ୟୁରୋ): ଆଜି ୧୨ ଫେବୃଆରି ବୁଧବାର ପୂର୍ବାହ୍ନ ୧୧ ଟା ଠାରୁ ସନ୍ଥଙ୍କ ଏହି ଜନ୍ମ ଜୟନ୍ତୀ ସମାରୋହ ଉତ୍ସବ ଆରମ୍ଭ ହୋଇଛି। ଏ ରୋହିଦାସ ସେବା ସଂଘର କର୍ମୀ ଓ ଉଦ୍ୟକ୍ତା ମାନେ ଭକ୍ତି ପୂତ ମନରେ ନବ ବସ୍ତ୍ର ପରିଧାନ କରି ସନ୍ଥଙ୍କ ଜନ୍ମ ଜୟନ୍ତୀ ପାଳନ କରିଛନ୍ତି। ଏହି ଅବସରରେ ରବିଦାସ ନଗରରେ ସନ୍ଥ ରବିଦାସଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିଛି ରୋହି ଦାସ ସେବା ସଂଘ। ତେବେ ଏହି ଜନ୍ମ ଜୟନ୍ତୀ ସମାରୋହରେ ସୁନ୍ଦରଗଡ଼ ପୌରପାଳିକା ଅଧ୍ୟକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଉପାଧ୍ୟକ୍ଷ୍ୟ ଲଲାଟେନ୍ଦୁ ପରିଡ଼ା। ସଦର ବ୍ଲକ ଭାଇସଚେୟାରମ୍ୟାନ ଅଶ୍ୱିନୀ ନାଏକ। ସମାଜସେବୀ ସୁକାନ୍ତ ରୋହିଦାସ ଯୋଗ ଦେଇଥିଲେ। ତେବେ ଏହି ଉତ୍ସବର ମୁଖ୍ୟ ପୁରୁଧା ଭାବେ ୱାର୍ଡ ନମ୍ବର - ୧୭ ର କାଉନସିଲର ରଜନୀ ରୋହିଦାସ ଯୋଗ ଦେଇଥିଲେ। ସନ୍ଥଙ୍କ ନୀତି ଓ ଆଦର୍ଶ।ତାଙ୍କର ମାର୍ଗ ଦର୍ଶନରେ ନିଜକୁ ଓ ନିଜ ସମାଜକୁ ପରିଚାଳନା କଲେ ଏକ ସଶକ୍ତ ଓ ସମୃଦ୍ଧ ସମାଜ ଗଢି ଉଠିବ ବୋଲି ମୁଖ୍ୟ ଅତିଥି ତାଙ୍କ ଭାଷଣରେ କହିବା ସହ ଉପସ୍ଥିତଙ୍କୁ ଉତ୍ସାହିତ କରିଥିଲେ ।



## ଏଡୁପ୍ରୋ ବୈଷୟିକ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

ଦଶରଥପୁର।୧୨।୨(ସଂଚାର ବ୍ୟୁରୋ): ଦଶରଥପୁର ବ୍ଲକ ବଉଳାଙ୍ଗ ସ୍ଥିତ ଏଡୁପ୍ରୋ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ତିନିଦିନ ଧରି ପାଳିତ ହୋଇଯାଇଛି । ପ୍ରଥମ ଦିନରେ ବ୍ଲକର ୭୦ ରୁ ଊର୍ଦ୍ଧ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ଏବଂ ନାଇଜର ମୁଖ୍ୟ ଡଃ ଅଭୟ କୁମାର ନାୟକ ଓ ଜଗନ୍ନାଥ ସଂସ୍କୃତି ପରିଷଦର କାର୍ଯ୍ୟକାରୀ ସଭ୍ୟ ମିହିର କୁମାର ଜେନା ଯୋଗଦେଇଥିଲେ । ଦ୍ୱିତୀୟ ଦିବସରେ ବ୍ଲକର ବିଭିନ୍ନ କଲେଜ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ତୃତୀୟ ତଥା ଉଯାପନୀ ଦିବସରେ ପୁରସ୍କାର ବିତରଣ ସଭା କରାଯାଇଥିଲା ।ଏଡୁପ୍ରୋ ଶିକ୍ଷାନୁଷ୍ଠାନର ସମ୍ପାଦକ ସତ୍ୟବ୍ରତ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପଦାର୍ଥ ବିଜ୍ଞାନୀ ଡଃ ଶଷଧର ମେଦିନ ସିଂହ ମହାପାତ୍ର। ମୁଖ୍ୟ ବକ୍ତା ଭାବେ ଡଃ ସତ୍ୟରଞ୍ଜନ ନାୟକ। ସମ୍ମାନିତ ଅତିଥିଭାବେ ଦଶରଥପୁର ବ୍ଲକର ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ଅର୍ଣ୍ଣଦା ପ୍ରସାଦ ରଣା। ରମେଶ ଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ଜିଲ୍ଲାରେ ଗଡ଼ିଲା ଶ୍ରମିକ ସଚେତନତା ରଥ



ଜଗତସିଂହପୁର।୧୨।୨ (ସଂଚାର ବ୍ୟୁର): ଆଜି ପୂର୍ବାହ୍ନ ରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ କରାଯାଇଅଛି । ଏହି ଶ୍ରମିକ ସଚେତନତା ରଥକୁ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଇଥିଲେ। ଏହି ସଚେତନତା ରଥ। ଏକ ମାସ ଧରି ଜିଲ୍ଲାର ସମସ୍ତ ବ୍ଲକ। ମୁନିସିପାଲିଟି। ଜନବହୁଳ ସ୍ଥାନ ଓ ନିର୍ମାଣଧୀନ କାର୍ଯ୍ୟ କ୍ଷେତ୍ରରେ ଶ୍ରମ ବିଭାଗର ବିଭିନ୍ନ ଜନାଭିମୁଖୀ ଓ ଶ୍ରମିକ କଲ୍ୟାଣ ଯୋଜନା ଗୁଡିକ ଯଥା ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଓ ଓଡିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ପଞ୍ଜୀକରଣ ଓ ତତସହିତ ପଞ୍ଜୀକୃତ ଶ୍ରମିକଙ୍କ ବିଭିନ୍ନ ସହାୟତା ରାଶି। ପ୍ରବାସୀ ଶ୍ରମିକଙ୍କ ଅଧିକାର ଓ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରୀ ନିୟମ ଓ ଶିଶୁ ଶ୍ରମିକ ନିରୋଧ ଆଇନ ବିଷୟରେ ସଚେତନତା ସୃଷ୍ଟି କରିବ । ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ଶ୍ରୀ ଶିବ ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଏଥିରେ ଶ୍ରୀମତୀ ସ୍ମୃତିରେଖା ନାୟକ। ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ)। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ କାହ୍ନୁ ଚରଣ ରାଉତ । ସହକାରୀ ଶ୍ରମ ଅଧିକାରୀ ଶ୍ରୀ ସନ୍ତୋଷ କୁମାର ମହାନ୍ତି। ଶ୍ରୀ ଶାନ୍ତନୁ କୁମାର ବ୍ରହ୍ମା । ଶ୍ରୀମତୀ ସୌମ୍ୟା ସ୍ଥିତପ୍ରଜ୍ଞା । ଶ୍ରୀ ଦେବାଶିଷ ମିଶ୍ର ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ଇଣ୍ଟରନେଟ ସୁରକ୍ଷା ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ



ସୁନ୍ଦରଗଡ଼।୧୨।୨ (ସଂଚାର ବ୍ୟୁରୋ): ଇଣ୍ଟରନେଟ ସୁରକ୍ଷା ଦିବସ ପାଳନ ଅବସରରେ କିରେଇ ସ୍ଥିତ ସୁନ୍ଦରଗଡ଼ ଯାନ୍ତ୍ରିକ ମହାବିଦ୍ୟାଳୟ ଠାରେ ସାଇବର ସୁରକ୍ଷା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର । ସୁନ୍ଦରଗଡ଼ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଇଣ୍ଟରନେଟର ସଦୁପଯୋଗ କରିବା ସହିତ ସାଇବର ଠକେଇରୁ କିଭଳି ବର୍ତ୍ତି ପାରିବା ସେ ସଂପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ରେ ବିଶେଷ କରି ସାଇବର ସୁରକ୍ଷା। ସାଇବର ଠକେଇ ତଥା ଏହାର ପ୍ରତିକାର ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଛାତ୍ରଛାତ୍ରୀ ମାନେ ଇଣ୍ଟରନେଟ ମାଧ୍ୟମରେ ହେଉଥିବା ବିଭିନ୍ନ ପ୍ରକାର ଠକେଇରୁ କିଭଳି ଭାବେ ସୁରକ୍ଷିତ ରହିବେ ତାହା ଉପରେ ଆଲୋଚନା କରାଯାଇଥିଲା। ସାଇବର ଅପରାଧୀ ମାନେ କିଭଳି ଟଙ୍କା ଠକେଇ କରନ୍ତି। ଅନଲାଇନ୍ ୟୁପିଆଇ ମାଧ୍ୟମରେ ଠକେଇ। କ୍ୟୁଆର୍ କୋଡ ସ୍କାନର ଠକେଇ। ପାର୍ସଲ ନାଁ ରେ ଠକେଇ। ରିଚାର୍ଜ କରିବା ନା ରେ ଠକେଇ। ଇକେୱାୟିସି କରେଇବା ନାଁ ରେ ଠକେଇ। ଡିଜିଟାଲ ଆରେଷ୍ଟ ଆଦି ଉପରେ ମଧ୍ୟ କାର୍ଯ୍ୟକ୍ରମରେ ସଚେତନତା ସୃଷ୍ଟି କରାଯାଇଥିଲା

## ନୟାଗଡ଼ ଡାକ୍ତରଖାନା ପରିସରରେ ସ୍ଥାୟୀ ପାର୍କିଂ ବ୍ୟବସ୍ଥା ପଇଁ କଂଗ୍ରେସର ଦାବି



ନୟାଗଡ଼।୧୨।୦୨(ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଗୁରୁତର ଟ୍ରାଫିକ ସମସ୍ୟା ପ୍ରତ୍ୟହ ଅନୁଭୂତ ହେଉଛି। ଡାକ୍ତରଖାନା ପରିସରରେ ବଡବଡ଼ ଅଟ୍ଟାଳିକା। ଷ୍ଟାଫ କ୍ୱାର୍ଟର ନିର୍ମାଣ ହେବା ପରେ ପବ୍ଲିକ ପାର୍କିଂ। ୧୦୮ ଆମ୍ବୁଲାନ୍ସ। ଘରୋଇ ଆମ୍ବୁଲାନ୍ସ ପାର୍କିଂ ଏପରିକି ହସ୍ପିଟାଲ ଷ୍ଟାଫ ମାନଙ୍କ ଗାଡି ପାର୍କିଂ ପାଇଁ ଧ୍ୟାନ ଦିଆଯାଉ ନାହିଁ ଯାହାଫଳରେ ଜବରଦସ୍ତ ପାର୍କିଂ ସମସ୍ୟା ସମାଧାନ ପାଇଁ ଏବେ ଡାକ୍ତରଖାନା ପରିସରରେ ଥିବା ପୁରୁଣା ସର୍ଜରୀ ୱାର୍ଡ ଭଙ୍ଗା ଯାଉଥିବା ଉଦ୍ଦିଷ୍ଟ ସ୍ଥାନକୁ ପବ୍ଲିକ ପାର୍କିଂ ସ୍ଥଳ ଭାବେ ବ୍ୟବହାର କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ। ନୟାଗଡ଼ ବିଧାୟକ ଡ଼ ଅରୁଣ ସାହୁ। ନୟାଗଡ଼ ଜିଲ୍ଲାପାଳଙ୍କୁ ନୟାଗଡ଼ କଂଗ୍ରେସ ନେତା ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ସାମାଜିକ ଗଣମାଧ୍ୟମ ଦ୍ୱ ଯୋଗେ ପ୍ରସ୍ତାବ ଦେଇଛନ୍ତି। ପ୍ରାୟ ୧୩ ଲକ୍ଷ ଜିଲ୍ଲା ବାସୀ ନିର୍ଭର କରୁଥିବା ଏହି ମୁଖ୍ୟ ଚିକିତ୍ସାଳୟକୁ ପ୍ରତ୍ୟେକ ଦିନ ହଜାରହଜାର ସଂଖ୍ୟାରେ ବିଭିନ୍ନ ବର୍ଗର ରୋଗୀ ଏବଂ ସେମାନଙ୍କ ଆଟେଣ୍ଡାଣ୍ଟ ଆସୁଥିବାରୁ ନିର୍ଦ୍ଦିଷ୍ଟ ପବ୍ଲିକ ପାର୍କିଂ ସ୍ଥାନ ଅଭାବ ଯୋଗୁଁ ଡାକ୍ତରଖାନା ପରିସର ରେ ଟ୍ରାଫିକ ସମସ୍ୟା ବଢ଼ିବଢ଼ି ଚାଲିଛି। ତେଣୁ ଏହାର ସମାଧାନ ଉପରେ ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ ଧ୍ୟାନ ଦେବା ପାଇଁ ଶ୍ରୀ ଦାଶ ଅନୁରୋଧ କରିଛନ୍ତି ।

## ରୋଗ ଯନ୍ତ୍ରଣା ଅସହ୍ୟ ଜୀବନ ହାରିଲେ ଯୁବକ




ମୋହନା।୧୨।୦୨(ସଂଚାର ବ୍ୟୁରୋ): ଭୋ ଭୋ ହୋଇ କାନ୍ଦୁଛି ସ୍ତ୍ରୀ । ପୁଅ କୁ ହରାଇ ମା' ବି ବାହୁନି ବାହୁନି କାନ୍ଦୁଛି । ଶରୀର ଅସୁସ୍ଥ ଥିଲା। ରୋଗ ଯନ୍ତ୍ରଣାରେ ପଡ଼ି ଛଟପଟ ହେଉଥିଲେ। ରୋଗ ଭଲ ନହେବାରୁ ଶେଷରେ ଜୀବନ ହାରିଲେ ଯୁବକ । ଏଭଳି ଏକ ଅଭାବନୀୟ ଘଟଣା ଦେଖିବା ପାଇଁ ମିଳିଛି ଗଜପତି ଜିଲ୍ଲା ମୋହନା ଥାନା ମାଳାସପଦର ପଞ୍ଚାୟତ ଅନ୍ତର୍ଗତ ରୋଜାଙ୍ଗୀ ଗାଁରେ । ଗାଁର ଲୋକନାଥ ଗମାଙ୍ଗ ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ ସମୟ ଧରି ଅଜଣା ରୋଗରେ ପୀଡିତ ଥିଲେ। ପରିବାର ଲୋକେ ତାଙ୍କୁ ମୋହନାଠାରୁ ଆରମ୍ଭ କରି ବ୍ରହ୍ମପୁର ବଡ଼ ମେଡିକାଲ ପର୍ଯ୍ୟନ୍ତ ଦେଖାଇ ଚିକିତ୍ସା କରିଥିଲେ କିନ୍ତୁ ରୋଗ ଭଲ ନହେବାରୁ ଗାଁରେ ଚେର ମୂଳିକା ଚିକିତ୍ସା କରିଥିଲେ ପରିବାର ଲୋକେ କିନ୍ତୁ ସେଥିରେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଦିନକୁ ଦିନ ରୋଗ ବଢ଼ିବାରେ ଲାଗିଥିଲା । ନିଜ ଜୀବନ ଉପରେ ବିରକ୍ତ ପ୍ରକାଶ କରି ଶେଷରେ ନେଇଗଲେ ଏପରି ନିଷ୍ପତ୍ତି । ମଙ୍ଗଳବାର ଦିନ ଲୋକନାଥ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଯାଇ ଜୀବନ ଶେଷ କରିବା ଔଷଧ ପିଇଦେଇଥିଲେ। ବହୁ ଖୋଜାଖୋଜି ପରେ ଲୋକନାଥଙ୍କୁ ମୁମୂର୍ଷୁ ଅବସ୍ଥାରେ ବୁଧୁବାର ସକାଳ ସମୟରେ ଲୋକନାଥଙ୍କୁ ପରିବାର ଲୋକେ ଜଙ୍ଗଲରୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏନେଇ ମୋହନା ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ନିଶାସକ୍ତ ସ୍ୱାମୀ ପାଇଁ ପ୍ରାଣ ହାରିଲା ସ୍ତ୍ରୀ

ସୋର।୧୨।୨(ସଂଚାର ବ୍ୟୁରୋ): ସ୍ୱାମୀର ମଦ ପିଇବା ସହିନପାରି ସ୍ତ୍ରୀର ଆତ୍ମହତ୍ୟା । ଏଭଳି ଏକ ଘଟଣା ଘଟିଛି ସୋର ଉତ୍ତରେଶ୍ୱର ଅଞ୍ଚଳରେ । ମୃତକ ହେଉଛନ୍ତି ସଂଜୁଲତା ନାୟକ। ସୂଚନାନୁସାରେ କପ୍ତିପଦା ଥାନା ଅଂଚଳର ସଂଜୁଲତା ନାୟକ ଓ ତାଙ୍କ ସ୍ୱାମୀ ଅନାଦି ନାୟକ ଉତ୍ତରେଶ୍ୱରରେ ରହୁଥିଲେ। ଅନାଦି ଅନେକ ସମୟରେ ମଦ୍ୟପାନ କରି ସଂଜୁଲତାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି । ଗତକାଲି ଅନାଦି ମଦ ପିଇ ଆସିବା ପରେ ସ୍ତ୍ରୀ ତାଙ୍କୁ ବାରଣ କରିଥିଲେ । ଆଉ କେବେ ମଦ ପିଇଲେ ଜୀବନ ହାରିଦେବେ ବୋଲି କହିଥିଲେ । ହେଲେ ଆଜି ସକାଳେ ପୁଣି ଅନାଦି ମଦ ପିଇବାକୁ ପଳାଇଥିଲେ । ଏହାପରେ ସଂଜୁଲତା ପ୍ରଥମେ ବିଷ ପିଇବା ପରେ ଜୀବନ ହାରି ଦେଇଥିଲେ । କବାଟ ନଖୋଲିବାରୁ କବାଟ ଭାଙ୍ଗି ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଘଟଣା ସ୍ଥଳରେ ସୋର ଥାନା ପୋଲିସ ଘଟଣାର



## ଦୋକାନ ଉପରେ ମାଡିଗଲା କାର୍ । ଦୁଇ ମୃତ



ସୋର।୧୨।୨(ସଂଚାର ବ୍ୟୁରୋ): ଦୋକାନ ଘର ଉପରେ ମାଡିଗଲା କାର୍ । ଦୁଇ ମୃତ । ନୟାଗଡ଼ ଇଟାମାଟି ଥାନା ଅଞ୍ଚଳରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। କାର୍ ଭିତରେ ଥିବା ଜଣେ ବ୍ୟକ୍ତି ଓ ଜଣେ ପଥଚାରୀଙ୍କର ମୃତ୍ୟୁ ହୋଇଛି । ପଥଚାରୀକୁ ଧକ୍କା ଦେଇ ଦୋକାନକୁ ପଶିଯାଇଥିଲା କାର। ଗତକାଲି ବିଳମ୍ବିତ ରାତିରେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ସାଗୁରୁ ଗାଁର ସୂର୍ଯ୍ୟକାନ୍ତ ପ୍ରଧାନ ଓ ଅନ୍ୟ ଦୁଇ ଯୁବକ କାର ଯୋଗେ ନୟାଗଡରୁ ଶାଗୁରୁ ଗାଁକୁ ଯାଉଥିଲେ। ଇଟାମାଟି ନିକଟରେ ଏକ ଟ୍ରକକୁ ଓଭର ଟେକ୍ କରୁଥିବା ବେଳେ ଜଣେ ପଥଚାରୀଙ୍କୁ ଧକ୍କା ଦେଇଥିଲେ। କାର ପଛରେ ବସିଥିବା ସୂର୍ଯ୍ୟକାନ୍ତଙ୍କ ଛାତିରେ ଆଘାତ ଲାଗିଥିଲା ।

### ସରକାରୀ କର୍ମଚାରୀ ଆଚରଣ ନିୟମ ଉଲଂଘନ କରିଛନ୍ତି ଡିଡ଼ବ୍ଲୁଓ

## ଅଭିଯୋଗ ଟାଇମିଙ୍ଗ ନେଇ ସନ୍ଦେହ ଘେରରେ ଅଧିକାରୀଙ୍କ ଭୂମିକା

ରାୟଗଡ଼ା,୧୨।୨(ସଂଚାର ବ୍ୟୁରୋ): ଜଣେ କାର୍ଯ୍ୟରତ ସରକାରୀ କର୍ମଚାରୀ ଉପରିସ୍ଥ ଅଧିକାରୀଙ୍କ ଆଦେଶ ବିରୁଦ୍ଧରେ ଗଣମାଧ୍ୟମକୁ ଯିବା କୁ ନେଇ ଏବେ ଚର୍ଚ୍ଚାର ପରିଧି ମଧ୍ୟରେ ରାୟଗଡ଼ା ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ ଓ ଡିଡ଼ବ୍ଲୁଓ ରାୟଗଡ଼ା ଜଣେ ସରକାରୀ କର୍ମଚାରୀ ହୋଇଥିବା ସ୍ଥଳେ ସରକାରୀ କର୍ମଚାରୀ ଆଚରଣ ନିୟମ ଉଲଂଘନ କରିଛନ୍ତି ବୋଲି ବୁଦ୍ଧିଜୀବୀଙ୍କ ଗୋଟିଏ ବର୍ଗ ମତ ରଖିଥିବା ବେଳେ ଅନ୍ୟ ବର୍ଗ ତାଙ୍କ ଟାଇମିଙ୍ଗ ନେଇ ମଧ୍ୟ ସନ୍ଦେହ କରାଯାଉଥିବା କୁହାଯାଉଛି ଓ ପ୍ରକାଶଥାଉକି ତା ୨୮. ୧. ୨୫। ପତ୍ର ସଂଖ୍ୟା ୨୨୮/୨୦୨୫ ମାଧ୍ୟମରେ ରେ ଜିଲ୍ଲାପାଳ ରାୟଗଡ଼ା। ଡିଡ଼ବ୍ଲୁଓ ଅସୀମା ରାଓଙ୍କୁ ନିଜ ଦାୟତ୍ୱରୁ ରିଲିଫ କରିଥିଲେ ଯାହାପର ଠାରୁ ଏହା ଚର୍ଚ୍ଚା ର ବିଷୟ ହୋଇଛି ଓ ଜଣେ କାର୍ଯ୍ୟରତ ଅଧିକାରୀ ଭାବେ। ଜିଲ୍ଲାପାଳଙ୍କ ତରଫରୁ ଚାପ। ରିଲିଫ ନିର୍ଦ୍ଦେଶ ବିରୁଦ୍ଧରେ ସେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ରେ ଅଭିଯୋଗ କରିବା ପୂର୍ବରୁ ବିଭାଗୀୟ ପ୍ରକ୍ରିୟା ପ୍ରତି କିପରି ଧ୍ୟାନ ଦେଲେ ନାହିଁ ତାହାକୁ ନେଇ ବୁଦ୍ଧିଜୀବୀ ନିଜର ମତ ଦେଇଛନ୍ତି ଓ ବିଭାଗୀୟ ପ୍ରକ୍ରିୟା ଆଧାର ରେ ଜିଲ୍ଲା ମଙ୍ଗଳ ଅଧିକାରୀ ଜିଲ୍ଲାପାଳଙ୍କ ଚାପ ଓ ଅନୀତି ବିରୁଦ୍ଧରେ ପ୍ରାଥମିକ ସ୍ତର ରେ ଉଚ୍ଚ ପଦସ୍ଥ ଅଧିକାରୀ। ବିଭାଗୀୟ ସଚିବଙ୍କ। ନିର୍ଦ୍ଦେଶକଙ୍କ ଠାରେ ଅପିଲ କରିବାର ବିଦ୍ଧିବଦ୍ଧ ପ୍ରକ୍ରିୟା ରହିଛି ଓ ଉପରିସ୍ଥ ଅଧିକାରୀ ଯଦି ଅଭିଯୋଗ ପ୍ରତି କୌଣସି ଦୃଷ୍ଟି ନ ଦିଅନ୍ତି ତେବେ ସମ୍ବିଧାନିକ ଅଧକାର ଆଧାର ରେ ସେ ମାନ୍ୟବର ଅଦାଲତଙ୍କ ଦ୍ୱାରସ୍ଥ ହେବା କଥା ଓ କିନ୍ତୁ ଏହି କ୍ଷେତ୍ରରେ ଆଦେଶ ର ଦୁଇ ଦିନ ମଧ୍ୟରେ ଗଣମାଧ୍ୟମକୁ ଯିବା 'ଓଡିଶା ସରକାରୀ କର୍ମଚାରୀଙ୍କ ଆଚରଣ ନିୟମ ୧୯୫୯' ର ଉଲଂଘନ ବୋଲି ବିଶେଷଜ୍ଞଙ୍କ ମତ ଓ ତେବେ ଏତେ ତରବରିଆ ଭାବେ ଅଧିକାରୀ ଜଣକ ଗଣମାଧ୍ୟମ ସାମ୍ନାକୁ କାହିଁକି ଗଲେ। ରିଲିଫ ନିର୍ଦ୍ଦେଶ ପରେ ଜିଲ୍ଲାପାଳଙ୍କ ପ୍ରତି ଅଭିଯୋଗ କାହିଁକି ଆଣିଲେ। ସେ କାହିଁକି ଏତେ ଦିନ ଧରି ନିରବ ରହିଲେ ଏବଂ ରିଲିଭିଂ ଅର୍ଡର ପରେ ହଠାତ୍ ଗଣମାଧ୍ୟମ ପାଖକୁ ଯାଇଥିଲେ ଓ ଏଥି ପୂର୍ବରୁ ସେ ଜିଲ୍ଲାପାଳଙ୍କ ବିରୁଦ୍ଧରେ ଫାଇଲ ରେ ଦସ୍ତଖତ ନେଇ ଚାପ। ମାନସିକ ଯନ୍ତ୍ରଣା ଆଦିକୁ ନେଇ ଅଭିଯୋଗ କରିଛନ୍ତି ନା ନାହିଁ ଏହା ବର୍ତ୍ତମାନ ଏକ ବଡ଼ ପ୍ରଶ୍ନ ବୋଲି ବିଶେଷଜ୍ଞଙ୍କ ମତ। ତେବେ ନିଜ ବିଭାଗର ଦୋଷ ଦୁର୍ବଳତା କୁ ଲୁଚାଇବାକୁ ଯାଇ ଅଧିକାରୀ ଜଣକ ଏଭଳି ଅଭିଯୋଗ ଆଣିଥିବା ଅନୁମାନ କରାଯାଉଥିବା ବେଳେ ନିକଟରେ ବିଷମକଟକ ସ୍ଥିତ ଗତିଗୁଡା ଆଶ୍ରମ ବିଦ୍ୟାଳୟରେ ଜଣେ ଛାତ୍ର ଆତ୍ମହତ୍ୟା ପରେ ଉତ୍ତେଜିତ ଲୋକଙ୍କ ଶିକ୍ଷକକୁ ଆକ୍ରମଣ କରିବା ଘଟଣା ଓ ଏହା ସତ୍ତ୍ୱେ ଉକ୍ତ ଶିକ୍ଷକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ନ କରିବା। ସମରଲେଣ୍ଡି ଆଶ୍ରମ ବିଦ୍ୟାଳୟରେ ୨ଶ୍ରେଣୀର ଛାତ୍ର ସଙ୍ଗେ ଘଟି ଥିବା ଅମାନବୀୟ ଘଟଣାକୁ ଚପାଇଦେବାର ଉଦ୍ୟମ କରିବା। ବିଭାଗୀୟ ଫାଇଲ ଗୁଡିକରେ ବର୍ତ୍ତମାନ ସୁଦ୍ଧା ଗୋଟିଏ ମଧ୍ୟ ଦସ୍ତଖତ ନ ହେବା। ତାଙ୍କ ଟୁର ଚାର୍ଟ। ଟେବୁଲ ରେ କୁଢ଼ କୁଢ଼ ଫାଇଲ ଗଦା ହେବା। ସମୀକ୍ଷା ବୈଠକ। ଅଭିଯୋଗ ଶୁଣାଣି ଆଦି ରେ ଅନୁପସ୍ଥିତ ରହିବା। ନିଜ କାର୍ଯ୍ୟାଳୟ ପରିବର୍ତ୍ତେ ରାଜଧାନୀରେ ଅଧିକାଂଶ ସମୟ ଉପସ୍ଥିତ ରହିବା ଆଦି ଘଟଣାକୁ ନେଇ ତାଙ୍କ ଭୂମିକା ବିବାଦ ଘେରରେ ଥିବା ସନ୍ଦେହ କରାଯାଉଥିଲା ।

## ଭବିଷ୍ୟତ ପାଠ୍ୟକ୍ରମ ଓ ଜୀବନ ଜୀବିକା ସମ୍ବନ୍ଧୀୟ ଆଲୋଚନାଚକ୍ର



ବୈଶିଙ୍ଗା।୧୨।୨(ସଂଚାର ବ୍ୟୁରୋ): ସ୍ଥାନୀୟ ଅଁଳା ହାୟାର ସେକେଣ୍ଡାରୀ ସ୍କୁଲ ଓ ବିଦ୍ୟାର୍ଥୀ କଲେଜ ବାଲେଶ୍ୱରର ମିଳିତ ଉଦ୍ୟମରେ+ ୨ ଶେଷ ବର୍ଷ ର ଛାତ୍ରଛାତ୍ରୀ ନିମନ୍ତେ ଭବିଷ୍ୟତ ପାଠ୍ୟକ୍ରମ ଓ ଜୀବନ ଜୀବିକା ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ବିଦ୍ଯାର୍ଥୀ କଲେଜର ସଭାପତି ରାଜ କିଶୋର ମିଶ୍ର ଅଧ୍ଯକ୍ଷତା କରି ପ୍ରାରମ୍ଭରେ ଧନ୍ଦା ମୂଳକ ଶିକ୍ଷା ବିଷୟରେ ଆଲୋକପାତ କରିଥିଲେ। ମହା ବିଦ୍ୟାଳୟର ଅଧ୍ୟକ୍ଷ ସମୀର କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଧନ୍ଦା ମୂଳକ ଶିକ୍ଷା ଓ ତାର ବିଶେଷ୍ୟତ ତଥା ଉପଯୁକ୍ତ ନିଯୁକ୍ତି ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଆଲୋକପାତ କରାଇ ଥିଲେ । ଆଲୋଚନାଚକ୍ରକୁ ବିଦ୍ୟାର୍ଥୀ କଲେଜର ସଂଯୋଜକ ଗୌରୀଶଙ୍କର ଶତପଥୀ ପରିଚାଳନା କରିଥିଲେ। ଏହି ଆଲୋଚନାଚକ୍ରରେ ଶିକ୍ଷାବିତ ରାଜକିଶୋର ମିଶ୍ର ଯୁକ୍ତଦୁଇ ପରର ଧନ୍ଦାମୂଳକ ଶିକ୍ଷା। ସ୍କିଲ ଡେଭେଲପ୍ମେଣ୍ଟ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରି ଥିଲେ । ବିଦ୍ୟାର୍ଥୀ କଲେଜ ତରଫରୁ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ପରଫରମେନ୍ସ ଆପ୍ଲିଟ୍ୟୁଡ (ଭି ପାଟ) ଟେଷ୍ଟ କରାଯାଇଥିଲା। ସଭା ପରିଚାଳନା ରେ. ଅଧ୍ୟାପକ ରବୀନ୍ଦ୍ର କୁମାର ରାଉଳ। ନିର୍ମଳ କୁମାର ସାମଲ। ଗଣେଶ ଚନ୍ଦ୍ର ପ୍ରଧାନ। ରାଜେଶ ବେଜ ସୂର୍ଯ୍ୟଚନା ମହାନ୍ତି

## ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ପର୍ଯ୍ୟଟକଙ୍କୁ ଆକ୍ରମଣ

ନୀଳଗିରି।୧୨।୨(ସଂଚାର ବ୍ୟୁରୋ): ପଞ୍ଚଲିଙ୍ଗେଶ୍ୱର ପୀଠରେ ପର୍ଯ୍ୟଟକଙ୍କୁ ଦୋକାନୀ ଆକ୍ରମଣ କରିଥିବାର ଅଭିଯୋଗ। ଗତ ଫେବୃଆରି ୧୦ରେ ବାଲେଶ୍ୱର ସହର ସହଦେବଖୁଣ୍ଟା ଅଞ୍ଚଳର ରଞ୍ଜିତା ପରମାଣିକଙ୍କ ପରିବାର ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ଆସି ନିର ଶଯ୍ୟାରେ ବିଜେ ମହାଦେବଙ୍କୁ ପୂଜାର୍ଚ୍ଚନା କରି ଫେରିବା ବେଳେ ରାସ୍ତା ପାର୍ଶ୍ୱରେ ଥିବା ଏକ ଦୋକାନରୁ ଖେଳଣା କିଣୁଥିଲେ। ତେବେ ରଞ୍ଜିତାଙ୍କ ଅଢେଇ ବର୍ଷର ନାତି ରଞ୍ଜିତାଙ୍କ ଅଜ୍ଞାତରେ ଏକ ସାପ ଖେଳନା ନେଇ ଦୋକାନ ଠାରୁ କିଛି ଦୂରକୁ ଆସିଥିବା ବେଳେ ହଠାତ୍ ୪ ଘଟିକା ସମୟରେ ଦୋକାନୀ ବିନୋଦ ସେଠି ଖେଳଣା ଚୋରି ଅଭିଯୋଗ ଆଣି ଗାଳି ଗୁଲଜ କରିଥିଲେ। ଏକଥା ଜାଣି ରଞ୍ଜିତା ଓ ତାଙ୍କ ପରିବାର ଲୋକ ସେହି ଦୋକାନିକୁ ବୁଝା ସୁଝା କରି ସେହି ସାପ ଖେଳଣାର ମୁଲ୍ଯ ଦେବାର କଥା କହିବା ପରେ ମଧ୍ୟସେ କିଛି ନଶୁଣି ପାଖ ଦୋକାନୀଙ୍କୁ ଡାକି ଆକ୍ରମଣ କରିଥିଲେ। ଫଳରେ ରଞ୍ଜିତାଙ୍କ ସ୍ୱାମୀ। ୨ ଝିଅ ଓ ପୁଅ ଆହତ ହୋଇଥିବା ବେଳେ ବଡଝିଅ ବେକରୁ ଏକ ୯ଗ୍ରାମର ସୁନା ଚେନକୁ ଛିଣ୍ଡାଇ ନେଇଥିଲେ ଦୋକାନି ଶ୍ରୀ ସେଠି ଓ ତାଙ୍କର କିଛି ସହଯୋଗୀ। ତେବେ ଏନେଇ ମଙ୍ଗଳବାର ନୀଳଗିରି ଥାନାରେ ଅଭିଯୋଗ ହୋଇଛି। ଅପରପକ୍ଷରେ ଦୋକାନୀ ବିନୋଦ ସେଠୀଙ୍କ ସ୍ତ୍ରୀ ସୁଲଚନା ସେଠୀ ଏକ ପାଲଟା ଅଭିଯୋଗ କରିଛନ୍ତିକି ତାଙ୍କ ଦୋକାନରୁ ସାପ ଖେଳନା ଚୋରି ଧରାପଡିବା ପରେ ରଞ୍ଜିତା ପରମାଣିକଙ୍କ ପରିବାର ଲୋକ ଆମ ଉପରେ ଆକ୍ରମଣ କରି ଆମର ଏକ ସୁନାଚେନକୁ ଛିଣ୍ଡାଇଛନ୍ତି। ଫଳରେ ପୋଲିସ ଉଭୟ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଏନେଇ ନୀଳଗିରି ଥାନାରେ ୫୯/୨୫ ଓ ୬୦/୨୫ରେ ଦୁଇଟି ପୃଥକ ପୃଥକ ଭାବେ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

## ଗଛକୁ ପିଟି ବାଇକଆରୋହୀଙ୍କ ମୃତ୍ୟୁ

ନୀଳଗିରି।୧୨।୨(ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ ଅଯୋଧ୍ୟା ଅଞ୍ଚଳର ଜଣେ ଯୁବକ ବାଇକରେ ଯାଉଥିବା ସମୟରେ ରାସ୍ତାପାର୍ଶ୍ୱରେ ଥିବା ଏକ ନିମ୍ବଗଛକୁ ଧକ୍କଦେବା ଫଳରେ ଘଟଣାସ୍ଥଳରେ ଯୁବକଙ୍କ ଜୀବନ ଯାଇଥିବା ଜଣାପଡିଛି। ସୂଚନା ମୁତାବକ ଅଯୋଧ୍ୟା ପଞ୍ଚାୟତ ଗୋପାଳପୁର ଗ୍ରାମର ସନ୍ତୋଷ ବେହେରାଙ୍କ ପୁଅ ସୁକୁମାର ବେହେରା ଓ.ଡି ୧୧- ଏଫ୍ ୨୬୯୩ନଂ ଏକ ବାଇକରେ ବାଲିପାଳ ଅଯୋଧ୍ୟା ରାସ୍ତାରେ ଯାଉଥିବା ବେଳେ ଅଯୋଧ୍ୟା ନିକଟରେ ଥିବା ଏକ ନିମ୍ବଗଛକୁ ଧକ୍କାଦେବା ଫଳରେ ଘଟଣାସ୍ଥଳରେ ସୁକୁମାରଙ୍କ ମୃତ୍ୟୁହୋଇଥିବା ସୂଚନା ମିଳିଛି। ତେବେ ଯୁବକଙ୍କୁ ନୀଳଗିରି ମେଡିକାଲ ଅଣାଯାଇଥିବା ବେଳେ ଡ଼ାକ୍ତର ମୃତ ଘୋଷଣା କରିଛନ୍ତି।